ବର୍ଷ-୨୫, ସଂଖ୍ୟା-୧୪୪
ଭୁବନେଶ୍ୱର
୨୭, ମଇ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 144
Bhubaneswar
27,May, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଅଭିନେତ୍ରୀ ମାହିରାଙ୍କୁ ଅସଦାଚରଣ



## ବାଂଲାଦେଶ ସୀମାରେ ଏସ୍-୪୦୦, ରାଫେଲ ମୁତୟନ

**ନୂଆଦିଲ୍ଲୀ,୨୬।୫(ମହାଭାରତ):** ପାକିସ୍ତାନକୁ ଶିକ୍ଷା ଦେବା ପରେ ଭାରତ ଏବେ ବାଂଲାଦେଶ ଉପରେ ନଜର ପକାଇଛି। ବାଂଲାଦେଶ ବାରମ୍ବାର ଭାରତକୁ ଧମକ ଦେଉଥିବାରୁ ଭାରତ ସତର୍କ ହୋଇଉଠିଛି। ବିଶେଷକରି ସିଲିଗୁଡ଼ି କରିଡୋର ନିକଟରେ ବାଂଲାଦେଶ ଚୀନ ସହଯୋଗରେ ଏକ ପୁରୁଣା ବିମାନଘାଟିର ନବୀକରଣ କରାଯାଉଥିବା ସୂଚନା ମିଳିବା ପରେ ଭାରତର ସାମରିକ ବାହିନୀ ସତର୍କ ହୋଇଯାଇଛି। ଭାରତୀୟ ସେନା ସିଲିଗୁଡ଼ି କରିଡରରେ ରୁଷ ନିର୍ମିତ ଏସ-୪୦୦ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ମୁତୟନ କରିଛି। ଏହି କରିଡରକୁ ଚିକେନ୍ ନେକ୍ ମଧ୍ୟ କୁହାଯାଏ। ଏହା ମାତ୍ର ୨୦-୨୨ କିଲୋମିଟର ଚଉଡା ଏବଂ ଏହା ଉତ୍ତର-ପୂର୍ବକୁ ଭାରତ ସହିତ ସଂଯୋଗ କରୁଥିବା ଏକମାତ୍ର କରିଡର ଏସ-୪୦୦ ସହିତ, ହାସିମାରା ବାୟୁସେନା ଘାଟିରେ ରାଫେଲ ଯୁଦ୍ଧ ବିମାନର ଏକ ସ୍କ୍ୱାର୍ଡନ ମଧ୍ୟ ମୁତୟନ କରାଯାଇଛି। ଭାରତୀୟ ସେନା ସିଲିଗୁଡ଼ି କରିଡରରେ ରୁଷ ନିର୍ମିତ ଏସ-୪୦୦ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ ମୁତୟନ କରିଛି। ଏହି କରିଡରକୁ ଚିକେନ୍ ନେକ୍ ମଧ୍ୟ କୁହାଯାଏ। ଏହା ମାତ୍ର ୨୦-୨୨ କିଲୋମିଟର ଚଉଡା ଏବଂ ଏହା ଉତ୍ତର-ପୂର୍ବକୁ ଭାରତ ସହିତ ସଂଯୋଗ କରୁଥିବା ଏକମାତ୍ର କରିଡର।

# ପାକିସ୍ତାନକୁ ପୁଣି ଧମକ ଦେଲେ ମୋଦୀ

ନୂଆଦିଲ୍ଲୀ,୨୬।୫(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଗୁଜରାଟର ଭୁଜରେ ୫୩,୪୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଅନେକ ଗୁଡ଼ିଏ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ ସହିତ ଦେଶକୁ ଉତ୍ସର୍ଗ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ପାକିସ୍ତାନ ଉପରେ ତୀବ୍ର ଆକ୍ରମଣ କରି ଅଭିଯୋଗ କରିଛନ୍ତି ଯେ, ପାକିସ୍ତାନ ଆତଙ୍କବାଦକୁ ରାଷ୍ଟ୍ରୀୟ ନୀତିର ଅସ୍ତ୍ର ଭାବେ ବ୍ୟବହାର କରୁଛି ଏବଂ ଭାରତର ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତିକୁ ପୁନର୍ବାର ଦୃଢ଼ କରିଛନ୍ତି। ଶାନ୍ତିରେ ବଞ୍ଚ ଓ ଅନ୍ୟକୁ ବଞ୍ଚିବାକୁ ଦିଅ, ନହେଲେ ଭାରତୀୟ ଗୁଳିର ସାମ୍ନା କରିବାକୁ ପ୍ରସ୍ତୁତ ରୁହ ବୋଲି କହିଛନ୍ତି।

ଗୁଜରାଟର ଭୁଜ୍‌ରେ ଏକ ରାଲିରେ ଭାଷଣ ଦେଇ ପ୍ରଧାନମନ୍ତ୍ରୀ ମୋଦି ଭାରତର ପର୍ଯ୍ୟଟନ-ଆଧାରିତ ଦୃଷ୍ଟିକୋଣକୁ ପାକିସ୍ତାନର ଆତଙ୍କବାଦ-କେନ୍ଦ୍ରୀୟ ମାନସିକତା ସହ ତୁଳନା କରିଛନ୍ତି। ଭାରତ ପର୍ଯ୍ୟଟନରେ ବିଶ୍ୱାସ କରେ। ପର୍ଯ୍ୟଟନ ଲୋକଙ୍କୁ ଏକତ୍ର କରେ କିନ୍ତୁ ପାକିସ୍ତାନ ଭଳି ଦେଶ ଆତଙ୍କବାଦକୁ ପର୍ଯ୍ୟଟନ ମନେ କରେ ଏହା ବିଶ୍ୱ ପାଇଁ ଏକ ବଡ଼ ଧମକ, ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପାକିସ୍ତାନକୁ କଡ଼ା ଚେତାବନୀ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି, ଶାନ୍ତିରେ ବଞ୍ଚ ଓ ଅନ୍ୟକୁ ବଞ୍ଚିବାକୁ ଦିଅ, ନହେଲେ ଭାରତୀୟ ଗୁଳିର ସାମ୍ନା କରିବାକୁ ପ୍ରସ୍ତୁତ ରୁହ। ଖୁସିରେ ଜୀବନ ଯାପନ କର, ରୁଟି ଖାଅ, ନହେଲେ ମୋର ଗୁଳି ତ ଅଛି ହିଁ, ବୋଲି ସେ କହିଛନ୍ତି।

ପାକିସ୍ତାନ-ଆଧାରିତ ଆତଙ୍କବାଦୀ ସଂଗଠନଙ୍କ ବିରୁଦ୍ଧରେ ସମ୍ପ୍ରତି ହୋଇଥିବା ସାମରିକ ଅଭିଯାନକୁ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ



ଅପରେସନ୍ ସିନ୍ଦୁର ଭାରତର ନୀତିକୁ ସ୍ପଷ୍ଟ କରିଛି ଯିଏ ଆମକୁ ରକ୍ତାକ୍ତ କରିବ, ସେ ସମାନ ପ୍ରତିକ୍ରିୟାର ସାମ୍ନା କରିବ। କୌଣସି ମୂଲ୍ୟରେ ସେମାନଙ୍କୁ ଛଡ଼ାଯିବ ନାହିଁ।ଅପରେସନ୍ ସିନ୍ଦୁର ହେଉଛି ମାନବତାକୁ ରକ୍ଷା କରିବା ଓ ଆତଙ୍କବାଦର ଅନ୍ତ ଘଟାଇବାର ଏକ ମିଶନ, ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଜମ୍ମୁ ଓ କାଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ କ'ଣ କଲେ ତାହା ଚିନ୍ତା କରନ୍ତୁ। ଭାରତ କ'ଣ ଚୁପ୍ ରହିପାରିବ? କ'ଣ ମୋଦୀ ଚୁପ୍ ରହିପାରିବେ? ଯଦି କେହି ଆମ ଭଉଣୀମାନଙ୍କର ସିନ୍ଦୂର ପୋଛିବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କର ମୂଳପୋଛ ହେବା ନିଶ୍ଚିତ। ତେଣୁ, ଅପରେସନ ସିନ୍ଦୂର କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ। ଏହା ଆମର ଭାରତୀୟ ମୂଲ୍ୟବୋଧ ଏବଂ ଆମର ଭାବନାର ପ୍ରକାଶ। ଆତଙ୍କବାଦୀମାନେ ୧୪୦ କୋଟି ଭାରତୀୟଙ୍କୁ ଚ୍ୟାଲେଞ୍ଜ କରିଥିଲେ। ଯେହେତୁ ଦେଶବାସୀ ମୋତେ ପ୍ରଧାନ ସେବକର ଦାୟିତ୍ୱ ଦେଇଥିଲେ, ତେଣୁ ତାହା କରାଗଲା।

ସେ ଆହୁରି କହିଛନ୍ତି, ଯେଉଁମାନେ ଆତଙ୍କବାଦ ବିସ୍ତାର କରୁଥିଲେ ସେମାନେ ସ୍ୱପ୍ନରେ ମଧ୍ୟ କଳ୍ପନା କରିନଥିଲେ ଯେ ମୋଦୀଙ୍କ ସହିତ ଲଢ଼ିବା ଏତେ କଷ୍ଟକର ହୋଇପାରେ। ୨୨ ତାରିଖରେ ଯେଉଁ ଖେଳ ଖେଳିଥିଲେ ତାହାକୁ ଆମେ ବିଫଳ କରିଦେଲୁ। ଆମର ସେନା ପାକିସ୍ତାନୀ ସେନାକୁ ପରାସ୍ତ କଲା। ଆମେ ଦେଶର ସେନାର ସାହସକୁ ସଲାମ କରୁଛୁ। ସେହି ଦେଶର ଏକମାତ୍ର କାମ ହେଉଛି ଭାରତ ପ୍ରତି ଶତ୍ରୁତା। ସେ କହିଥିଲେ, ଦେଶର ପ୍ରଗତି ପାଇଁ ଯାହା ଆବଶ୍ୟକ, ଆମେ ତାହାକୁ ଭାରତରେ ହିଁ ତିଆରି କରିବା ଉଚିତ, ଏହା ସମୟର ଆବଶ୍ୟକତା। ଆଜି ଆମେ ଖେଳଣାଠାରୁ ଆରମ୍ଭ କରି ସାମରିକ ଅସ୍ତ୍ରଶସ୍ତ୍ର ପର୍ଯ୍ୟନ୍ତ ସବୁକିଛି ବିଶ୍ୱର ବିଭିନ୍ନ ଦେଶକୁ ରପ୍ତାନୀ କରୁଛୁ। ଆଜି ଭାରତ ରେଳ, ମେଟ୍ରୋ ଏବଂ ଏଥିପାଇଁ ଆବଶ୍ୟକ ପ୍ରଯୁକ୍ତିବିଦ୍ୟା ତିଆରି କରେ ଏବଂ ବିଶ୍ୱକୁ ମଧ୍ୟ ରପ୍ତାନୀ କରେ। କିଛି ସମୟ ପୂର୍ବରୁ ଏଠାରେ ହଜାର ହଜାର କୋଟି ଟଙ୍କାର ପ୍ରକଳ୍ପ ଉଦଘାଟନ ଏବଂ ଶିଳାନ୍ୟାସ କରାଯାଇଥିଲା। କିଛି ଲୋକ ଗାଳି କରିବାର ଅଭ୍ୟାସରେ ପଡ଼ିଯାଇଛନ୍ତି। ସେମାନେ କହୁଥିଲେ ଯେ ନିର୍ବାଚନ ଆସିଗଲା, ମୋଦୀ ଜୀ ଶିଳାନ୍ୟାସ କଲେ, କିଛି ନିର୍ମାଣ ହେବ ନାହିଁ। ଆଜି, ତିନି ବର୍ଷ ପରେ, ଏହି କାରଖାନାରେ ପ୍ରଥମ ବୈଦ୍ୟୁତିକ ଲୋକୋମୋଟିଭ୍ ତିଆରି ହୋଇଛି, ଆଜି ଏହାକୁ ପତାକା ଦେଖାଇ ଶୁଭାରମ୍ଭ କରାଯାଇଛି। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଜି ମେ ୨୬ ତାରିଖ। ୨୦୧୪ ମସିହାର ଏହି ଦିନରେ ମୁଁ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଇଥିଲି। ଆପଣମାନେ ସମସ୍ତେ ଗୁଜରାଟବାସୀ ମୋତେ ପ୍ରଚୁର ଆଶୀର୍ବାଦ ଦେଇଛନ୍ତି। ଆପଣଙ୍କ ଆଶୀର୍ବାଦରେ, ଆମେ ଦେଶବାସୀଙ୍କ ସେବାରେ ନିୟୋଜିତ ହୋଇଛୁ। ଆପଣଙ୍କ ଯୋଗୁଁ, ଆମେ ଦେଶରେ ଅନେକ ବଡ଼ ନିଷ୍ପତ୍ତି ନେଇଛୁ। ଦେଶ ପ୍ରତ୍ୟେକ କ୍ଷେତ୍ରରେ ପ୍ରଗତି କରିଛି। ଆଜି ଗୁଜରାଟ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି।ଗୁଜରାଟର ୧୦୦% ରେଳ ନେଟୱାର୍କର ବିଦ୍ୟୁତୀକରଣ ସମାପ୍ତ ହୋଇଛି। ଏଥିପାଇଁ, ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି।

# ଅପରେସନ ସିନ୍ଦୂର : ଆସିଲା ୱାର୍ ରୁମର ପ୍ରଥମ ଝଲକ

ନୂଆଦିଲ୍ଲୀ,୨୬।୫(ମହାଭାରତ): ସାମ୍ନାକୁ ଆସିଲା ଅପରେସନ ସିନ୍ଦୂର ।ର ରୁମର ପ୍ରଥମ ଚିତ୍ର। ଯେଉଁ ସମୟରେ ପାକିସ୍ତାନ ଉପରେ ଆକ୍ରମଣ କରିଥିଲା ଭାରତ ସେହି ୨୨ମିନିଟକୁ ଏକାଠି ନୀରିକ୍ଷଣ କରିଥିଲେ ସିଡିଏସଙ୍କ ସହ ୩ ସେନା ମୁଖ୍ୟ। ପହଲଗାମ ପ୍ରତିଶୋଧ ନେଇ ମେ ୭-୮ ମଧ୍ୟ ରାତିରେ ଭାରତ କରିଥିଲା ଅପରେସନ ସିନ୍ଦୂର। ପାକିସ୍ତାନର ଆତଙ୍କୀ ଆଡାକୁ ମାଟିରେ ମିଶାଇଥିଲେ ଭାରତୀୟ ସେନା। ତେବେ ୱାର ରୁମରୁ ଟିକିନିକି ନୀରିକ୍ଷଣ କରିଥିଲେ ସେନାଧିକାରୀ। ପହଲଗାମ ଆକ୍ରମଣର ବଦଳା ନେଇ ଅପରେସନ ସିନ୍ଦୂର କରିଥିଲା ଭାରତୀୟ ସେନା। ପାକିସ୍ତାନକୁ କଡା ଜବାବ ଦିଆଯାଇଥିଲା। ଏପରିକି ସିନ୍ଧୁ ଜଳଚୁକ୍ତି ବାତିଲ ହୋଇଥିଲା।ଯଦିଓ ପରେ ଅସ୍ତ୍ର ବିରତି ଘୋଷଣା କରାଯାଇଛି। ହେଲେ ବି ଅପରେସନ ସିନ୍ଦୂର ଏବେ ବି ଆତଙ୍କବାଦ ବିରୋଧରେ ଜାରି ରହିଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି।

ଏପ୍ରିଲ ୨୨ ପହଲଗାମ ନରସଂହାରର ବଦଳା ନେବାକୁ ଭାରତୀୟ ସେନା ମେ' ୭ ତାରିଖରେ ଆରମ୍ଭ କରିଥିଲା ଅପରେସନ ସିନ୍ଦୂର। ଅପରେସନ ସିନ୍ଦୂର ଜରିଆରେ ଭାରତୀୟ ସେନା ପାକିସ୍ତାନ ଓ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ୯ଟି ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରି ଦେଇଥିଲା। ତେବେ ଅପରେସନ ସିନ୍ଦୂର ଆରମ୍ଭ ହେବା ୩୦ ମିନିଟ ପରେ ଭାରତ ସରକାର ଏକଥା ପାକିସ୍ତାନକୁ ଜଣାଇ ଦେଇଥିଲେ।

ଭାରତୀୟ ସେନା କେବଳ ଆତଙ୍କୀ ଆଡ୍ଡାକୁ ଟାର୍ଗେଟ କରିଥିବା ଇସଲାମାବାଦକୁ କୁହାଯାଇଥିଲା। ଜରିଆରେ କେବଳ ଆତଙ୍କବାଦୀ ଆଡ୍ଡାଗୁଡ଼ିକୁ ଟାର୍ଗେଟ କରାଯାଥିବା ପାକିସ୍ତାନକୁ ଅବଗତ କରାଯାଇଥିଲା। ତଥାପି ପାକିସ୍ତାନ ଏହାର ଜବାବରେ ଭାରତୀୟ ସେନା ପ୍ରତିଷ୍ଠାନ ଓ ଜନବସତିକୁ ଟାର୍ଗେଟ କରିଥିଲା।




ଏକଥା ଆଜି ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ନିଜେ କହିଛନ୍ତି। ଗୋଟିଏ ସଂସଦୀୟ ପରାମର୍ଶଦାତା କମିଟିକୁ ସେ ଅପରେସନ ସିନ୍ଦୂର ସମ୍ପର୍କରେ ଅବଗତ କରିବା ବେଳେ ଏକଥା କହିଥିବା ଜାତୀୟ ଗଣମାଧ୍ୟମ ଇଣ୍ଡିଆ। ଟୁଡେରେ ରିପୋର୍ଟ ପ୍ରକାଶ ପାଇଛି। ଉକ୍ତ ଗଣମାଧ୍ୟମ ବୈଠକର ସୂତ୍ରରୁ ତଥ୍ୟ ସଂଗ୍ରହ କରି ରିପୋର୍ଟ ପ୍ରକାଶ କରିଛି। ବୈଠକରେ ଜୟଶଙ୍କର କହିଛନ୍ତି ଯେ ଅପରେସନ ସିନ୍ଦୂର ଆରମ୍ଭ ହେବାର ୩୦ ମିନିଟ ପରେ ପାକିସ୍ତାନକୁ ଏ ସମ୍ପର୍କରେ କୁହାଯାଇଥିଲା। ଅପରେସନ ସିନ୍ଦୂର

ଏହାର ଦୃଢ଼ ଜବାବ ଭାରତୀୟ ସେନା ଦେଇଛି। ସେହିପରି ଦୁଇ ଦେଶ ମଧ୍ୟରେ ଲାଗୁ ହୋଇଥିବା ଯୁଦ୍ଧ ବିରତିରେ କୌଣସି ତୃତୀୟ ପକ୍ଷ ହସ୍ତକ୍ଷେପ କରି ନାହାନ୍ତି। ଦୁଇ ଦେଶର ଡିଜିଏମଓ ସିଧାସଳଖ କଥାବାର୍ତ୍ତା ହୋଇ ଯୁଦ୍ଧ ବିରତି ଲାଗୁ କରିଛନ୍ତି। ଯୁଦ୍ଧ ବିରତି ପାଇଁ ପଦକ୍ଷେପ ଇସଲାମାବାଦ ପକ୍ଷରୁ ପ୍ରଥମେ ଆରମ୍ଭ କରାଯାଇଥିଲା।ବୈଦେଶିକ ବ୍ୟାପାର ସଂକ୍ରାନ୍ତ ସଂସଦୀୟ ପରାମର୍ଶଦାତା କମିଟିର ଅଧକ୍ଷତା ଏସ ଜୟଶଙ୍କର କରିଛନ୍ତି। ବୈଠକରେ ଅପରେସନ ସିନ୍ଦୂର ଓ ସୀମାର ଆତଙ୍କବାଦ ସମ୍ପର୍କରେ ଆଲୋଚନା ହୋଇଛି। କେସି ଭେନୁଗୋପାଲ, ମନୀଷ ତିୱାରୀ, ମୁକୁଲ ୱାସନିକ, ପ୍ରିୟଙ୍କା ଚତୁର୍ବେଦୀ, ଅପରାଜିତା ଷଡ଼ଙ୍ଗୀ ଓ ଗୁରଜିତ ଅଉଜାଲଙ୍କ ଭଳି ବିଭିନ୍ନ ଦଳର ସାଂସଦ ଏଥିରେ ଉପସ୍ଥିତ ଥିଲେ।ସୂତ୍ର ଅନୁସାରେ ଜୟଶଙ୍କର ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କୁ ଅବଗତ କରାଇଛନ୍ତି ଯେ ଭାରତୀୟ ସେନା କେବଳ ଆତଙ୍କବାଦ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା। ଏଥିସହ ଉତ୍ତେଜନାକୁ ଦୂରେଇ ରଖିବା ପାଇଁ ଏ ସମ୍ପର୍କରେ ପାକିସ୍ତାନକୁ ଅବଗତ ମଧ୍ୟ କରାଯାଇଥିଲା।ଯୁଦ୍ଧ ବିରତିରେ ତୃତୀୟ ପକ୍ଷ ବିଶେଷ କରି ଆମେରିକା ହସ୍ତକ୍ଷେପ କରିଥିବା ନେଇ ହେଉଥିବା ଚର୍ଚ୍ଚାକୁ ଜୟଶଙ୍କର ଖଣ୍ଡନ କରିଛନ୍ତି। ଜୟଶଙ୍କର ଭାରତର ଆଭିମୁଖ୍ୟ ସମ୍ପର୍କରେ ୧୦ଟି ଶବ୍ଦରେ ଆମେରିକାକୁ ଅବଗତ କରାଯାଇଥିଲା ବୋଲି ବୈଠକରେ କହିଛନ୍ତି। ଆମେରିକାକୁ ଭାରତ କହିଥିଲା ଯେ ସେମାନେ ଗୁଳି କଲେ, ଆମେ କରିବୁ। ସେମାନେ ବନ୍ଦ କଲେ, ଆମେ ବନ୍ଦ କରିବୁ।ଜୟଶଙ୍କର ଆହୁରି କହିଛନ୍ତି ଯେ ଆମେରିକାର ବୈଦେଶିକ ମନ୍ତ୍ରୀ ଆମକୁ କହିଥିଲେ ଯେ ପାକିସ୍ତାନ ଉତ୍ତେଜନାକୁ ତୀବ୍ର କରିବାକୁ ବଡ଼ ଆକ୍ରମଣ କରିପାରେ ବୋଲି ଗୁଇନ୍ଦା ତଥ୍ୟରୁ ଜଣାପଡ଼ିଛି। ଆମେ ଏହାର ଜବାବରେ କହିଥିଲୁ ଯେ ଯଦି ପାକିସ୍ତାନ ସ୍ଥିତିକୁ ତୀବ୍ର କରିବ, ତା'ହେଲେ ଭାରତ ଏହାର ଜବାବ ସେହି ଅନୁସାରେ ଦେବାକୁ ପ୍ରସ୍ତୁତ ରହିଛି।କିଛି ଦିନ ପୂର୍ବରୁ ଜୟଶଙ୍କରଙ୍କ ଗୋଟିଏ ଭିଡିଓ ଭାଇରାଲ ହେଉଥିଲା।

## ଦୀଘାରୁ 'ଧାମ' ନାମ ଉଠୁ : ଗଜପତି

**ପୁରୀ,୨୬।୫(ମହାଭାରତ):** ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରଶାସନିକ ବୈଠକରେ ଛତିଶା ନିଯୋଗରେ ଅନୁମୋଦିତ ନୀତି ନିର୍ଘଣ୍ଟକୁ ମଞ୍ଜୁରୀ ମିଳିଛି। ପୁରୀ ରାଜା ଗଜପତି ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜେନ୍ଦ୍ରାଭିଷେକ ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ନୀତି ନିର୍ଘଣ୍ଟକୁ ଅନୁମୋଦନ ସହ ଶୃଙ୍ଖଳିତ ରଥଯାତ୍ରା ଉପରେ ଆଲୋଚନା ହୋଇଛି। ସ୍ୱତନ୍ତ୍ର ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକରେ ଦିଘାରେ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିର ଓ ଇସ୍କନ ଦ୍ୱାରା ଅଦିନିଆ ରଥଯାତ୍ରା ନେଇ ମଧ୍ୟ ଗଜପତି ମତ ରଖିଛନ୍ତି। ଗଜପତି କହିଛନ୍ତି, ଦିଘା ଜଗନ୍ନାଥ ମନ୍ଦିର 'ଧାମ' ତେଣୁ ପଶ୍ଚିମବଙ୍ଗ ସରକାର ଏ ଦିଗରେ ଧ୍ୟାନ ଦେଇ ପଦକ୍ଷେପ ଗ୍ରହଣ କରିବାକୁ ସେ ନିବେଦନ କରିଥିଲେ।



ଗଜପତି କହିଛନ୍ତି, ଧାର୍ମିକ ଓ ଶାସ୍ତ୍ରୀୟ ମତ ଅନୁସାରେ ଶ୍ରୀକ୍ଷେତ୍ର କେବଳ ଧାମ ଭାବେ ପରିଚିତ। ଗଜପତି ମଧ୍ୟ ଇସ୍କନର ଅଦିନିଆ ରଥଯାତ୍ରାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ତେବେ ଏ ନେଇ ଇସ୍କନ ଅଧିକାରୀ ମାନଙ୍କ ସହ କଥାବାର୍ତ୍ତା ଜାରି ରହିଥିବା ବେଳେ ଆଗାମୀ ଦିନରେ ଆଲୋଚନା କରାଯାଇ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଗଜପତି ମତ ଦେଇଛନ୍ତି। କେବଳ ପୁରୀ ରଥଯାତ୍ରା ଦିନ ବିଶ୍ୱର ସମସ୍ତ ସ୍ଥାନରେ ରଥଯାତ୍ରା କରାଯିବା ଉଚିତ ବୋଲି ଗଜପତି କହିଛନ୍ତି। ସେହିପରି ଦୀଘା ଜଗନ୍ନାଥ ମନ୍ଦିରକୁ ଧାମ ନାମକରଣ ପରମ୍ପରା ବିରୁଦ୍ଧ। ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର, ନୀଳାଚଳ ଧାମ ଏସବୁ କେବଳ ପୁରୀକୁ ହିଁ ବୁଝାଇବ। ବିଶ୍ୱରେ କେଉଁଠି ଏମିତି ନାମକରଣ ହୋଇନାହିଁ। ରାଜ୍ୟ ସରକାର, ପଶ୍ଚିମବଙ୍ଗ ସରକାର ସହ ଆଲୋଚନା କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି ଗଜପତି। ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ (ଏସଜେଟିଏ)ର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ କହିଛନ୍ତି ଯେ ଶୀଘ୍ର ଶ୍ରୀ ମନ୍ଦିର ସହ ଜଡ଼ିତ ଶବ୍ଦ ଓ ଲୋଗୋଗୁଡ଼ିକର ପେଟେଣ୍ଟ ପାଇଁଆବେଦନ କରାଯିବ। ମହାପ୍ରସାଦ, ଶ୍ରୀମନ୍ଦିର, ଶ୍ରୀ ଜଗନ୍ନାଥଙ୍କ ନୀତିକାନ୍ତି ଏବଂ ମନ୍ଦିର ସହ ଜଡ଼ିତ ଶବ୍ଦଗୁଡ଼ିକର ପେଟେଣ୍ଟ କରାଯିବ। ସେ ଅହୁରି କହିଛନ୍ତି ଯେ ଦିଘାରେ ଜଗନ୍ନାଥ ଧାମ ସମ୍ପର୍କିତ ବିବାଦକୁ ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାର ନିଜ ସ୍ତରରେ ସମାଧାନ କରିବେ।

ରଥଯାତ୍ରା ଏବଂ ଅନ୍ୟାନ୍ୟ ସମ୍ପର୍କିତ ନୀତିକାନ୍ତି ପାଇଁ ସୁଗମ ବ୍ୟବସ୍ଥା ଉପରେ ସମସ୍ତେ ଏକମତ ହୋଇଥିଲେ। ସ୍ନାନ ଯାତ୍ରା, ଘୋଷା ଯାତ୍ରା ଏବଂ ବାହୁଡ଼ା ଯାତ୍ରାର ନୀତି ଓ ବ୍ୟବସ୍ଥା ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ତିନି ରଥରେ ସେବାୟତ ବ୍ୟତୀତ ଅନ୍ୟ ବ୍ୟକ୍ତିଙ୍କୁ ଅନୁମତି ଦିଆଯିବ ନାହିଁ। ଯଦି କେହି ଏହି ନିର୍ଦ୍ଦେଶ ଉଲ୍ଲଙ୍ଘନ କରନ୍ତି, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରଥ ଉପରେ ମୋବାଇଲ ଫୋନ ନେଇ ଯିବା ଅପରାଧୀୟ ମାମଲାକୁ ଆମନ୍ତ୍ରଣ କରିବ। ଶ୍ରୀ ଗୁଣ୍ଡିଚା ମନ୍ଦିର ଆଖପାଖରେ ଥିବା ନିର୍ମାଣାଧୀନ ଅଟ୍ଟାଳିକାଗୁଡ଼ିକ ସମ୍ପର୍କରେ ମଧ୍ୟ ଆଉ ଏକ ନିଷ୍ପତ୍ତି ନିଆଯାଇଛି ।ଏହି ଅଟ୍ଟାଳିକାଗୁଡ଼ିକର ଉଚ୍ଚତା ଉପରେ ନିୟନ୍ତ୍ରଣ ଲଗାଯିବ। ଯାହା ଦ୍ୱାରା ମନ୍ଦିରରେ ସମ୍ଭାବ୍ୟ କ୍ଷତି ଏଡ଼ାଯାଇ ପାରିବ, ପାଢୀ କହିଛନ୍ତି। ବୈଠକରେ ରତ୍ନ ଭଣ୍ଡାର ଏବଂ ଶ୍ରୀ ଜଗନ୍ନାଥଙ୍କ ଜମି ସମ୍ପତ୍ତିର ସୁରକ୍ଷା ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା।

## ବିଦ୍ୟୁତ୍ ଆଘାତରେ ଗଲିଗଲା ମା-ପୁଅ ଜୀବନ

ଲାଞ୍ଜିଗଡ଼,୨୬।୫(ମହାଭାରତ): କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ପୋଇଗୁଡ଼ା ଗାଁରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମା ଓ ପୁଅଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଫୁଲମତି ନାଏକ (୨୯) ଓ ୭ ମାସର ପୁଅ ସବୀର ନାଏକ। ମିଳିଥିବା ସୂଚନା ମୁତାବକ, ଫୁଲମତି ସାନପୁଅ ସବୀରଙ୍କୁ କାଖେଇ ଘରକାମ କରୁଥିବା ସମୟରେ ତାଙ୍କ ଅଜାଣତରେ ଘରେ ଛିଣ୍ଡି ରହିଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଛି। ୮ମାସ ତଳେ ଘର ମୁଖିଆ। ତଥା ଫୁଲମତିଙ୍କ ସ୍ୱାମୀ ସନ୍ତୋଷ ନାଏକଙ୍କ ମୃତ୍ୟୁ ଘଟିଥିବା ବେଳେ ଏବେ ୮ବର୍ଷର ବଡପୁଅ ଜଗଦୀଶ ବେସାହାରା ହୋଇ ବଞ୍ଚିବାର ରାହା ଖୋଜୁଛି।

## ଖୋର୍ଦ୍ଧା-ବଲାଙ୍ଗୀର ରେଳ ଟନେଲ୍‌ରେ ଗର୍ତ୍ତ ସୃଷ୍ଟି

ବୌଦ୍ଧ,୨୬।୫ (ମହାଭାରତ): ଭୁଶୁଡ଼ିଲା ଖୋର୍ଦ୍ଧା-ବଲାଙ୍ଗିର ନିର୍ମାଣାଧୀନ ରେଳ ଟନେଲ୍। ବୌଦ୍ଧ ଜିଲ୍ଲା ଆଡ଼େଣିଗଡ଼ ନିକଟରେ ଆଜି ଅପରାହ୍ନରେ ଏହି ଘଟଣା ଘଟିଛି। କୌଣସି କାରଣରୁ ନିର୍ମାଣାଧୀନ ଟନେଲ ଭୁଶୁଡ଼ିଛି। ଫଳରେ ୩୦ ମିଟର ଦୀର୍ଘ ଗର୍ତ୍ତ ସୃଷ୍ଟି ହୋଇଛି। ଏହି ଘଟଣାରେ ନିର୍ମାଣାଧୀନ ଟନେଲରେ କେହି ଶ୍ରମିକ ଫସି ନାହାନ୍ତି। ପୂର୍ବତଟ ରେଳବାଇ ପକ୍ଷରୁ ଏନେଇ ସ୍ପଷ୍ଟ କରାଯାଇଛି। ଗର୍ତ୍ତ ସୃଷ୍ଟି ହୋଇଥିଲେ ବି କେହି ଆହତ ହୋଇ ନାହାନ୍ତି ବୋଲି ପୂର୍ବତଟ ରେଳବାଇ କହିଛି। ନିରନ୍ତର ବର୍ଷା ଯୋଗୁ ମାଟି ଧସିଛି। କାର୍ଯ୍ୟରତ ଶ୍ରମିକ କିମ୍ବା ଯନ୍ତ୍ରପାତି ଉପରେ ଏହାର କୌଣସି ପ୍ରଭାବ ପଡ଼ିନାହିଁ। ଏହି ଘଟଣା ପ୍ରକଳ୍ପର ସାମଗ୍ରିକ ଅଗ୍ରଗତିକୁ ପ୍ରଭାବିତ କରିବ ନାହିଁ। ସମସ୍ତ ଆବଶ୍ୟକୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ଓ ଯୋଜନା ଅନୁଯାୟୀ କାମ ଜାରି ରହିଛି ବୋଲି ପୂର୍ବତଟ ରେଳବାଇ କହିଛି। ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି ଯେ ନିର୍ମାଣଧୀନ ଟନେଲ ନମ୍ବର ୪ରେ ଢ଼ିଲା ମାଟି ଗଠନ ଏବଂ ଏହି ଅଞ୍ଚଳରେ ନିରନ୍ତ ବର୍ଷା ଯୋଗୁଁ ଏକ ହାଲୁକା ମାଟି ଧସିଛି। ଶ୍ରମିକ କିମ୍ବା ଯନ୍ତ୍ରପାତି ଉପରେ କୌଣସି ପ୍ରଭାବ ପଡିନାହିଁ।



## ଡିଆରଡିଓ ଅଧକ୍ଷଙ୍କ କାର୍ଯ୍ୟକାଳ ବର୍ଷକ ପାଇଁ ବୃଦ୍ଧି

**ନୂଆଦିଲ୍ଲୀ,୨୬।୫(ମହାଭାରତ):** ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ପ୍ରତିଷ୍ଠାନ (ଡିଆରଡିଓ) ଅଧ୍ୟକ୍ଷ ଡ. ସମୀର ଭି. କାମାତଙ୍କ କାର୍ଯ୍ୟକାଳ ବର୍ଷକ ପାଇଁ ବୃଦ୍ଧି ପାଇଛି। ଜୁନ୍ ୧ରେ କାମାତଙ୍କ କାର୍ଯ୍ୟକାଳ ସରିବାକୁ ଥିବାବେଳେ ଆଉ ବର୍ଷକ ପାଇଁ କାର୍ଯ୍ୟକାଳ ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। କାମାତ ଜୁନ ୧ରେ ଅବସର ନେଇଥାନ୍ତେ। ତେବେ ତାଙ୍କ କାର୍ଯ୍ୟକାଳ ବୃଦ୍ଧିକୁ ଅନୁମୋଦନ କରିଛି କ୍ୟାବିନେଟ୍ ଆପଏଣ୍ଟମେଣ୍ଟ କମିଟି ଅର୍ଥାତ କାମାତ ୩୧ ମେ ୨୦୨୬ ପର୍ଯ୍ୟନ୍ତ କାର୍ଯ୍ୟଭାର ସମ୍ଭାଳିବେ।

## ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ

ଭଞ୍ଜନଗର,୨୬।୫ (ମହାଭାରତ): ଗଞ୍ଜାମ ଜିଲା ଭଞ୍ଜନଗର ସୋରଡ଼ା ମୁଖ୍ୟ ରାସ୍ତାର ଲାଠିପଡ଼ା ନିକଟରେ ସୋମବାର ପୂର୍ବାହ୍ନରେ ଗୋଟିଏ ବୁଲେଟ୍ ଓ ବାଇକ୍ ମଧ୍ୟରେ ମୁହାମୁହିଁ ଧକ୍କା ହୋଇଛି। ଏଥିରେ ୨ ଜଣଙ୍କର ମୃତ୍ୟୁ ଘଟିଛି। ଜଣେ ମୃତକଙ୍କ ଘର ସୋରଡ଼ା ନିକଟବର୍ତ୍ତୀ ସିଂହମର୍ଦ୍ଦନୀ ଗ୍ରାମର ବି.କେ ଭୂୟାଁ ହୋଇଥିବା ବେଳେ ଅନ୍ୟ ଜଣକର ପରିଚୟ ମିଳିନାହିଁ। ଏଥିସହ ଏହି ଦୁର୍ଘଟଣାରେ ଆଉ ଜଣେମଧ୍ୟ ଗୁରୁତର ହୋଇଛନ୍ତି। ତାଙ୍କର ଚେତା ନଥିବାରୁ ପରିଚୟ ମିଳିପାରିନାହିଁ। ଭଞ୍ଜନଗର ଆଡୁ ଦୁଇଜଣ ଏକ ବାଇକରେ ସୋରଡ଼ା ଅଭିମୁଖେ ଯାଉଥିବାବେଳେ ଏହି ସମୟରେ ବିପରୀତ ଦିଗରୁ ସିଂହମର୍ଦ୍ଦନୀ ଗ୍ରାମର ବିରଞ୍ଚି ଶ୍ୱଶୁର ଘର ଗୁଡ଼ିପଲିକୁ ଅମାବାସ୍ୟା ପାଇଁ ଆସୁଥିଲେ।

# ପାକିସ୍ତାନରେ ବନ୍ଧୁକଧାରୀଙ୍କ ଗହଣରେ ବୁଲୁଥିଲେ ଜ୍ୟୋତି

ନୂଆଦିଲ୍ଲୀ,୨୬।୫(ମହାଭାରତ): ପାକିସ୍ତାନ ପାଇଁ ଗୁଇନ୍ଦାଗିରି କରୁଥିବା ଅଭିଯୋଗରେ ଗିରଫ ହୋଇଥିବା ହରିୟାଣାର ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସଂପର୍କରେ ସାମ୍ନାକୁ ଆସିଛି ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥାୟ ପାକିସ୍ତାନର ଲାହୋର ସହରର ଅନାରକଲୀ ବଜାରରେ ବୁଲୁଥିବା ବେଳେ ତାଙ୍କୁ ସେଠାକାର ସରକାର ଯୋଗାଇ ଦେଇଥିଲେ କଡ଼ା ସୁରକ୍ଷାୟ ୬ ଜଣ ଏକେ-୪୭ ରାଇଫଲଧାରୀ ତାଙ୍କ ସୁରକ୍ଷା ପାଇଁ ନିୟୋଜିତ ହୋଇଥିଲେ। ଆଉ ଏ କଥା ସାମ୍ନାକୁ ଆସିଛି ସ୍କଟିଶ ୟୁଟ୍ୟୁବର କ୍ୟାଲମ ମିଲଙ୍କ ଏକ ୟୁଟ୍ୟୁବ ପୋଷ୍ଟରୁ। ଯେଉଁ ସମୟରେ ଜ୍ୟୋତି ସେଠାକୁ ଯାଇଥିଲେ ସେହି ସମୟରେ କ୍ୟାଲମ ମଧ୍ୟ ଯାଇଥିଲେ ଓ ଭିଡିଓ ଶୁଟ୍ କରୁଥିଲେ। ତେବେ ଜ୍ୟୋତି ତାଙ୍କ ଭଳି ଜଣେ ୟୁଟ୍ୟୁବର ହୋଇଥିଲେ ହେଁ ତାଙ୍କୁ ଏତେ ସୁରକ୍ଷା ଦିଆଯାଇଥିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ।

କ୍ୟାଲମ ମିଲ'ଙ୍କର ଗୋଟିଏ ୟୁଟ୍ୟୁବ ଚ୍ୟାନେଲ ଅଛି। ତା'ର ନାଁ କ୍ୟାଲମ ଏବ୍ରୋଡ। ସେ ଗତ ମାର୍ଚ୍ଚ ମାସରେ ପାକିସ୍ତାନ ଗସ୍ତରେ ଯାଇଥିଲେ। ସେ ଲାହୋରର ଅନାରକଲୀ ବଜାରରେ ଶୁଟ୍ କରିଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି ଯେ କିଛି ଲୋକଙ୍କ ହାତରେ ବନ୍ଧୁକ ରହିଛି।ସେମାନେ ସମସ୍ତେ ଏକେ-୪୭ ଧରିଛନ୍ତି।ସେମାନଙ୍କ ଶାର୍ଟ ପଛରେ ଇଂରାଜୀରେ 'ନୋ ଫିୟର' ଲେଖା ହୋଇଛି। ଏହା ପରେ ଜ୍ୟୋତି ମାଲହୋତ୍ରାଙ୍କୁ ଦେଖିବାକୁ ମିଳିଛି। ସେ ମଧ୍ୟ ସେଠାରେ ବୁଲାବୁଲି କରିବା ସହିତ ଭିଡିଓ ଶୁଟ୍ କରୁଛନ୍ତି। ଜ୍ୟୋତି ଭିଡିଓ ଶୁଟ୍ କରୁଥିବା ଦେଖି କ୍ୟାଲମ ତାଙ୍କୁ ନିଜ ପରିଚୟ ଦେଇଛନ୍ତି। ସେ ଜଣେ ସ୍କଟିଶ ୟୁଟ୍ୟୁବର ବୋଲି କହିଛନ୍ତି। ଏହା ପରେ ଜ୍ୟୋତି ତାଙ୍କୁ ପଚାରିଛନ୍ତି ଯେ ସେ ପ୍ରଥମ ଥର ପାଇଁ ପାକିସ୍ତାନ ଆସିଛନ୍ତି କି? ଜବାବରେ କ୍ୟାଲମ କହିଛନ୍ତି ଯେ ଏହା ତାଙ୍କର ପଞ୍ଚମ ଗସ୍ତ। ଏହା ପରେ ଜ୍ୟୋତି ତାଙ୍କୁ ପଚାରିଛନ୍ତି ଯେ ସେ କେବେ ଭାରତ ଯାଇଛନ୍ତି ନା ନାହିଁ? ଏହା ସହିତ ସେ ଭାରତରୁ ଆସିଛନ୍ତି ବୋଲି କ୍ୟାଲମଙ୍କୁ କହିଛନ୍ତି। ଯେତେବେଳେ କ୍ୟାଲମ ତାଙ୍କୁ ପଚାରିଛନ୍ତି ଯେ ପାକିସ୍ତାନର ଆତିଥ୍ୟ କେମିତି ଲାଗୁଛି, ଜ୍ୟୋତି କହିଛନ୍ତି ଯେ ବହୁତ ଭଲ ଲାଗୁଛି।




ଏତିକି ବାର୍ତ୍ତାଳପ କରେ ଜ୍ୟୋତି ଆଗକୁ ଚାଲି ଯାଇଛନ୍ତି। ଟିକେ ପଛରେ ରହିଯାଇଥିବା କ୍ୟାଲମ ଖୁବ୍ ଅଳ୍ପ ସମୟ ପରେ ଅନୁଭବ କରିଛନ୍ତି ଯେ ସେହି ବନ୍ଧୁକଧାରୀମାନେ ଜ୍ୟୋତିଙ୍କୁ ସୁରକ୍ଷା ଦେଉଛନ୍ତି। ଭିଡିଓରେ କ୍ୟାଲମ କହିଛନ୍ତି, ତାଙ୍କ (ଜ୍ୟୋତି) ସହିତ ଏହି ବନ୍ଧୁକଧାରୀମାନେ ଆସିଛନ୍ତି। ମୁଁ ଜାଣି ନାହିଁ କାହିଁକି ତାଙ୍କୁ ଏହି ସୁରକ୍ଷା ଦିଆଯାଇଛି। ଦେଖନ୍ତୁ ସେହି ସମସ୍ତ ବନ୍ଧୁକଧାରୀମାନେ ତାଙ୍କୁ ଘେରି ରହିଛନ୍ତି। ୬ ଜଣ ବନ୍ଧୁକଧାରୀ ତାଙ୍କୁ ଘେରି ରହିଛନ୍ତି।

ସ୍କଟିଶ ୟୁଟ୍ୟୁବର କ୍ୟାଲମଙ୍କ ଭିଡିଓରେ ଆଉ କିଛି ଲୋକଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ସେମାନେ ପର୍ଯ୍ୟଟକ ଭଳି ମନେ ହେଉଛନ୍ତି। ତେବେ ଏହି ଭିଡିଓ ସାମ୍ନାକୁ ଆସିବା ପରେ ଜ୍ୟୋତିଙ୍କୁ ନେଇ ଉଠିଛି ଆହୁରି ଅନେକ ପ୍ରଶ୍ନ। ସ୍କଟିଶ ୟୁଟ୍ୟୁବର ଏକୁଟିଆ। ବୁଲୁଥିବା ବେଳେ ଜ୍ୟୋତି ମାଲହୋତ୍ରାଙ୍କୁ କାହିଁକି ଏକେ-୪୭ ଧରି ୬ ଜଣ ଲୋକ ଜଗି ରହିଥିଲେ?

# ବର୍ଷାରେ ବୁଡ଼ିଲା ମାୟାନଗରୀ

**ମୁମ୍ବାଇ,୨୬।୫(ମହାଭାରତ):** ବର୍ଷାରେ ଉବୁଟୁବୁ ଦେଶର ଆର୍ଥିକ ରାଜଧାନୀ ବର୍ଷା। ପ୍ରବଳ ବର୍ଷାରେ ବେହାଲ ହୋଇଛି ମୁମ୍ବାଇ।୨୫ ବର୍ଷ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ୨ ସପ୍ତାହ ଆଗରୁ ମୁମ୍ବାଇକୁ ଛୁଇଁବାରୁ ପ୍ରବଳ ବର୍ଷା ଲାଗି ରହିଛି। ରାସ୍ତାଘାଟ ଠାରୁ ଆରମ୍ଭ କରି ମେଟ୍ରୋ ଓ ମଲରେ ବର୍ଷା ପାଣି ଲୋକଙ୍କୁ ନାକେଦମ କରିଛି। ସ୍ଥିତି ଏପରି ହୋଇଛି ଯେ ମେ' ମାସରେ ମୁମ୍ବାଇରେ ହୋଇଥିବା ବର୍ଷା ୧୦୭ ବର୍ଷର ରେକର୍ଡକୁ ଭାଙ୍ଗି ଦେଇଛି।

ସୋମବାର ସକାଳୁ ପ୍ରବଳ ବର୍ଷା ଲାଗି ରହିଛି। ସହରରେ କୃତ୍ରିମ ବନ୍ୟା ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସ୍ଥିତି ସୃଷ୍ଟି କରିଛି। ସାଧାରଣ ଜନଜବୀନ ବର୍ଷା ଯୋଗୁ ପ୍ରଭାବିତ ହୋଇଥିବା ବେଳେ ଟ୍ରାଫିକ ସମସ୍ୟା ସାଂଘାତିକ ସ୍ଥିତି ସୃଷ୍ଟି କରିଛି। ରେଳ ଧାରଣାରେ ବର୍ଷା ପାଣି ଜମି ରହିଥିବାରୁ ଲୋକ ଟ୍ରେନକୁ ବାତିଲ କରାଯାଇଛି। ମେଟ୍ରୋ ସେବାରେ କଟକଣା ଲାଗି ଥିବା ବେଳେ ୱର୍ଲି ସ୍ଥିତ ମେଟ୍ରୋକୁ ଷ୍ଟେସନକୁ ବନ୍ଦ କରି ଦିଆଯାଇଛି। ଭାରତୀୟ ପାଣିପାଗ



ବିଭାଗର କହିବା କଥା ଯେ ମୌସୁମୀ ମୁମ୍ବାଇକୁ ସାଧାଣତ ଜୁନ ୧୧ରେ ସ୍ପର୍ଶ କରିଥାଏ। ହେଲେ ୨୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ମୌସୁମୀ ସ୍ୱାଭାବିକ ସମୟ ଠାରୁ ୧୬ ଦିନ ଆଗରୁ ମୁମ୍ବାଇକୁ ପ୍ରବେଶ କରି ଯାଇଛି। ପ୍ରବଳ ବର୍ଷା ଲାଗି ରହିଥିବାରୁ ଭାରତୀୟ ପାଣିପାଗ ବିଭାଗ ମୁମ୍ବାଇ ପାଇଁ ରେଡ ଆଲର୍ଟ ଜାରି କରିଛି। ଶନିବାର ଦକ୍ଷିଣ ପଶ୍ଚିମ ମୌସୁମୀ କେରଳ ଛୁଇଁ ଥିଲା। ଏହାପରେ ଏହା ବେଶ ଦ୍ରୁତଗତିରେ ସକ୍ରିୟ ହେବାରେ ଲାଗିଛି। ଏଥିପାଇଁ ପାଗ ମଧ୍ୟ ସଂପୂର୍ଣ୍ଣ ଅନୁକୂଳ ରହିଛି। ମୁମ୍ବାଇରେ ବର୍ଷା ଲାଗି ରହିଥିବାରୁ କେବଳ ଟ୍ରାଫିକ କିମ୍ବା ରେଳ ଯାତ୍ରା ପ୍ରଭାବିତ ହୋଇନାହିଁ, ବରଂ ୨୫୦ଟି ବିମାନ ମଧ୍ୟ ପ୍ରଭାବିତ ହୋଇଛି। ଲୋକମାନେ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରହୁଛନ୍ତି। ସହର ଉପକଣ୍ଠରେ ସ୍ଥିତି ଆହୁରି ସାଂଘାତିକ ହୋଇଛି। ବିଶେଷ କରି କୁର୍ଲା, ସିଓନ, ଦାଦର ଓ ପାର୍ଲେ ଭଳି ତଳିଆ ଅଞ୍ଚଳରେ କୃତ୍ରିମ ବନ୍ୟା ସୃଷ୍ଟି ହୋଇଛି। ରାସ୍ତା ଉପରେ ପ୍ରାୟ ଆଣ୍ଠୁଏ ଉଚ୍ଚର ବର୍ଷା ପାଣି ଲହରୀ ଭାଙ୍ଗୁଛି। ଯାତାୟାତରେ ଘୋର ସମସ୍ୟା ଦେଖାଯାଇଛି।

## କଞ୍ଚାଲଙ୍କା ଆଚାର



**ଆବଶ୍ୟକୀୟ ସାମଗ୍ରୀ :** କଞ୍ଚାଲଙ୍କା -୨୫୦ ଗ୍ରାମ, ଧନିଆ- ୧ଚାମଚ, ମଧୁରୀ-୧ଚାମଚ, ସୋରିଷ-୧ଚାମଚ, ମେଥି-୧ଚାମଚ, ହଳଦୀ ଅଧା ଚାମଚ, ହେଙ୍ଗୁ ଅଳ୍ପ, ଆମଚୁର ପାଉଡର-୨ଚାମଚ, ଭିନେଗାର-୧ଚାମଚ, ସୋରିଷ ତେଲ-୨ଚାମଚ, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତ ପ୍ରଣାଳୀ :** ଏହି ସ୍ୱାଦିଷ୍ଟ ଆଚାର ପ୍ରସ୍ତୁତ କରିବା ପାଇଁ ସର୍ବପ୍ରଥମେ କଞ୍ଚାଲଙ୍କାକୁ ଧୋଇ ମଝିରୁ ଅଧା କାଟି ଶୁଖାଇ ଦିଅନ୍ତୁ । ତାପରେ ଏକ କଡେଇରେ ମଧୁରୀ,ମେଥୀ ,ସୋରିଷ ଏବଂ ଧନିଆ ମିଶାଇ ଭାଜି ତାକୁ ଅଳ୍ପ ପେଶୀ ଦିଅନ୍ତୁ । ବର୍ତ୍ତମାନ ସମସ୍ତ ମସଲାକୁ ଉକ୍ତ ଲଙ୍କାରେ ମିଶାଇ ଦିଅନ୍ତୁ । ଏହିସବୁ ମସଲା ସହିତ ସେଥିରେ ହଳଦୀ, ଆମଚୁର ପାଉଡର ଏବଂ ଲୁଣ ପକାଇ ଗୋଳାଇ ଦିଅନ୍ତୁ ।

ବର୍ତ୍ତମାନ ଏକ କଡେଇରେ ତେଲ ଗରମ କରି ସେଥିରେ ହେଙ୍ଗୁ ଏବଂ ସମସ୍ତ ଲଙ୍କା ମସଲା ପକାଇ ଘୋଡାଇ ଦିଅନ୍ତୁ । ବର୍ତ୍ତମାନ ଗ୍ୟାସ ବନ୍ଦ କରି ତିନିରୁ ଚାରି ମିନିଟ ପର୍ଯ୍ୟନ୍ତ ଘୋଡାଇ ଛାଡି ଦିଅନ୍ତୁ । ଏବେ ଏହାକୁ ଓହ୍ଲାଇ ଥଣ୍ଡା କରି ଏଥିରେ କିଛି ଭିନେଗାର ମିଶାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ଆପଣଙ୍କ ସ୍ୱାଦିଷ୍ଟ ଲଙ୍କା ଆଚାର ।

### ଖବର

# ଅଭିନେତ୍ରୀ ମାହିରାଙ୍କୁ ଅସଦାଚରଣ: ଭିଡ଼ରେ ଗାର୍ଡ ତାଙ୍କୁ ଜୋରରେ ଧରି ରଖିଲେ, ଭିଡିଓ ଭାଇରାଲ



ଭାରତରେ ପାକିସ୍ତାନୀ ତାରକାମାନଙ୍କ ପାଇଁ ନୋ ଏଣ୍ଟ୍ରି ବୋର୍ଡ ଲାଗିଛି । ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ, କେନ୍ଦ୍ର ସରକାର ସମସ୍ତ ପାକିସ୍ତାନୀ ସେଲିବ୍ରିଟିଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟକୁ ମଧ ବ୍ୟାନ୍ କରିଦେଇଛନ୍ତି। ଫଳରେ ପାକିସ୍ତାନରୁ ଅନେକ ତାରକା ଅନ୍ୟ ଦେଶକୁ ଯିବା ଆସିବା କରୁଛନ୍ତି। ଏହି ସମୟରେ, ଲଣ୍ଡନରୁ ପ୍ରସିଦ୍ଧ ପାକିସ୍ତାନୀ ଅଭିନେତ୍ରୀ ମାହିରା ଖାନଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଲଣ୍ଡନରେ ମାହିରା ଖାନଙ୍କ ସହ ଅସଦାଚରଣ କରାଯାଇଛି । ଏହାର ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି ।ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଭିଡିଓରେ ଦେଖିବାକୁ ମିଳୁଛି ଯେ, ମାହିରା ଖାନ ଏକ ବିରାଟ ଭିଡ଼ରେ ଫସି ରହିଛନ୍ତି। ତାଙ୍କ ଚାରିପାଖରେ ଶହ ଶହ ଲୋକ ରୁଣ୍ଡ ହୋଇଛନ୍ତି ଏବଂ ସେ କୌଣସି ପ୍ରକାରେ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରୁଛନ୍ତି । ରିପୋର୍ଟରେ କୁହାଯାଇଛି ଯେ, ଏହି ଭିଡ଼ରେ କିଛି ଲୋକ ମାହିରାଙ୍କ ସହ ଖରାପ ବ୍ୟବହାର କରିଥିଲେ। ଭିଡିଓରେ ତାଙ୍କ ପଛରେ ପାକିସ୍ତାନର ବରିଷ୍ଠ ଅଭିନେତା ହୁମାୟୁନ୍ ସଇଦ ମଧ ଅଛନ୍ତି, ଯିଏ ଚିନ୍ତିତ ଦେଖାଯାଉଛନ୍ତି । ସୁରକ୍ଷା କର୍ମୀମାନେ ମାହିରାଙ୍କୁ ଘେରି ରହିଛନ୍ତି ଏବଂ କୌଣସି ପ୍ରକାରେ ତାଙ୍କୁ ଭିଡ଼ରୁ ସୁରକ୍ଷା କରୁଛନ୍ତି।

ମାହିରା ଖାନ ତାଙ୍କ ଆଗାମୀ ଫିଲ୍ମ 'ଲଭଗୁରୁ'ର ପ୍ରମୋସନ ପାଇଁ ପାକିସ୍ତାନ ଯାଇଥିଲେ, ଯେଉଁଠାରେ ତାଙ୍କ ସହିତ ଅସଦାଚରଣ କରାଯାଇଛି । ଭିଡିଓଟିକୁ ଦେଖିଲେ ସ୍ପଷ୍ଟ ଜଣା ପଡୁଛି ଯେ ତାଙ୍କ ପ୍ରଶଂସକମାନେ ତାଙ୍କୁ ଦେଖିବା ପାଇଁ ଭିଡ଼ ଜମାଇଥିଲେ। ଏହି ସମୟରେ, ଗାର୍ଡ ତାଙ୍କୁ ଜୋରରେ ଧରି ରଖିଛନ୍ତି, ଯାହା ଯୋଗୁ ମାହିରା ନିଜକୁ ଅସହଜ ଅନୁଭବ କରୁଥିବା ଦେଖାଯାଉଛି ।ମାହିରା ଖାନ ବଲିଉଡରେ ମଧ କାମ କରିଛନ୍ତି। ସେ ଶାହରୁଖ ଖାନଙ୍କ ଫିଲ୍ମ ରଇସରେ ନଜର ଆସିଥିଲେ। ୨୦୧୭ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରରେ ତାଙ୍କର କାମକୁ ବହୁତ ପ୍ରଶଂସା କରାଯାଇଥିଲା। ଶାହରୁଖଙ୍କ ସହ ତାଙ୍କର ବଲିଉଡ ଡେବ୍ୟୁ ସଫଳ ହୋଇଥିଲା ଏବଂ ଫିଲ୍ମଟି ହିଟ୍ ହୋଇଥିଲା। ଏହି ଚଳଚ୍ଚିତ୍ରଟି ପ୍ରାୟ ୯୨ କୋଟି ଟଙ୍କା ବଜେଟରେ ନିର୍ମିତ ହୋଇଥିବା ବେଳେ ଘରୋଇ ବକ୍ସ ଅଫିସରେ ଏହା ୧୯୦.୯୫ କୋଟି ଟଙ୍କାର ବ୍ୟବସାୟ କରିଥିଲା। ଏହି ଫିଲ୍ମଟି ସାରା ବିଶ୍ୱରେ ୨୮୧.୪୫ କୋଟି ଟଙ୍କା ରୋଜଗାର କରିଥିଲା।

## ଉପକାରୀ ବରକୋଳି

ବରକୋଳିଏହାକୁ ଖାଇଲେ ଥଣ୍ଡା ଓ ଗାଲୁଆ ହୋଇଥାଏ ବୋଲି କୁହାଯାଏ। ହେଲେ ଏଥିରେ ଥିବା କିଛି ଭିଟାମିନ୍ସ ଆମ ଶରୀର ପାଇଁ ବେଶ୍ ଲାଭକାରୀ। ବରକୋଳି ଦୁଇ ପ୍ରକାରର ମିଳିଥାଏ ଗୋଟିଏ ଖଟା ଲାଗେ ଅନ୍ୟଟି ମିଠାଲାଗେ। ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ଶରୀର ପାଇଁ ଉପଯୋଗୀ ବୋଲି ଆୟୁର୍ବେଦରେ ବର୍ଣ୍ଣନା କରାଯାଇଛି।



- ବରକୋଳି ଖାଇଲେ କେଶ ଘନ, ଲମ୍ବା ଓ ସୁସ୍ଥ ହୋଇଥାଏ।
- ହଜମ ଶକ୍ତି ବଢାଇବାରେ ଏହା ସାହାଯ୍ୟ କରିଥାଏ। ନିୟମିତ ସକାଳୁ ୨-୪ଟି ବରକୋଳି ଖାଇଲେ ହଜମ ଶକ୍ତିରେ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଥାଏ।
- ବରକୋଳିର ଆଚାର ମଧ ପ୍ରସ୍ତୁତ କରି ଖିଆଯାଏ। ଯାହା ବେଶ୍ ସ୍ୱାଦିଷ୍ଟ।
- ଥଣ୍ଡା ସମୟରେ ଏହାକୁ ଅଧିକ ପରିମାଣରେ ଖାଇବା ଅନୁଚିତ୍। ଏହାଦ୍ୱାରା କାଶ ଓ କଫ ହେବାର ଆଶଙ୍କା ଥାଏ।

# ବୟସ ବଢ଼ିଲେ ଏସବୁ ପ୍ରତି ଧ୍ୟାନ ରଖନ୍ତୁ

ଶରୀରକୁ ସୁସ୍ଥ ରଖିବା ଦିଗରେ ଭିଟାମିନ୍ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଭିଟାମିନର ଅଭାବରେ ଶରୀରରେ ଅନେକ ପ୍ରକାର ସମସ୍ୟା ଦେଖାଦେଇଥାଏ। ବିଶେଷକରି ବୟସ ବଢ଼ିବା ସହ ନିର୍ଦ୍ଦିଷ୍ଟ କେତେକ ଭିଟାମିନ୍ ଶରୀରକୁ ନିତାନ୍ତ ଆବଶ୍ୟକ। ତେବେ ଆସନ୍ତୁ ଏ ବିଷୟରେ ଅଧିକ ଜାଣିବା



କ୍ୟାଲସିୟମ୍: ବୟସ ବଢ଼ିବା ସହ ଶରୀର ପାଇଁ କ୍ୟାଲସିୟମ ଅଧିକ ଜରୁରୀ ହୋଇପଡ଼େ। କ୍ୟାଲସିୟମର ଅଭାବରୁ ହାଡ଼ ଦୁର୍ବଳ ହୋଇପଡ଼େ। ଫଳରେ ଅଷ୍ଟିୟୋପୋରୋସିସ୍ ହେବାର ସମ୍ଭାବନା ବଢ଼ିଯାଏ। ମହିଳାଙ୍କ ମେନୋପୋଜ ସମୟରେ ସାଧାରଣତଃ ଏହି ସମସ୍ୟା ଆରମ୍ଭ ହୋଇଯାଏ। କ୍ୟାଲସିୟମ ମାଂସପେଶୀ, କୋଷ ଏବଂ ସ୍ନାୟୁକୁ ତଥା ଧମନୀକୁ କାଯ୍ୟ କରିବାରେ ସାହାଯ୍ୟ କରିଥାଏ। ୫୦ରୁ ଅଧିକ ବୟସ୍କା ମହିଳା ଏବଂ ୭୦ ବର୍ଷରୁ ଅଧିକ ବୟସର ପୁରୁଷଙ୍କ ତୁଳନା କଲେ ପ୍ରାୟ ୨୦ ପ୍ରତିଶତରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କଠାରେ କ୍ୟାଲସିୟମର ଅଭାବ ଦେଖିବାକୁ ମିଳିଥାଏ। ଏଣୁ ଖାଦ୍ୟରେ କ୍ଷୀର, ଦହି, ପନିର ଆଦି ସାମିଲ କରନ୍ତୁ।

ଭିଟାମିନ୍ ବି-୧୨: ଶରୀରରେ ରକ୍ତ ଏବଂ ସ୍ନାୟୁ କୋଷ ତିଆରି କରିବାରେ ଭିଟାମିନ୍ ବି-୧୨ ସାହାଯ୍ୟ କରେ। ମାଂସ, ମାଛ, ଅଣ୍ଡା ତଥା ଦୁଗ୍ଧ ଜାତୀୟ ଖାଦ୍ୟପଦାର୍ଥରେ ଏହି ଭିଟାମିନ୍ ପ୍ରଚୁର ପରିମାଣରେ ମିଳିଥାଏ। ଏହାକୁ ଭିଟାମିନ୍ ବି-୧୨ ଟ୍ୟାବଲେଟ୍ କିମ୍ବା ଫୋର୍ଟିଫାଇଡ୍ ଖାଦ୍ୟ ଭାବରେ ମଧ ଆପଣ ଖାଇପାରିବେ। ୫୦ ବର୍ଷରୁ ଅଧିକ ବୟସ୍କଙ୍କ କ୍ଷେତ୍ରରେ ୩୦ ପ୍ରତିଶତ ଲୋକଙ୍କଠାରେ ଏଟ୍ରୋଫିକ୍ ଗ୍ୟାଷ୍ଟ୍ରିଟିସ୍ ଦେଖାଦେଇଥାଏ, ଯେଉଁ କାରଣରୁ ଶରୀରକୁ ଖାଦ୍ୟ ପଦାର୍ଥ ମାଧମରେ ଆବଶ୍ୟକ ଭିଟାମିନ୍ ବି-୧୨ ମିଳିପାରେ ନାହିଁ।

ଭିଟାମିନ୍ ଡି: ମାଂସପେଶୀ, ସ୍ନାୟୁ ଏବଂ ଇମ୍ୟୁନ୍ ସିଷ୍ଟମକୁ ଠିକ୍ ଭାବରେ କାଯ୍ୟ କରିବାରେ ସାହାଯ୍ୟ କରେ ଭିଟାମିନ୍ ଡି। ସୂର୍ଯ୍ୟକିରଣରୁ ପ୍ରଚୁର ପରିମାଣର ଭିଟାମିନ୍ ଡି ମିଳିଥାଏ। ହେଲେ ଏକ ନିର୍ଦ୍ଦିଷ୍ଟ ବୟସ ପରେ ସୂର୍ଯ୍ୟ ରଶ୍ମୀରୁ ଶରୀର ଭିଟାମିନ୍ ଡି ଗ୍ରହଣ କରିପାରେ ନାହିଁ। ତେବେ ଖାଦ୍ୟ ପଦାର୍ଥରୁ ଭିଟାମିନ୍ ଡି ଯଥେଷ୍ଟ ମିଳିପାରିବ। ହେଲେ ସେଲମନ, ମ୍ୟାକରଲ ତଥା ସାର୍ଡିନ ଭଳି ମାଛରେ ଭରପୂର ଭିଟାମିନ୍ ଡି ରହିଛି।

ଭିଟାମିନ୍ ବି-୬: ଏହା ଶରୀରକୁ ଜୀବାଣୁ ସହ ଲଢ଼ିବାକୁ ଶକ୍ତି ଯୋଗାଇଥାଏ। ବୟସ ବଢ଼ିବା ସହ ଭିଟାମିନ୍ ବି-୬ ଶରୀର ପାଇଁ ଯଥେଷ୍ଟ ଜରୁରୀ ହୋଇପଡ଼େ। କିଛି ସର୍ଭେରୁ ଜଣାପଡ଼ିଛି ଯେ, ବୟସ୍କ ବ୍ୟକ୍ତିଙ୍କ ହଜିଯାଉଥିବା ସ୍ମରଣ ଶକ୍ତିକୁ ଠିକ୍ କରିବାରେ ଭିଟାମିନ୍ ବି-୬ ସାହାଯ୍ୟ କରିଥାଏ। ତେବେ କାବୁଲି ଚଣା, ଫ୍ୟାଟି ଫିଶ୍ ଏବଂ ପୋର୍ଟିଫାଇଡ୍ ଫିଡ୍ସରେ ଏହି ଭିଟାମିନ୍ ପ୍ରଚୁର ମାତ୍ରାରେ ରହିଛି।

ମ୍ୟାଗ୍ନେସିୟମ: ଶରୀରରେ ପ୍ରୋଟିନ୍ ତଥା ହାଡ଼କୁ ମଜବୁତ କରିବାରେ ଏହା ସାହାଯ୍ୟ କରିଥାଏ। ଏହା ବ୍ୟତୀତ ବ୍ଲଡ୍ ସୁଗାରକୁ ମଧ ଏହା ସ୍ଥିର ରଖିଥାଏ। ନଟସ୍, ମଞ୍ଜି ତଥା ପତ୍ରଜାତୀୟ ପନିପରିବାରେ ପ୍ରଚୁର ମ୍ୟାଗ୍ନେସିୟମ ଥାଏ। ବୟସ ବଢ଼ିବା ସହ ଲୋକମାନେ ନିଜ ଖାଦ୍ୟ ସୂଚୀକୁ ଅଧିକ ଧ୍ୟାନ ଦେବା ସହ ଆଉ ଖାଦ୍ୟରେ ମ୍ୟାଗ୍ନେସିୟମ ଉତ୍ସଗୁଡ଼ିକୁ ସାମିଲ କରିବା ଉଚିତ।

# ତୁଳସୀଙ୍କ କଥା



ପ୍ରାଚୀନ କାଳରେ ଶଙ୍ଖଚୂଡ଼ ନାମରେ ଏକ ଅତ୍ୟାଚାରୀ ଦୈତ୍ୟ ଥିଲା। ତା'ର ପତ୍ନୀର ନାମ ଥିଲା ବୃନ୍ଦା । ବୃନ୍ଦା ଥିଲା ଜଣେ ପ୍ରତିବ୍ରତା ମହିଳା । ଏହି କାରଣରୁ ଶଙ୍ଖଚୂଡ଼ର ପରାକ୍ରମ ଏବଂ ତେଜ ଅଧିକ ବଳଶାଳୀ ଥିଲା। ଏହିପରି ଶଙ୍ଖଚୂଡ଼ ଦେବ, ମାନବ ଉପରେ ଅତ୍ୟାଚାର ଚଳାଇଲା। ସମସ୍ତଙ୍କୁ ଯୁଦ୍ଧରେ ଜିତିନେଲା। ଦେବରାଜ ଇନ୍ଦ୍ରଙ୍କୁ ସ୍ୱର୍ଗ ଛାଡ଼ିବାକୁ ପଡ଼ିଲା। ଶଙ୍ଖଚୂଡ଼ର ଅତ୍ୟାଚାରରେ ଅତିଷ୍ଠ ହୋଇ ସମସ୍ତ ଦେବଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ। ଶଙ୍ଖଚୂଡ଼ର ଅତ୍ୟାଚାରରୁ ମୁକ୍ତି ପାଇଁ ଗୁହାରି କଲେ। ଦେବଗଣ ଶ୍ରୀହରିଙ୍କୁ କହିଲେ ଯେ ଶଙ୍ଖଚୂଡ଼ର ପତ୍ନୀ ବୃନ୍ଦା ଜଣେ ପତିବ୍ରତା ନାରୀ । ତା'ର ସତୀତ୍ୱ ନଷ୍ଟ କରିଦେଲେ ଶଙ୍ଖଚୂଡ଼ର ପରାକ୍ରମୀ ତେଜ ନଷ୍ଟ ହୋଇଯିବ । ଫଳରେ ତା'କୁ ହରାଇବା କଷ୍ଟକର ହୋଇପଡ଼ିବ । ଶେଷରେ ଶ୍ରୀହରି ବିଷ୍ଣୁ, ଶଙ୍ଖଚୂଡ଼ ବେଶ ଧାରଣ କରି ବୃନ୍ଦା ନିକଟକୁ ଗଲେ। ବୃନ୍ଦା ଭଗବାନ ବିଷ୍ଣୁଙ୍କ ମାୟା ଜାଣିପାରିଲା ନାହିଁ । ଭଗବାନ ବିଷ୍ଣୁଙ୍କୁ ସେ ନିଜ ପତି ବୋଲି ଭାବିଲା । । ଫଳରେ ତା'ର ସତୀତ୍ୱ ନଷ୍ଟ ହୋଇଗଲା। ଅନ୍ୟପଟେ ଯୁଦ୍ଧ ଭୂମିରେ ଦେବତାଙ୍କ ସହିତ ଲଢୁଥିବା ପରାକ୍ରମୀ ଶଙ୍ଖଚୂଡ଼ର ତେଜ ନଷ୍ଟ ହୋଇଯିବା ଫଳରେ ସେ ଯୁଦ୍ଧଭୂମିରେ ମୃତ୍ୟୁବରଣ କଲା। ଏହି ସମସ୍ତ ଘଟଣା ସମ୍ପର୍କରେ ଜାଣିବା ପରେ ବୃନ୍ଦା ଦୁଃଖରେ ଭାଙ୍ଗିପଡ଼ିଲା। ସେ ଶ୍ରୀହରିଙ୍କୁ ଅଭିଶାପ ଦେଇ କହିଲା ଯେ ମୋ ସହିତ ଛଳ କରିଥିବାରୁ ତୁମକୁ ମୃତ୍ୟୁଲୋକରେ ଜନ୍ମ ନେବାକୁ ପଡ଼ିବ ଏବଂ ପତ୍ନୀ ବିୟୋଗ ସହିବାକୁ ହେବ । ଏହା କହି ବୃନ୍ଦା ନିଜ ପତିଙ୍କ ସହିତ ସତୀ ହୋଇଗଲା। ଯେଉଁ ସ୍ଥାନରେ ବୃନ୍ଦା ସତୀ ହୋଇଗଲା ସେଠାରେ ଏକ ତୁଳସୀ ବୃକ୍ଷ ଉଠିଲା। ସେବେଠାରୁ ବୃନ୍ଦା 'ତୁଳସୀ' ନାମରେ ପୂଜା ପାଇବାକୁ ଲାଗିଲେ।

ଅନ୍ୟ ଏକ ପୌରାଣିକ ଆଖ୍ୟାନ ଅନୁଯାୟୀ, ଶ୍ରୀହରିଙ୍କୁ ପଥର ହୋଇଯିବା ଲାଗି ବୃନ୍ଦା ଅଭିଶାପ ଦେଇଥିଲା। ଅନ୍ୟପଟେ ବୃନ୍ଦାକୁ ତୁଳସୀ ବୃକ୍ଷରେ ପରିଣତ ହୋଇ ପୂଜା ପାଇବା ଲାଗି ଶ୍ରୀହରି ବରଦାନ ଦେଇଥିଲେ। ଯେଉଁ ମଣିଷ ଶ୍ରୀବିଷ୍ଣୁଙ୍କ ସହିତ ତୁଳସୀ ବିବାହ ପୂଜା କରାଇବ ସେ ମୃତ୍ୟୁ ପରେ ପରମଧାମ ପ୍ରାପ୍ତ କରିବ ବୋଲି ଶ୍ରୀବିଷ୍ଣୁ ବରଦାନ ଦେଇଥିଲେ । ତେଣୁ ପ୍ରତ୍ୟେକ ବର୍ଷ କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ତୁଳସୀ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥାଏ।

# ଘରେ ରଖନ୍ତୁ ମାଠିଆ ବା ସୁରେଇ

ପୂର୍ବରୁ ଲୋକେ ଘରେ ମାଟିରେ ତିଆରି ମାଠିଆରେ ପାଣି ରଖି ପିଉଥିଲେ। ଆଗରୁ ପ୍ରତ୍ୟେକ ଲୋକଙ୍କ ଘରେ ମାଠିଆ ଦେଖିବାକୁ ମିଳୁଥିଲା। ବିଶେଷକରି ଗ୍ରୀଷ୍ମ ଦିନରେ



ଲୋକେ ମାଠିଆ ପାଣି ପିଇବାକୁ ଭଲ ପାଆନ୍ତି। ଏହା କେବଳ ପାଣିକୁ ପ୍ରାକୃତିକ ଭାବେ ଥଣ୍ଡା କରେନି ବରଂ ଏହାର ସ୍ୱାସ୍ଥ୍ୟଗତ ଗୁଣ ମଧ ରହିଛି। ମାଠିଆ ପାଣି ସ୍ୱାସ୍ଥ୍ୟ ପାଇଁ ହିତକର।

ମାଟିରେ ତିଆରି ମାଠିଆ ଜୀବନରେ ଖୁସି ଆଣିବାରେ ମଧ ମହତ୍ୱପୂର୍ଣ୍ଣ। ମାଠିଆକୁ ଗୁଡ଼ ଲକ ବୋଲି ମଧ କୁହାଯାଏ। ମାଠିଆ ସହ ସମ୍ବନ୍ଧିତ କିଛି ଉପାୟ ଆପଣେଇଲେ ଆର୍ଥିକ ସମସ୍ୟା ଦୂର ହେବାସହ ବାସ୍ତୁଦୋଷ ମଧ ଦୂର ହୋଇଥାଏ। ବାସ୍ତୁଶାସ୍ତ୍ରରେ ମଧ ମାଠିଆର ଅନେକ ଗୁରୁ□ ରହିଛି। ମାଠିଆ ସମ୍ବନ୍ଧୀୟ କିଛି ଉପାୟ ସମ୍ପର୍କରେ ଜାଣନ୍ତୁ ଯାହା ଆପଣଙ୍କ ଜୀବନରେ ଖୁସି ଭରିବା ସହ ଚିନ୍ତାରୁ ମୁକ୍ତ କରିଦେବ।

୧. ସବୁବେଳେ ମାଠିଆ ଭର୍ତ୍ତି କରି ରଖିବେ : ମାଠିଆ କେବେ ବି ଖାଲି ରଖିବେନି, ସବୁବେଳେ ଭର୍ତ୍ତି କରି ରଖିବେ। ମାଟି ସୁରେଇ କିମ୍ବା ମାଠିଆରେ ସବୁବେଳେ ପାଣି ରଖିବା ଉଚିତ। ମାଠିଆରେ ପାଣି ଭରି ରଖିବା ଶୁଭ ହୋଇଥାଏ।

୨. ଉତ୍ତର ଦିଗରେ ରଖିବେ : ବାସ୍ତୁଶାସ୍ତ୍ରରେ ମାଟି ତିଆରି ମାଠିଆର ଅନେକ ମହତ୍ୱ ରହିଛି। ବାସ୍ତୁଶାସ୍ତ୍ର ଅନୁସାରେ ମାଠିଆ କିମ୍ବା ସୁରେଇ ସବୁବେଳେ ଉତ୍ତର ଦିଗରେ ରଖିବା ଉଚିତ। ଏହା ଉତ୍ତମ ଫଳ ପ୍ରଦାନ କରିଥାଏ। ଉତ୍ତର ଦିଗରେ ଜଳ ଦେବତା ବରୁଣ ବାସ କରନ୍ତି।





# ସୁପ୍ରିମକୋର୍ଟଙ୍କ କ୍ଷମତା

ଦେଶର ପ୍ରଧାନବିଚାରପତି ଗସ୍ତରେ ଗଲେ ତାଙ୍କୁ ରାଜ୍ୟ ସରକାରଙ୍କ ପକ୍ଷରୁ ଉପଯୁକ୍ତ ପ୍ରୋଟୋକଲ ଅନୁଯାୟୀ ସମ୍ମାନ ଦିଆଯିବା ଉଚିତ। କିନ୍ତୁ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ମୁମ୍ବଇ ପୋଲିସ କମିଶନର ଅନୁପସ୍ଥିତ ଥିଲେ। ଏହା ପ୍ରୋଟୋକଲ ଭଙ୍ଗ ବୋଲି ଉଲ୍ଲେଖ କରି ପ୍ରଧାନବିଚାରପତି କ୍ଷୋଭ ପ୍ରକାଶ କରିଥିଲେ। ପ୍ରଧାନବିଚାରପତିଙ୍କ କ୍ଷୋଭ ଯଥାର୍ଥ ଏବଂ ଏହାକୁ ଗୌଣରେ କରାଯାଇପାରିବ ନାହିଁ। ଦେଶର ରାଷ୍ଟ୍ରପତି ଓ ଉପ-ରାଷ୍ଟ୍ରପତିଙ୍କ ପରେ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ହେଉଛନ୍ତି ସର୍ବୋଚ୍ଚ ପଦାଧିକାରୀ। ସେ ହେଉଛନ୍ତି ନ୍ୟାୟିକ ବ୍ୟବସ୍ଥାର ମୁଖ୍ୟ। ଏହି ସମ୍ବର୍ଦ୍ଧନା ସଭାରେ ପ୍ରଧାନ ବିଚରପତି କହିଥିଲେ ଯେ, ଗଣତନ୍ତ୍ରର ୩ଟି ସ୍ତମ୍ଭ ନ୍ୟାୟପାଳିକା, କାର୍ଯ୍ୟପାଳିକା ଏବଂ ବ୍ୟବସ୍ଥାପକର ଗରିମା, ଗୁରୁତ୍ୱ ଏବଂ ଦାୟିତ୍ୱ ସମାନ। ତିନିଟି ସ୍ତମ୍ଭ ପରସ୍ପରକୁ ସମ୍ମାନ ଦେବା ଉଚିତ। କେହି କାହାର କ୍ଷମତାର ଲକ୍ଷ୍ମଣରେଖା ଅତିକ୍ରମ କରିବା ଅନୁଚିତ। କେହି ନିଜ ଦାୟିତ୍ୱ ନିର୍ବାହରୁ ବିଚ୍ୟୁତ ହେବା ଅନୁଚିତ। ପରସ୍ପର ଉପରେ ବିଶ୍ୱାସ ରଖିବା ଉଚିତ। ପ୍ରଧାନ ବିଚାରପତିଙ୍କ ଏହି ମନ୍ତବ୍ୟ ଏବଂ କ୍ଷୋଭ ପଛରେ ଅନେକ କାରଣ ରହିଛି। ଗତ କିଛି ମାସ ମଧ୍ୟରେ ଅନେକ ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କୁ ସମାଲୋଚନା କରାଯାଇଛି, ସୁପ୍ରିମକୋର୍ଟଙ୍କ କ୍ଷମତା ଉପରେ ପ୍ରଶ୍ନ କରାଯାଇଛି ଯାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ସମ୍ଭବତଃ ସେଭଳି ପରିସ୍ଥିତି ସୃଷ୍ଟି ହୋଇନଥିଲା। କିନ୍ତୁ ଗଣତନ୍ତ୍ର ପରିପକ୍ୱ ଏବଂ ଜନ ସାଧାରଣ ସଚେତନ ହେବା ଫଳରେ ଏଭଳି ପ୍ରସଙ୍ଗ ସୃଷ୍ଟି ହେଉଛି। ଗତ ବର୍ଷ ଗଣେଶ ପୂଜା ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତତ୍କାଳୀନ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୁଡ଼ଙ୍କ ଘରକୁ ଯାଇଥିଲେ। ଏହାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ପ୍ରଧାନମନ୍ତ୍ରୀ ଜଣେ ରାଜନୈତିକ ବ୍ୟକ୍ତି। ସରକାରଙ୍କ ନିଷ୍ପତ୍ତିକୁ ଚାଲେଞ୍ଜ କରି ବା ଶାସକ ଦଳର କିଛି ନେତାଙ୍କ ବିରୋଧରେ ମାମଲା ଚାଲିଥିବା ବେଳେ ପ୍ରଧାନ ବିଚାରପତିଙ୍କ ଘରକୁ ପ୍ରଧାନମନ୍ତ୍ରୀ ଯିବା କେତେଦୂର ଯଥାର୍ଥ ସେଥିନେଇ ବିରୋଧୀ ପ୍ରଶ୍ନ ଉଠାଇଥିଲେ। ଅଯୋଧ୍ୟା ମାମଲାର ରାୟ ପ୍ରକାଶ ପରେ କେତେକ ବ୍ୟକ୍ତି ଏବଂ ସଙ୍ଗଠନ ସୁପ୍ରିମକୋର୍ଟଙ୍କ ନିରପେକ୍ଷତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ। ନିକଟରେ ସୁପ୍ରିମକୋର୍ଟ ଏକ ମାମଲାରେ କହିଥିଲେ ଯେ, ରାଜ୍ୟ ବିଧାନସଭରେ ଗୃହୀତ ବିଲକୁ ରାଜ୍ୟପାଳ ବା ରାଷ୍ଟ୍ରପତି ଅଧିକ ଦିନ ଅଟକାଇପାରିବେନି। ଏପରିକି ରାଷ୍ଟ୍ରପତି ମଧ୍ୟ ସର୍ବାଧିକ ୩ ମାସ ମଧ୍ୟରେ ଏହା ଉପରେ ନିଷ୍ପତ୍ତି ନେବାକୁ ବାଧ୍ୟ ଏବଂ ଯଦି ରାଷ୍ଟ୍ରପତି ବିଲକୁ ଅଗ୍ରାହ୍ୟ କରନ୍ତି ବା ଏହାକୁ ଅନୁମୋଦନ କରିବାରେ ବିଳମ୍ବ କରନ୍ତି ତେବେ ଏହାର କାରଣ ସମ୍ପର୍କରେ ତାଙ୍କୁ ଜଣାଇବାକୁ ପଡ଼ିବ ବୋଲି ସୁପ୍ରିମକୋର୍ଟ କହିଥିଲେ। ଏହା ଉପରେ ଶାସକ ଦଳର କେତେକ ସାଂସଦ ଏପରିକି ଖୋଦ ଦେଶର ଉପରାଷ୍ଟ୍ରପତି ମଧ୍ୟ ପ୍ରଶ୍ନ ଉଠାଇଥିଲେ ଏବଂ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବାର କ୍ଷମତା ସୁପ୍ରିମକୋର୍ଟଙ୍କର ନାହିଁ ବୋଲି କହିଥିଲେ। କାରଣ ରାଷ୍ଟ୍ରପତି ହେଉଛନ୍ତି ଦେଶର ପ୍ରଥମ ନାଗରିକ। ସେ ହେଉଛନ୍ତି ଦେଶର ସାମ୍ବିଧାନିକ ମୁଖ୍ୟ। ସୁପ୍ରିମକୋର୍ଟ ଜଣେ ଅଭିଯୁକ୍ତକୁ ଫାଶୀ ଦଣ୍ଡାଦେଶ ଦେଇଥିଲେ, ତାଙ୍କୁ କ୍ଷମା କରିବାର ଅଧିକାର ରାଷ୍ଟ୍ରପତିଙ୍କର ରହିଛି। ତେଣୁ ରାଷ୍ଟ୍ରପତିଙ୍କୁ ନିର୍ଦ୍ଦେଶ ଦେବାର କ୍ଷମତା ସୁପ୍ରିମକୋର୍ଟଙ୍କର ନାହିଁ ବୋଲି ଖୋଦ ଉପରାଷ୍ଟ୍ରପତି କହିଥିଲେ। ଏହା ପରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ଏକ ପତ୍ର ଲେଖି ୧୪ଟି ପ୍ରଶ୍ନ ବା ସ୍ପଷ୍ଟିକରଣ ମାଗିଛନ୍ତି। ତାଙ୍କର କହିବା କଥା ହେଲା ରାଜ୍ୟ ବିଧାନସଭାରେ ଗୃହୀତ ବିଲ ଉପରେ ପ୍ରଶ୍ନ ଉଠାଇବା, ଏହାର ବୈଧତା ନେଇ ଯାଞ୍ଚ କରିବା ଏବଂ ଯଦି ଏହା ଅସାମ୍ବିଧାନିକ ହୋଇଥିବ ତେବେ ଏହାକୁ ଫେରାଇବା ଅଧିକାର ରାଷ୍ଟ୍ରପତିଙ୍କର ଅଛି କି ନାହିଁ।

# ସୁପ୍ରିମକୋର୍ଟରେ ବଂଶବାଦ

॥ ସୌମେନ୍ଦ୍ର ଜେନା ॥

ଗତ କିଛିମାସ ହେବ ଦେଶର ନ୍ୟାୟିକ ବ୍ୟବସ୍ଥା, ନ୍ୟାୟାଳୟର କାର୍ଯ୍ୟସମୟ, ବିଚାରପତିଙ୍କ ସୁବିଧା ସୁଯୋଗ, ଦେଶରେ ମାମଲାର ବଢୁଥିବା ସଂଖ୍ୟା,ଉଚ୍ଚ ଅଦାଲତରେ ବିଳମ୍ବିତ ନ୍ୟାୟ ପ୍ରକ୍ରିୟାକୁ କେନ୍ଦ୍ରକରି ଅନେକ ଆଲୋଚନା-ସମାଲୋଚନା ସମସ୍ତଙ୍କ ଦୃଷ୍ଟିକୁ ଆସିଛି । ଦେଶର ଗଣମାଧ୍ୟମଗୁଡିକ ଆଜି ପର୍ଯ୍ୟନ୍ତ କେବଳ ରାଜନୀତି, ରାଜନେତା ଏବଂ ରାଜନୈତିକ ଦଳଗୁଡିକୁ କେନ୍ଦ୍ରକରି ଖବର ପ୍ରସାର କରୁଥିବା ବେଳେ ଦେଶର ସବୁ ସମସ୍ୟାର ମୂଳ କେବଳ ସେମାନେ ବୋଲି କୁହାଯାଇଆସିଛି, ଦର୍ଶାଯାଇ ଆସିଛି । କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାର ଏହା ଏକମାତ୍ର ଅଂଶବିଶେଷ, ସବୁକିଛି ନୁହେଁ ବୋଲି ଆମକୁ ଗ୍ରହଣ କରିବାକୁ ହେବ । ଅଥଚ ଦେଶର ରାଜନୀତିରେ ପିତାପରେ ପୁତ୍ରର ରାଜନୀତିକୁ ବଂଶବାଦର ଆଖ୍ୟା ପ୍ରଦାନ କରାଯାଉଥିଲା ବେଳେ ବଡ ବ୍ୟବସାୟୀର ପୁତ୍ର ଆହୁରି ବଡ ବ୍ୟବସାୟୀ ହେବା, ସିନେ ତାରକାଙ୍କ ପୁଅଝିଅମାନେ ବାପାମାଆଙ୍କ ପରି ସିନେ ଜଗତକୁ ଦଖଲ କଲେ ମଧ୍ୟ ସେଠାରେ ବଂଶବାଦକୁ ନେଇ କେହି ଏଠି ଆଲୋଚନା କରୁନାହିଁ । ସେମିତି ଦେଶର ବିଚାର ବ୍ୟବସ୍ଥାରେ ମଧ୍ୟ ବଂଶବାଦ ଆଧାରିତ ପରମ୍ପରା ଅଧିକ ସୁଦୃଢ ହେଉଥିବା ସମୟରେ ତାକୁ କେହି ଦୋଷ ଦେଉନାହାନ୍ତି । ଏବି ବଂଶବାଦୀ ଧରାଧରି ବ୍ୟବସ୍ଥା ଯୋଗୁ ଅନେକ ଯୋଗ୍ୟ ବିଚାରପତି ଉଚ୍ଚନ୍ୟାୟାଳୟ କିମ୍ବା ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)କୁ ଆସିବାର ସୁଯୋଗ ନପାଇ ତଳ ଅଦାଲତରେ ନିଜର କାର୍ଯ୍ୟକାଳ ଶେଷ କରିବାକୁ ବାଧ୍ୟ ହେଉଛନ୍ତି । ଦେଶର କଲେଜିୟମ ବ୍ୟବସ୍ଥା ଯୋଗ୍ୟ ବିଚାରପତିମାନଙ୍କୁ ସ୍ଥାନ ନଦେଇ ସଂପର୍କୀତ ଏବଂ ନିକଟତର ବିଚାରପତିମାନଙ୍କୁ ପଦପଦବୀରେ ଆସୀନ କରୁଥିବା ହେତୁ ଅସଲ ସଙ୍କଟ ସୃଷ୍ଟି ହେଉଥିବା କଥା କୁହାଯାଉଛି । ଗତ କିଛିଦିନ ତଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଚପୁଡାମାରି ଜେଲରେ ଥିବା ଦେଶର ଗରିବ, ଆଦିବାସୀମାନଙ୍କ ଅସହାୟତା କଥା ପ୍ରକାଶ କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ । ଜମି ନଥିବାରୁ ସେମାନେ କିପରି ଜାମିନଦାର ନ ପାଇବା, ସର୍ବହରା ହେବା ଭୟରେ ଅଦାଲତକୁ ନଯିବା କଥା କହିଥିଲେ । ଆଇନମନ୍ତ୍ରୀ କିରଣ ରିଜିଜୁ ମଧ୍ୟ ବିଚାର ବ୍ୟବସ୍ଥାରେ ପାରଦର୍ଶିତା,ନିଯୁକ୍ତିରେ ସ୍ୱଚ୍ଛତା, ଯୋଗ୍ୟତା ଚୟନରେ ବିଶ୍ୱସନୀୟତା ରହିବା ଉପରେ ଜୋର ଦେଇ ଦେଶର କଲେଜିୟମ ବ୍ୟବସ୍ଥାକୁ ପରୋକ୍ଷରେ ଇଙ୍ଗିତ କରିଥିଲେ।

ବିଗତ ଦିନଗୁଡିକରେ ଦେଶର ବିଚାର ବ୍ୟବସ୍ଥାର ଅବ୍ୟବସ୍ଥାକୁ କେନ୍ଦ୍ରକରି ଢେର ଢେର ଲେଖାମାନ ପ୍ରକାଶ ପାଇଛି । ସାମ୍ବିଧାନିକ ବ୍ୟବସ୍ଥାକୁ ଲକ୍ଷ୍ୟକଲେ ଦେଶର ତଳ କୋର୍ଟ ପାଇଁ ବିଧିବଦ୍ଧ ଭାବେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ବିଚାରପତି ନିଯୁକ୍ତି ବ୍ୟବସ୍ଥା ରହିଥିଲେ ମଧ୍ୟ ଉପର କୋର୍ଟ (ହାଇକୋର୍ଟ, ସୁପ୍ରିମକୋର୍ଟ) ଗୁଡିକ ପାଇଁ ସେପରି ବ୍ୟବସ୍ଥା ନାହିଁ । ସମ୍ବିଧାନର ଧାରା ୧୨୪(୨) ଏବଂ ୨୧୭ରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ଜଜ୍ (ବିଚାରପତି)ମାନଙ୍କର ନିଯୁକ୍ତି ସଂପର୍କରେ ଉଲ୍ଲେଖ ରହିଛି । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ପ୍ରକ୍ରିୟା ବିଷୟରେ ଉଲ୍ଲେଖ କରାଯାଇନାହିଁ । ବ୍ୟବସ୍ଥା ଅନୁଯାୟୀ ୧୨୪(୨) କହେ ଯେ ସୁପ୍ରିମକୋର୍ଟ ଓ ହାଇକୋର୍ଟର ଜଜ୍‌ମାନଙ୍କୁ ନିଯୁକ୍ତି ପାଇଁ ରାଷ୍ଟ୍ରପତି ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ)ର ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିଥାନ୍ତି । ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ନିଯୁକ୍ତି ପାଇଁ ସେ ଅନ୍ୟ ବିଚାରପତିମାନଙ୍କ ସହ ଆଲୋଚନା କରିଥାନ୍ତି । ତେବେ ସମ୍ବିଧାନର ୨୧୭ଧାରା ଅନୁଯାୟୀ ହାଇକୋର୍ଟର ବିଚାରପତିଙ୍କ ନିଯୁକ୍ତି ରାଷ୍ଟ୍ରପତିଙ୍କ ଦ୍ୱାରା ହେଉଥିଲେ ମଧ୍ୟ ସେ ସଂପୃକ୍ତ ରାଜ୍ୟର ରାଜ୍ୟପାଳ ଏବଂ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ସହ ଆଲୋଚନା କରିଥାନ୍ତି ।

ଦେଖିବାକୁ ଗଲେ ଏବେ ପ୍ରଚଳିତ କଲେଜିୟମ ବ୍ୟବସ୍ଥା ମୂଳ ସମ୍ବିଧାନରେ ନଥିଲା । ୨୮ ଅକ୍ଟୋବର ୧୯୯୮ରେ ୩ଜଣିଆ ଜଜ୍ ମାମଲାରେ ସୁପ୍ରିମକୋର୍ଟର ରାୟ ମାଧ୍ୟମରେ ଏହାକୁ ଦେଶରେ କାର୍ଯ୍ୟକାରୀ କରାଯାଇଥିଲା । ଏହି ବ୍ୟବସ୍ଥା ଅନୁସାରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଏବଂ ୪ଜଣ ବରିଷ୍ଠ ଜଜ୍‌ଙ୍କୁ ନେଇ ଗଠିତ କମିଟି (କଲେଜିୟମ) ଦେଶର ବିଚାରପତି (ଜଜ୍)ମାନଙ୍କୁ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ନିଯୁକ୍ତି ଦେଇଥାନ୍ତି, ବଦଳିପାଇଁ ସୁପାରିଶ କରିଥାଆନ୍ତି । କଲେଜିୟମର ସୁପାରିଶକୁ ସ୍ୱୀକୃତି ପାଇଁ କେନ୍ଦ୍ର ସରକାରଙ୍କ ନିକଟକୁ ପଠାଯାଇଥାଏ । ସେହି ତାଲିକାରେ ମତଭେଦ ଥିଲେ ସରକାର କିଛି ନୂଆ ପ୍ରସ୍ତାବିତ ନାମ ତାଲିକା ସହ ସଂଶୋଧନ ନିମନ୍ତେ କଲେଜିୟମକୁ ପଠାଇଥାନ୍ତି । କଲେଜିୟମ ସରକାରଙ୍କ ସଂଶୋଧନକୁ ଗ୍ରହଣ କରନ୍ତି କିମ୍ବା ନିଜ ମୁତାବକ ତାଲିକା କରି ପୁଣିଥରେ କେନ୍ଦ୍ର ସରକାରଙ୍କ ପାଖକୁ ପଠାଇଥାନ୍ତି । ତେବେ ଦ୍ୱିତୀୟଥର ସରକାର କଲେଜିୟମର ପ୍ରସ୍ତାବକୁ ଗ୍ରହଣ କରିବାକୁ ବାଧ୍ୟ ହୋଇଥାନ୍ତି ।

ଗତ ୨୫ ବର୍ଷରେ ଯାହା ଦେଖାଯାଇଛି ଏହି ବ୍ୟବସ୍ଥାରେ କେତେକ ହାତଗଣା ପରିବାର ବର୍ଗ ଉପକୃତ ହୋଇଛନ୍ତି । ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରିବା ବେଳେ କଲେଜିୟମ ବନାମ ସରକାର ସ୍ଥିତି ଉପୁଜିଲେ ଅଯଥା ବର୍ଷ ବର୍ଷ ସମୟ ନଷ୍ଟ ହୋଇଥାଏ, ନିଯୁକ୍ତି ବିଳମ୍ବିତ ହୋଇଥାଏ । କଲେଜିୟମ ସରକାରଙ୍କ ଆପତ୍ତିକୁ ଗ୍ରହଣ ନ କଲେ ସରକାର ମଧ୍ୟ କଲେଜିୟମର ବିରୋଧୀ ହୋଇଥାନ୍ତି । ଫଳସ୍ୱରୂପ ମକଦ୍ଦମା ସଂଖ୍ୟା ବଢୁଥାଏ, ବିଚାରକାଳ ଗଡୁଥାଏ । ସରକାର କଲେଜିୟମର ପ୍ରସ୍ତାବକୁ ଗ୍ରହଣ କରି କେତେ ସମୟ ମଧ୍ୟରେ ନିଯୁକ୍ତି ଦେବେ ତାହା ସ୍ପଷ୍ଟ ନଥିବାରୁ ସରକାର ଟାଳଟୁଳନୀତି ଅବଲମ୍ବନ କରିଥାନ୍ତି । କଲେଜିୟମ ବ୍ୟବସ୍ଥାକୁ ବର୍ତ୍ତମାନର ସରକାର ବିରୋଧ କରିବାର କାରଣ ହେଲା ଯେ ଏହି ବ୍ୟବସ୍ଥା ପ୍ରିୟାପ୍ରୀତି ତୋଷଣକୁ ପ୍ରୋତ୍ସାହିତ କରିଆସୁଛି । ଏଥିରେ କେନ୍ଦ୍ର ସଚିବାଳୟ କିମ୍ବା ଅନ୍ୟ କାର୍ଯ୍ୟାଳୟର ଭୂମିକା ରହୁନାହିଁ । ୫ଜଣ ଜଜ୍ ବନ୍ଦ କୋଠରୀ ମଧ୍ୟରେ ଯାହା ସ୍ଥିର କରୁଛନ୍ତି ତାକୁ ସର୍ବମାନ୍ୟ ଭାବେ ଗ୍ରହଣ କରାଯାଉଛି । ଏହି ଚୟନ ପ୍ରକ୍ରିୟା ଆଦୌ ଯୋଗ୍ୟତା ଏବଂ ପ୍ରତିଯୋଗିତାଭିତ୍ତିକ ନହୋଇ ବ୍ୟକ୍ତିଗତ ସଂପର୍କଭିତ୍ତିକ ହୋଇ ଆସିଛି । ଏଥିରେ ଅସ୍ୱଚ୍ଛତା ରହିଥିବା ହେତୁ ସନ୍ଦେହର ଘେରରେ ରହିଆସିଛି ।

ତେଣୁ କଲେଜିୟମ ବ୍ୟବସ୍ଥାର ସଂଶୋଧନ ପାଇଁ ୧୫ ଅଗଷ୍ଟ ୨୦୧୪ରେ ତତ୍କାଳୀନ ସରକାର ରାଷ୍ଟ୍ରୀୟ ନ୍ୟାୟାଳୟ ନିଯୁକ୍ତି ଆୟୋଗ (ଏନ୍‌ଜେଏସି) ଗଠନ କରିଥିଲେ । ଯାହାକୁ ୧୬ ଅକ୍ଟୋବର ୨୦୧୫ରେ ସୁପ୍ରିମକୋର୍ଟ ଆସାମ୍ବିଧାନିକ ଆଖ୍ୟା ଦେଇଥିଲେ । ଏଥିରେ ୬ଜଣିଆ ସଦସ୍ୟଙ୍କ ବ୍ୟବସ୍ଥା ଥିଲା । ଏହାର ପ୍ରମୁଖ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଥିଲାବେଳେ ୨ ସୁପ୍ରିମକୋର୍ଟ ଜଜ୍, କେନ୍ଦ୍ର ଆଇନମନ୍ତ୍ରୀ ଏବଂ ଭିନ୍ନ ଭିନ୍ନ କ୍ଷେତ୍ରରେ ୨ଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଏହାର ସଦସ୍ୟ କରାଯିବା ଲାଗି ବ୍ୟବସ୍ଥା ରହିଥଲା । ଏହି ଦୁଇଜଣ ସଦସ୍ୟଙ୍କ ଚୟନ ବିରୋଧୀଦଳ ନେତାଙ୍କ କମିଟି ସ୍ଥିର କରିବାକୁ ଥିବା ହେତୁ ସୁପ୍ରିମକୋର୍ଟ ସରକାରଙ୍କ ପ୍ରସ୍ତାବରେ ଅରାଜି ହୋଇଥିଲେ । (କ୍ରମଶଃ)

“ ବିଗତ ଦିନଗୁଡିକରେ ଦେଶର ବିଚାର ବ୍ୟବସ୍ଥାର ଅବ୍ୟବସ୍ଥାକୁ କେନ୍ଦ୍ରକରି ଢେର ଢେର ଲେଖାମାନ ପ୍ରକାଶ ପାଇଛି । ସାମ୍ବିଧାନିକ ବ୍ୟବସ୍ଥାକୁ ଲକ୍ଷ୍ୟକଲେ ଦେଶର ତଳ କୋର୍ଟ ପାଇଁ ବିଧିବଦ୍ଧ ଭାବେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପରେ ବିଚାରପତି ନିଯୁକ୍ତି ବ୍ୟବସ୍ଥା ରହିଥିଲେ ମଧ୍ୟ ଉପର କୋର୍ଟ (ହାଇକୋର୍ଟ, ସୁପ୍ରିମକୋର୍ଟ) ଗୁଡିକ ପାଇଁ ସେପରି ବ୍ୟବସ୍ଥା ନାହିଁ । ସମ୍ବିଧାନର ଧାରା ୧୨୪(୨) ଏବଂ ୨୧୭ରେ ସୁପ୍ରିମକୋର୍ଟ ଏବଂ ହାଇକୋର୍ଟର ଜଜ୍ (ବିଚାରପତି)ମାନଙ୍କର ନିଯୁକ୍ତି ସଂପର୍କରେ ଉଲ୍ଲେଖ ରହିଛି ।

# ଭୋକର ଯନ୍ତ୍ରଣାରୁ ମୁକ୍ତି କେବେ ?

॥ ଗୋପାଳ ମହାପାତ୍ର ॥

ଦେଶରେ ଯଦି କୌଣସି ବ୍ୟକ୍ତି ରାତ୍ରୀରେ ଭୋକରେ ଶୁଏ ତେବେ କହିବାକୁ ହେବ ଯେ ଦେଶର ସୌଭାଗ୍ୟ ଶୋଇପଡ଼ିଲା । କିନ୍ତୁ ଯଦି କେହି ଖାଦ୍ୟାଭାବରୁ ମୃତ୍ୟୁମୁଖରେ ପଡ଼େ ତେବେ କୁହାଯିବ ଯେ ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଦୁର୍ଭାଗ୍ୟ ଆମ ପିଛା ଛାଡୁନାହିଁ । କୋରନା ମହାମାରୀ ସମୟରେ ଏମିତି ଘଟିଥିଲା । ଏହି ସମୟରେ ହଜାର ହଜାର ଭୋକିଲା ଶ୍ରମିକ ନିଜ ପିଲାଛୁଆମାନଙ୍କୁ ଧରି ଶହ ଶହ କିଲୋମିଟର ଚାଲୁଥିବାର ଦେଖାଯାଇଥିଲା । ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଚନ୍ଦ୍ରଶେଖର ତାଙ୍କ ଆତ୍ମକଥାରେ ଲେଖିଛନ୍ତି ଯେ ଯୁଗସ୍ଲୋଭିଆର ଜଣେ ପ୍ରଫେସର ଯିଏ ବିଶ୍ୱର ଶରଣାର୍ଥୀ ମାନଙ୍କ ସମ୍ପର୍କରେ ଗବେଷଣା କରୁଥିଲେ ତାଙ୍କୁ ଖାଦ୍ୟାଭାବ ସମ୍ପର୍କରେ ପ୍ରଶ୍ନ କରିଥିଲେ । ଯୁଗସ୍ଲୋଭିଆର ପ୍ରଫେସରଙ୍କ ପ୍ରଶ୍ନର ଉତ୍ତରରେ ଚନ୍ଦ୍ରଶେଖର କହିଥିଲେ ଯେ ମହାତ୍ମା ଗାନ୍ଧୀ ମଧ୍ୟ ଦାରିଦ୍ର୍ୟର ଯନ୍ତ୍ରଣାକୁ ଅନୁଭବ କରିଥିଲେ ଯେତେବେଳେ ତାଙ୍କୁ ଦକ୍ଷିଣ ଆଫ୍ରିକାରେ ଅନେକ ଯାତନାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ସେଥିରୁ ପ୍ରେରଣା ପାଇ ସେ ଗରୀବ ଲୋକଙ୍କ ଜୀବନ ସହ ଯୋଡ଼ି ହୋଇଯାଇଥିଲେ । ମହାତ୍ମା ବୁଦ୍ଧଙ୍କର ଅସଲ ଜ୍ଞାନ ସେତେବେଳେ ଉଦୟ ହୋଇଥିଲା ଯେତେବେଳେ ସେ ସୁଜାତାଙ୍କ ଠାରୁ କ୍ଷୀରି ଖାଇବା ପାଇଁ ବାଧ୍ୟ ହୋଇଥିଲେ । ଭୋକର ଯନ୍ତ୍ରଣାକୁ ନବୁଝିଲେ କେହି ଭୋକ ମେଣ୍ଟାଇ ପାରେନାହିଁ ।

କିଛିଦିନ ତଳେ ସୁପ୍ରିମକୋର୍ଟରେ ସାମାଜିକ କାର୍ଯ୍ୟକର୍ତ୍ତା ଅଳି ଭରଦ୍ୱାଜ, ହର୍ଷ ମନ୍ଦର ଏବଂ ଜଗଦୀପ ଛୋକରଙ୍କ ପକ୍ଷରୁ ଆଗତ ଏକ ଜନସ୍ୱାର୍ଥ ମାମଲା ବରିଷ୍ଠ ଓକିଲ ପ୍ରଶାନ୍ତ ଭୂଷଣ ପରିଚାଳନା କରୁଥିଲେ । ମାମଲାଟିର ବିଚାର କରୁଥିଲେ ବିଚାରପତି ଏମ୍.ଆର. ଶାହା ଓ ବିଚାରପତି ହିମା କୋହଲି । ମାମଲାର ଶୁଣାଣୀ କରି ଦୁଇ ବିଚାରପତି କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ କହିଥିଲେ ଯେ କେନ୍ଦ୍ର ସରକାର ସୁନିଶ୍ଚିତ କରନ୍ତୁ ଯେ ଦେଶରେ କୌଣସି ବ୍ୟକ୍ତି ଭୋକରେ ଶୋଉନାହିଁ । ରାଷ୍ଟ୍ରୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅନୁସାରେ ଖାଦ୍ୟପଦାର୍ଥ ସମସ୍ତଙ୍କ ପାଖରେ ପହଞ୍ଚିବା ଦରକାର । ଖଣ୍ଡପୀଠ କୋରନା ମହାମାରୀ ଏବଂ ଲକ୍‌ଡାଉନ୍ ସମୟରେ ପ୍ରବାସୀ ଶ୍ରମିକଙ୍କ ଅବସ୍ଥା ସମ୍ବନ୍ଧୀତ ମାମଲାର ଶୁଣାଣୀ କରୁଥିଲେ ।

ଉପନିଷଦର ଏକ ପୌରାଣିକ କଥା ଅନୁସାରେ ଜଣେ ବ୍ରହ୍ମଚାରୀ ଥରେ ଜଣେ ଋଷିଙ୍କ ପାଖକୁ ଯାଇଥିଲେ । ବ୍ରହ୍ମଚାରୀ ଜଣକ ଋଷିଙ୍କୁ କହିଲେ ଗୁରୁବର ମୋତେ ବ୍ରହ୍ମଜ୍ଞାନ ଦିଅନ୍ତୁ । ଋଷି ବ୍ରହ୍ମଚାରୀଙ୍କୁ ଧ୍ୟାନ କରିବାକୁ କହିଲେ । ଅନେକ ସମୟ ଧ୍ୟାନରେ ବସିବା ପରେ ବ୍ରହ୍ମଚାରୀ ଜଣକ ଧ୍ୟାନ ଭାଙ୍ଗି ଠିଆ ହୋଇପଡ଼ିଲେ । ଋଷି ତାଙ୍କୁ ପୁନର୍ବାର ଧ୍ୟାନ କରିବା ପାଇଁ କହିଲେ । କିନ୍ତୁ ସେ ବସି ଧ୍ୟାନ କରିବା ପରିବର୍ତ୍ତେ ଋଷିଙ୍କୁ ଅବଜ୍ଞା କରି ଉଚ୍ଚ ସ୍ୱରରେ ବସି ପାରିବେ ନାହିଁ ବୋଲି କହିବା ସହ ଭୋକରେ ଆଉଟୁପାଉଟୁ ହୋଇଯାଉଥିବା କହିଲେ । ଏପରିକି ତାଙ୍କୁ ଖାଦ୍ୟ (ଅନ୍ନ) ଦରକାର ବୋଲି କହିଲେ । ଋଷି ହସି ହସି କହିଲେ ଯେ ପ୍ରଥମ ପାଠ ହେଉଛି ଅନ୍ନ ହିଁ ବ୍ରହ୍ମ ଏବଂ ଅନ୍ନ ବିନା କିଛି ହୋଇପାରିବ ନାହିଁ । ସେହିପରି ତୈତରୀୟ ଉପନିଷଦରେ କୁହାଯାଇଛି ଯେ ଅନ୍ନ ହେଉଛି ବ୍ରହ୍ମ । କାରଣ ଅନ୍ନରୁ ହିଁ ସବୁ ପ୍ରାଣୀ ଉତ୍ପନ୍ନ ହୋଇଥାନ୍ତି, ଉତ୍ପନ୍ନ ହୋଇ ଅନ୍ନରେ ହିଁ ଜୀବିତ ରହିଥାନ୍ତି, ଶେଷରେ ସଂସାରରୁ ପ୍ରୟାଣ କରି ପୁଣି ଅନ୍ନରେ ପ୍ରବିଷ୍ଟ ହୋଇଯାଆନ୍ତି ।

୧୮୬୭-୬୮ରେ ପ୍ରଥମେ ଦେଶରୁ ଗରୀବି ଦୂର କରିବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲା । ୧୯୩୮ରେ ସୁବାଷ ଚନ୍ଦ୍ର ବୋଷ ମଧ୍ୟ ସେକଥା କହିଥିଲେ । ୧୯୪୭ରେ ଦେଶ ସ୍ୱାଧୀନ ହେବାବେଳେ ପ୍ରତି ୩ଜଣରେ ଦୁଇଜଣ ଗରୀବ ଥିଲେ । ଏବେ କୁହାଯାଉଛି ଯେ ପ୍ରତି ୩ଜଣରେ ଜଣେ ଗରୀବ । ଦେଶ ସ୍ୱାଧୀନ ହେବା ପରେ ଗରୀବ ହଟାଅ, ଦେଶ ବଞ୍ଚାଅ ଧ୍ୱନୀ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀ ୧୯୭୪ରେ ଦେଇଥିଲେ । ରାଜୀବ ଗାନ୍ଧୀ ମଧ୍ୟ ଏହି ଧ୍ୱନୀର ପୁନରାବୃତ୍ତି କରିଥିଲେ । ପଞ୍ଚବାର୍ଷିକ ଯୋଜନାରେ ଏହାକୁ ସାମିଲ୍ କରାଯାଇଥିଲା । ଏବେ ବି ଦେଶରେ ଖାଦ୍ୟାଭାବ (ଭୋକ)ରେ ମରୁଥିବା କଥା ନଜରକୁ ଆସୁଛି କିନ୍ତୁ ସରକାର ଘଟଣାକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ଘଣ୍ଟ ଘୋଡାଇବାର ଉଦ୍ୟମ କରୁଛନ୍ତି । ଏହା ଦୁର୍ଭାଗ୍ୟପୂର୍ଣ୍ଣ ନିଶ୍ଚୟ ।

ଭୋଜନ ହେଉଛି ମନୁଷ୍ୟର ଜନ୍ମସିଦ୍ଧ ଅଧିକାର । ଆମେରିକାର ପୂର୍ବତନ ରାଷ୍ଟ୍ରପତି ଫ୍ରାଙ୍କଲିନ୍ ରୁଜଭେଲ୍ଟ ଏକଥା ଉଠାଇଥିଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ଜାତିସଂଘ ଏ ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଇ ପ୍ରସଙ୍ଗକୁ ହାତକୁ ନେଇଥିଲା ଓ ୧୯୪୮ରେ ଆର୍ଟିକିଲ୍ -୨୫ ଅନୁସାରେ ଭୋଜନକୁ ଅଧିକାର ଭାବେ ମୁରୀ ଦେଇଥିଲା । ସୁଖଦ କଥା ହେଉଛି ସୁପ୍ରିମକୋର୍ଟ ଏବେ ଏ ପ୍ରସଙ୍ଗରେ ସରକାରଙ୍କୁ ପ୍ରଶ୍ନ କରିବା ଆରମ୍ଭ କରିଛନ୍ତି । ମାନ୍ୟବର କୋର୍ଟ ଇ-ଶ୍ରମ ପୋର୍ଟାଲ୍‌ରେ ପିକୃତ ପ୍ରବାସୀ ଓ ଅସଂଗଠିତ କ୍ଷେତ୍ରର ଶ୍ରମିକଙ୍କ ସଂଖ୍ୟା ବାବଦରେ ତାଜା ରିପୋର୍ଟ ଦାଖଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ କହିଛନ୍ତି। ମାନ୍ୟବର କୋର୍ଟ କହିଛନ୍ତି ଯେ କେନ୍ଦ୍ର ସରକାର ଏ ପ୍ରସଙ୍ଗରେ କିଛି କରୁନାହିଁ ବୋଲି ଆମେ କହୁନାହୁଁ, କିନ୍ତୁ ଆମକୁ ଦେଖିବାକୁ ପଡ଼ିବ ଯେ ବ୍ୟବସ୍ଥା ଜାରି ରହିଛି । ଶୁଣାଣୀ ବେଳେ ଓକିଲ ପ୍ରଶାନ୍ତ ଭୂଷଣ କହିଥିଲେ ଯେ ସରକାର କହୁଛନ୍ତି ଲୋକଙ୍କ ଆୟ ବଢିଛି, କିନ୍ତୁ ବିଶ୍ୱ କ୍ଷୁଧା ସୂଚକାଙ୍କରେ ଭାରତ ତଳକୁ ଖସି ଆସିଛି । କଥା ହେଉଛି ଗ୍ଲୋବାଲ୍ ହଙ୍ଗର ଇଣ୍ଡେକ୍ସର ୨୦୨୨ ରିପୋର୍ଟରେ ଭାରତର ସ୍ଥିତି ଖରାପ ବୋଲି ଦର୍ଶାଯାଇଛି । ୧୨୧ଦେଶର ର୍‍ୟାଙ୍କିଙ୍ଗ୍‌ରେ ଭାରତ ୧୦୭ ସ୍ଥାନରେ ରହିଛି । ଆମଠାରୁ ଆମ ପଡ଼ୋଶୀ ବଙ୍ଗଳା ଦେଶ ଓ ନେପାଳର ସ୍ଥିତି ଭଲ ବୋଲି ରିପୋର୍ଟରେ କୁହାଯାଇଛି । ଏବେ ଦେଖିବାକୁ ବାକି ରହିଲା ସେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ପରେ କେନ୍ଦ୍ର ସରକାର କ'ଣ ପଦକ୍ଷେପ ନେଉଛନ୍ତି ଓ ଭାରତ କ୍ଷୁଧାମୁକ୍ତ ଭାରତରେ କେବେ ପରିଣତ ହେଉଛି ?

**ରାମଚନ୍ଦ୍ରପୁର, ରଣପୁର**
**ମୋ-୯୪୩୮୪୮୫୦୯୪**

# କ୍ୱାଣ୍ଟିଫିଏବୁଲ ଡାଟା ସଂଗ୍ରହ କେବେ ?

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ପଛୁଆ ଜାତି ତାଲିକାରେ ଓଡ଼ିଶାରୁ ଆଉ ୨୨ଟି ଜାତିର ନାମ ଯୋଡ଼ିବା ପାଇଁ ରାଜ୍ୟ ପଛୁଆବର୍ଗ କମିଶନ ସରକାରଙ୍କୁ ସୁପାରିଶ କରିଥିବାବେଳେ ଏଯାବତ କିନ୍ତୁ ଜାତିଭିତ୍ତିକ ଜନଗଣନା ହୋଇନାହିଁ କିମ୍ବା ଏହି ବର୍ଗର କ୍ୱାଣ୍ଟିଫିଏବୁଲ ଡାଟା ସଂଗୃହୀତ ହୋଇପାରିନାହିଁ। ଭାରତର ଶେଷ ଜାତିଭିତ୍ତିକ ଜନଗଣନା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପୂର୍ବରୁ ୧୯୩୧ ମସିହାରେ ହୋଇଥିଲା। ବିଶ୍ୱନାଥ ପ୍ରତାପ ସିଂହଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ୯୦ ଦଶକରେ ପ୍ରଥମ ଭାଗରେ ମଣ୍ଡଳ କମିଶନ ସୁପାରିଶ ଆଧାରରେ ପଛୁଆବର୍ଗଙ୍କ ପାଇଁ ସରକାରୀ ଚାକିରିରେ ୨୭% ସ୍ଥାନ ସଂରକ୍ଷଣ କରାଯିବା ବେଳେ ମଧ୍ୟ ଜାତିଭିତ୍ତିକ ଜନଗଣନା ହୋଇନଥିଲା। ଏଠାରେ ଉଲ୍ଲେଖନୀୟ ଯେ ୭୦ ଦଶକରେ ଶେଷ ଭାଗରେ ମୋରାରଜୀ ଦେଶାଇଙ୍କ ପ୍ରଧାନମନ୍ତ୍ରୀତ୍ୱ କାଳରେ ବିହାରର ଜଣେ ବରିଷ୍ଠ ରାଜନେତା ବିନ୍ଧେଶ୍ୱରୀ ପ୍ରସାଦ ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏହି କମିଶନ ଗଢ଼ାଯାଇଥିଲା।

ସରକାରୀ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୀମା ୫୦% ମଧ୍ୟରେ ସୀମିତ ରଖିବା ଲାଗି ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶର ଅନୁପାଳନ କରି କେନ୍ଦ୍ର ସରକାର ପଛୁଆବର୍ଗଙ୍କ ପାଇଁ ୨୭% ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। କାରଣ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ଜନସଂଖ୍ୟା ଆଧାରରେ ୨୨.୫% ସ୍ଥାନ ସଂରକ୍ଷଣ ଦିଆଯାଇଥିବାରୁ କେନ୍ଦ୍ର ସରକାର ଏହା ରଖିବାକୁ ବାଧ୍ୟ ହୋଇଥିଲେ। ସେତେବେଳେ ଓଡ଼ଶା ସରକାର ମଣ୍ଡଳ କମିଶନଙ୍କ ସୁପାରିଶ ଗ୍ରହଣ କରିନଥିଲେ ଏବଂ ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ଜଷ୍ଟିସ ନବ କିଶୋର ଦାସ କମିଶନ ବସାଇଥିଲେ। ଏହି କମିଶନ ମଧ୍ୟ ଚାକିରି କ୍ଷେତ୍ରରେ ସଂରକ୍ଷଣ ସୀମା ୫୦ ପ୍ରତିଶତ ସୁପାରିଶ କରିଥିଲେ।

ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କ ସଂଖ୍ୟା ଜାତୀୟ ହାର ଠାରୁ ଢ଼େର ଅଧିକ। ଆମ ରାଜ୍ୟରେ ଜନସଂଖ୍ୟା ଭିତ୍ତିରେ ଏହି ଦୁଇ ବର୍ଗଙ୍କ ଲାଗି ଚାକିରି କ୍ଷେତ୍ରରେ ୩୮.୭୫% ସ୍ଥାନ ସଂରକ୍ଷଣ ଥିବାରୁ ରାଜ୍ୟ ସରକାର ପଛୁଆବର୍ଗଙ୍କ ପାଇଁ ୨୭% ବଦଳରେ ୧୧.୨୫% ଆସନ ସଂରକ୍ଷିତ ରଖିଥିଲେ। ପରବର୍ତ୍ତୀ ସମୟରେ ରାଜ୍ୟ ବିଧାନସଭାରେ ସ୍ୱତନ୍ତ୍ର ଆଇନ ପ୍ରଣତି କରି ରାଜ୍ୟ ସରକାର ପଛୁଆବର୍ଗଙ୍କୁ ୨୭% ସଂରକ୍ଷଣ ସୁବିଧା ଦେଇଥିଲେ ମଧ୍ୟ ଏହା ଅଦାଲତରେ କାଟ୍ ଖାଇଯାଇଥିଲା। ଓଡ଼ିଶା ସରକାରଙ୍କ ୨୭% ସଂରକ୍ଷଣ ବ୍ୟବସ୍ଥାକୁ ରଦ୍ଦ କରିବା ବେଳେ ଅଦାଲତ ସ୍ପଷ୍ଟ ଭାବେ କହିଥିଲେ ଯେ ପଛୁଆବର୍ଗଙ୍କ ପ୍ରସଙ୍ଗରେ କ୍ୱାଣ୍ଟିଫିଏବୁଲ ଡାଟା ସଂଗ୍ରହ କରାଯିବା ଆବଶ୍ୟକ।

ଏହାଛଡ଼ା ଏହି ସଂରକ୍ଷଣ ପ୍ରସଙ୍ଗକୁ ମଧ୍ୟ ସମ୍ବିଧାନର ୩୨ (କ) ଧାରା ଅନୁଯାୟୀ ନବମ ଅନୁଚ୍ଛେଦରେ ସ୍ଥାନିତ କରାଯିବା କଥା। ତେବେ ରାଜ୍ୟ ସରକାରଙ୍କ ଏହି ୨୭% ସଂରକ୍ଷଣ ଆଇନ ପ୍ରାୟ ୧୦ ବର୍ଷ ତଳୁ ରଦ୍ଦ ହୋଇଯାଇଥିଲେ ମଧ୍ୟ ଏଯାବତ କ୍ୱାଣ୍ଟିଫିଏବୁଲ ଡାଟା ସଂଗ୍ରହ ସହିତ ଏହି ବର୍ଗର କ୍ରିମିଲେୟାରମାନଙ୍କୁ ଚିହ୍ନଟ କରାଯାଇନାହିଁ। ଓଡ଼ିଶାରେ କେଉଁ ଜାତିର କେତେ ଲୋକ ଅଛନ୍ତି ତାହା ଜାଣିବା ପାଇଁ ଜାତୀୟ ଜନଗଣନା ଜାତିଭିତ୍ତିକ ତଥ୍ୟ ଆବଶ୍ୟକ। କିନ୍ତୁ କେନ୍ଦ୍ରସରକାର ଜାତିଭିତ୍ତିକ ଜନଗଣନା ଉପରେ ଗୁରୁତ୍ୱ ଦେଉନଥିବା ବେଳେ ବିହାର ସରକାର ନିଜ ଆଡୁ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିବାବେଳେ ତାହାକୁ ବିରୋଧ କରି ଆଇନ ଅଦାଲତରେ ମଧ୍ୟ ମାମଲା ରୁଜୁ ହୋଇଛି। ଏ ପରିପ୍ରେକ୍ଷୀରେ ଓଡ଼ିଶା ସମେତ ବହୁ ରାଜ୍ୟଙ୍କ ନଜର ବିହାର ମାମଲା ଉପରେ ରହିଛି।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## କୋଇଲରେ ପୋତି ହୋଇ ଚାଳକ ମୃତ

ଦାନଗଦୀ, (ମହାଭାରତ): କଳିଙ୍ଗନଗର ଶିଳ୍ପାଞ୍ଚଳ ଯଖପୁରା ଥାନା ଅନ୍ତର୍ଗତ ମୈଥାନ ଇସ୍ପାତ କାରଖାନାରେ ଅଘଟଣ, କୋଇଲା ଷ୍ଟକ୍ ୟାର୍ଡରେ ଓଲଟିଲା ହାଓ୍ୱା । କୋଇଲା ଖଲାସ ବେଳେ ଘଟିଲା ଦୁର୍ଘଟଣା, ହାଓ୍ୱା ଚାଳକ ମୃତ, ଦାନଗଦି ମେଡିକାଲରେ ଚାଳକ ଙ୍କୁ ମୃତ ଘୋଷଣା କଲେ ଡାକ୍ତର, ମୃତ ଚାଳକ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ସାରବେଣୀ ଅଞ୍ଚଳର ସୋରେନ ମହାନ୍ତ (୩୮) । ଏହି ଦୁର୍ଘଟଣା ରେ ପରିବାର ପକ୍ଷରୁ ତାଙ୍କ ସ୍ତ୍ରୀ କହିଛନ୍ତି ଆଜି ସକାଳ ୧୦ ଟା ସମୟରେ ସେ ଫୋନ କରିଥିଲେ ତାଙ୍କ ଫୋନ ରିସିଭ ହେଉଥିଲା, କିଛି ସମୟ ପରେ ବ୍ୟସ୍ତ ଥିବା କହିଲା ଗାଡି ମାଲିକ ଙ୍କୁ ଫୋନ କରିବାରୁ ସେ କହିଲେ ବୁଝିକି କହୁଛି ତାପରେ ସେ ଆଉ ଫୋନ ରିସିଭ କଲେ ନାହିଁ, ତାଙ୍କ ସାଙ୍ଗ କୁ ଫୋନ କରିବାରୁ ସେ କହିଲେ ତମ ସ୍ୱାମୀ କୋଇଲା ରେ ପୋତି ହୋଇ ଯାଇ ଚେତା ଶୂନ୍ୟ ହୋଇଯାଇନ୍ତି ତମେ ମେଡିକାଲ ଆସ, ତେଣୁ ଆମକୁ ସନ୍ଦେହ ହେଉଛି ଏହାର ସତ୍ୟା ସତ୍ୟ ତଦନ୍ତ ହେଉ ଓ ମୁଁ ଗରିବ ଲୋକ ମୋର ଗୋଟେ ଝିଅ ଓ ଗୋଟେ ପୁଅ ସେମାନଙ୍କୁ କିପରି ପୋଷିବି, ତେଣୁ କ୍ଷତି ପୂରଣ ସହ ମୋତେ ଗୋଟେ ଚାକିରୀ ଦିଆଯାଉ, କୋଇଲା ପରିବହନ କରୁଥିବା ଠିକାଦାର ସ୍ଥାନୀୟ ଅଞ୍ଚଳ ର ମାନପୁର ପ୍ଲଟ ରୁ କୋଇଲା ଲୋଡ଼ିଙ୍ଗ ହୋଇ ମୈଥାନ ଯାଉଥିବା ବେଳେ ମାଲିକ ସ୍ଥାନୀୟ ଅଞ୍ଚଳ ର ହୋଇଥିବା ଜଣା ପଡିଛି, ଯଖପୁରା ପୋଲିସ ଶବ ବ୍ୟବେଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତୀ କରି ଘଟଣାର ତଦନ୍ତ ଜାରୀ ରଖିଛି ।

## ଭିଜିଲାନ୍ସ ଜାଲରେ ନିର୍ବାହୀ ଅଧିକାରୀ ଫସିବା ଘଟଣା : ଅସାଧୁ ଅଧିକାରୀଙ୍କୁ ସୁରକ୍ଷା ଦେଉଥିଲା କିଏ

ଖଣ୍ଡପଡ଼ା, (ମହାଭାରତ) : ଆଳୁ ଖୋଳୁ ଖୋଳୁ ମହାଦେବ ମିଳିବା ନ୍ୟାୟରେ ଭିଜିଲାନ୍ସ ଜାଲରେ ଫସିଥିବା ଖଣ୍ଡପଡ଼ା ଏନଏସି ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳଙ୍କର ଧୀରେ ଧୀରେ ଗୁମର ଖୋଲିବାରେ ଲାଗିଛି । ଲାଞ୍ଚ ନେଇ ଭିଜିଲାନ୍ସ ଜାଲରେ ଫସିଥିବା ଶ୍ରୀ ଧଳଙ୍କ ନାମରେ ବହୁ ପୂର୍ବରୁ ଅଭିଯୋଗ ରହିଥିବା ସୂଚନା ମିଳିଛି । ଦୁର୍ନୀତିକୁ ନୀତି କରିଥିବା ଏହି କରିତକର୍ମା ଅଧିକାରୀଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଅଭିଯୋଗ ହୋଇଥିବା ତଥ୍ୟ ହସ୍ତଗତ ହୋଇଛି । ତେବେ ସବୁ ପରେ ମଧ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ବିଭାଗ ପକ୍ଷରୁ ନୋଟିସଟିଏ ମଧ୍ୟ ହୋଇନଥିବା ସୂଚନା ମିଳିଛି । ଏଭଳି ଅସାଧୁ ଅଧିକାରୀଙ୍କୁ କିଏ ସୁରକ୍ଷା ଦେଉଥିଲା ତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଦାୟିତ୍ୱରେ ଥିବା ସମୟରେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ବାବଦରେ ତଦନ୍ତ କରିବାକୁ ଦାବି ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଗତ ବର୍ଷ ନଭେମ୍ବର ମାସରେ ସହରାଞ୍ଚଳର ଜଣେ ସଚେତନ ନାଗରିକ ସଦାଶିବ ଚୌଧୁରୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭିଜିଲାନ୍ସ ମହାନିର୍ଦ୍ଦେଶକ, ନଗର ଉନ୍ନୟନ ବିଭାଗ ସଚିବ ପ୍ରମୁଖଙ୍କୁ ଏକ ଚିଠି ଲେଖିଥିଲେ । ଏଥିରେ ନିର୍ବାହୀ ଅଧିକାରୀ ଶ୍ରୀ ଧଳ କିଭଳି ଲୋକଙ୍କ ଅର୍ଥ ଆତ୍ମସାତ କରିବାକୁ ବିବାଦୀୟ ନିଷ୍ପତ୍ତି ନେଇଥିଲେ ସେ ସଂକ୍ରାନ୍ତରେ ଉଲ୍ଲେଖ ରହିଥିଲା । ଶ୍ରୀ ଧଳ କାର୍ଯ୍ୟରେ ଯୋଗଦେବା ଦିନଠାରୁ କମିସନ ସଂଗ୍ରହରେ ଲାଗିପଡ଼ିଥିଲେ । ସହରାଞ୍ଚଳରେ ଆବଶ୍ୟକ ନଥାଇ ୫ଟି ତୋରଣ ନିର୍ମାଣ, ସୁନାମୁହିଁ ପରିବେଶ ପର୍ଯ୍ୟଟନସ୍ଥଳୀରେ ଆବଶ୍ୟକ ବ୍ୟବସ୍ଥା ନ କରି ୨୮ ଲକ୍ଷ ଟଙ୍କା ବ୍ୟୟରେ ବୋଟ୍ କିଣିବା ଭଳି ନିଷ୍ପତ୍ତି ନେଇଥିବା ଅଭିଯୋଗ ହୋଇଥିଲା । ଏହାଦ୍ୱାରା ସମ୍ପୃକ୍ତ ଠିକାଦାର ମାନଙ୍କ ଠାରୁ ଲକ୍ଷାଧିକ ଟଙ୍କା କମିସନ ସଂଗ୍ରହ ହୋଇଥିବା ବେଳେ ଟିକସଦାତାଙ୍କ ଅର୍ଥ ପାଣିରେ ପଡ଼ିଥିଲା । ମ୍ୟୁନିସିପାଲଟି ପରିଚାଳନାରେ ଦକ୍ଷ ନଥିବା ଶ୍ରୀ ଧଳଙ୍କୁ ଏଠାକାର ଦାୟିତ୍ୱ ଦିଆଯାଇଥିବା ବେଳେ ମୁକ୍ତା ଯୋଜନାରେ ବ୍ୟାପକ ହରିଲୁଟ ହୋଇଥିବା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏଠାରେ ନିୟମିତ ହିସାବରକ୍ଷକ ନ ଥିବା ସୁଯୋଗରେ ତଳିଆ କର୍ମଚାରୀଙ୍କୁ ଧରି ଅନେକ ପ୍ରକଳ୍ପକୁ ଫଲସ କରିଥିବା ନେଇ ଅଭିଯୋଗ ହୋଇଥିଲା । ଏଭଳି ସଙ୍ଗିନ ଅଭିଯୋଗ ସହ ଗତବର୍ଷ ନଭେମ୍ବର ମାସରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖାଯାଇଥିଲା । ଏହାର ନକଲ ମଧ୍ୟ ଜିଲ୍ଲା ପ୍ରଶାସନ ସହ ଗୃହ ଓ ନଗର ଉନ୍ନୟନ ବିଭାଗକୁ ପଠାଯାଇଥିଲା । ମାତ୍ର ଏ ଦିଗରେ ନା ଜିଲ୍ଲା ପ୍ରଶାସନ ନା ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା । ଫଳରେ ନିର୍ବାହୀ ଅଧିକାରୀ ଶ୍ରୀ ଧଳଙ୍କ ଆଚରଣ ଓ ଉଚ୍ଚାରଣ ଆଦୌ ବଦଳି ନଥିଲା । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କିଛିଦିନ ତଳେ ପ୍ରଧାନମନ୍ତ୍ରୀ ଓ ଅନ୍ତୋଦୟ ଆବାସ ଯୋଜନାରେ ଶ୍ରୀ ଧଳ ଖୋଲାଖୋଲି ଲାଞ୍ଚ ଆଦାୟ କରୁଥିବା ଏନ୍ଏସି ଅଧକ୍ଷା ଆରତି ପ୍ରଧାନ ଅଭିଯୋଗ ଆଣିଥିଲେ । ଏତେସବୁ ଅଭିଯୋଗ ସତ୍ତ୍ୱେ ଜିଲ୍ଲା ପ୍ରଶାସନର ଅନୁକମ୍ପାରେ ଶ୍ରୀ ଧଳ କାମ କରିବା ସହିତ ନିର୍ବିଘ୍ନରେ କମିସନ ଆଦାୟରେ ଲାଗିଥିଲେ । ଭିଜିଲାନ୍ସ ବିଭାଗ ପକ୍ଷରୁ ଶ୍ରୀ ଧଳ ସମ୍ପୃକ୍ତ ଥିବା ସମସ୍ତ ପ୍ରକଳ୍ପର ତଦନ୍ତ କରାଗଲେ ଅନିୟମିତତା ସାମ୍ନାକୁ ଆସିପାରିବ ବୋଲି ଜନପ୍ରତିନିଧି ମହଲରେ ଦାବି ହୋଇଛି ।

## ପରୀକ୍ଷାରେ ୯୦ ପ୍ରତିଶତ ରୁ ଅଧିକ ମାର୍କ ରଖି ଥିବା ୬ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ

ଅନୁଗୋଳ, (ମହାଭାରତ): ଅନୁଗୋଳ ଜିଲ୍ଲା କନ୍ୟାବେଡା ଅଞ୍ଚଳରେ ଥିବା ସ୍ୱର୍ଦ୍ଧା ଗ୍ରୁପ ଅଫ ଇନଷ୍ଟିଚ୍ୟୁଟ ର ଦଶମ ଏବଂ ଦ୍ୱାଦଶ ପରୀକ୍ଷାରେ ୬ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ମାର୍କ ରଖି ଜିଲ୍ଲାରେ ଗର୍ବ ଆଣିଥିବାରୁ ସ୍ୱର୍ଦ୍ଧା ପକ୍ଷରୁ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବୋଧନ କରାଯାଇଛି । ସୂଚନା ଯେ, ଚଳିତ ବର୍ଷ ଦଶମ ଶ୍ରେଣୀ ଏବଂ ଦ୍ୱାଦଶ ଶ୍ରେଣୀ ର ପରୀକ୍ଷା ଫଳ ପ୍ରକାଶ ପାଇଛି । ସ୍ୱର୍ଦ୍ଧା ଗ୍ରୁପ ରେ ଶିକ୍ଷା ନେଇ ୬ ଜଣ ଛାତ୍ରଛାତ୍ରୀ ୯୦ ପ୍ରତିଶତ ରଖି ସ୍ୱର୍ଦ୍ଧା ର ନା ଜିଲ୍ଲାରେ ରଖି ଥିବାରୁ ଆଜି ସ୍ୱର୍ଦ୍ଧା ଗ୍ରୁପ ପକ୍ଷରୁ ଛାତ୍ରଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ପୁରସ୍କାର ଦେଇ ସମ୍ବୋଧନ କରାଯାଇଥିଲା । ଦଶମ ଶ୍ରେଣୀ ରେ ପ୍ରୀତିମୟି ସାହୁ ୯୨%, ଅନେଶ୍ୱୟା ସାହୁ ୯୧%, ଆକାଶ ସିଂ ୯୦.୬%, ଦ୍ୱାଦଶ ଶ୍ରେଣୀ ରେ ସୁନୀଲ କୁମାର ଦୀକ୍ଷିତ ୯୨.୬.%, ପ୍ରୀତି ରଞ୍ଜନ ସାହୁ ୯୨.୫%, ଅଜିତ ସାହୁ ୯୦.୫% ରଖି ନା ରଖିଛନ୍ତି । ଯାହା ପାଇଁ ଆଜି ସ୍ୱର୍ଦ୍ଧା ଗ୍ରୁପ ନାଁ ରଖିଥିବା ନେଇ ୬ ଜଣ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବୋଧନ କରାଯାଇଛି ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

ରାଇରଙ୍ଗପୁର, (ମହାଭାରତ): ରାଞ୍ଚି - ବିଜୟଓ୍ୱାଡା ଜାତୀୟ ରାଜପଥ ୨୨୦ ନମ୍ବର ମରଣଯନ୍ତା ପାଲଟିଛି । ବିଶେଷତଃ ଯଶିପୁର - ରାଇରଙ୍ଗପୁର - ତିରିଂ ମଧ୍ୟରେ ଯାଇଥିବା ଏହି ରାସ୍ତାରେ ବାରମ୍ବାର ଛୋଟ ବଡ଼ ଦୁର୍ଘଟଣା ଘଟି ଚାଲିଛି । ରାଇରଙ୍ଗପୁର ଟାଉନଥାନା ଅନ୍ତର୍ଗତ ୯ ନମ୍ବର ଓ୍ୱାର୍ଡର ଅଁଳାଡୁବା ଗ୍ରାମର ବାବୁ ମହାନ୍ତିଙ୍କ ପୁଅ ଯୁବକ ଇଞ୍ଜିନିୟର ମିଲନ ମହାନ୍ତି(୨୮) ନିଜ କାମ ସାରି ହଳଦା ଆଡୁ ରାଇରଙ୍ଗପୁର ସହରକୁ ବାଇକରେ ଆସୁଥିବା ବେଳେ ଏକ ଅଜଣା ଗାଡ଼ି ସହ ଦୁର୍ଘଟଣା ଘଟିଥିଲା । ଘଟଣାସ୍ଥଳରେ ସେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ରାସ୍ତାରେ ପଡ଼ିଥିଲେ । ତାଙ୍କୁ ତୁରନ୍ତ ରାଇରଙ୍ଗପୁର ଡାକ୍ତର ଖାନା ଅଣା ଯାଇଥିଲା ।ଗୁରୁତର ଥିବା ଯୋଗୁଁ ତାଙ୍କୁ କଟକ ସ୍ଥାନାନ୍ତରିତ କରାଯାଇଥିଲା । ଆମ୍ବୁଲାନ୍ସରେ ନେଉଥିବାବେଳେ ସୋର ପାଖରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା । ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ସୋମବାର ଦିନ ରାଇରଙ୍ଗପୁର ସ୍ୱର୍ଗଦ୍ୱାର ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି । ତାଙ୍କ ମୃତ୍ୟୁରେ ଅଁଳାଡୁବାରେ ଶୋକରେ ଛାୟା ଖେଳିଯାଇଛି ।ଜଣେ ମିଷ୍ଟଭାଷୀ , ପରୋପକାରୀ ଯୁବକ ଥିଲେ । ତାଙ୍କ ମୃତ୍ୟୁରେ ବିଜେପି ରାଜ୍ୟ ସଂପାଦକ ନବିନ ରାମ,ବିଧାୟକ ଜଲେନ ନାଏକ, ଜିଲ୍ଲା ସଂପାଦକ ମନୋଜ ଦାସ, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ଆଲୋକ ରଂଜନ ମହାନ୍ତ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ମହୁଲ ଫଳର ଆଗଭଳି ଆଦର ନାହିଁ ; ବିକ୍ରି ବ୍ୟବସ୍ଥା ନଥିବାରୁ କମୁଛି ଲୋକଙ୍କ ଟୋଲ ସଂଗ୍ରହ



କୋକସରା, (ମହାଭାରତ) : ଲଘୁବନଜାତ ଦ୍ରବ୍ୟ ଜଙ୍ଗଲ,ପାହାଡିଆ ଲୋକଙ୍କୁ ଅନେକ ସମୟରେ ଜୀବନ ଜୀବିକା ସାଜି ଆସୁଛି । ମହୁଲ ଫୁଲ ସରିବା ପରେ ଆସିଛି,ମହୁଲ ଫଳ (ଟୋଲ) । ଯାହା ଆଗକାଳରେ ଲୋକଙ୍କ ପ୍ରିୟ ସାଜିଥିଲା ଟୋଲ ଛାଲି ଓ ଟୋଲ ଫଳ ଲୋକଙ୍କୁ ରୋଜଗାର ଦେଉଥିଲା । କିନ୍ତୁ ଏବେ ଆଉ ଆଗଭଳି ଆଦର ନାହିଁ । କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର ସାହାଜଖୋଲ ଜଙ୍ଗଲ ନିକଟ ବର୍ତ୍ତୀ ଅଞ୍ଚଳର ଅନେକ ଜମି ହୁଡାରେ ବି ରହିଛି ଏହି ଲଘୁଜାତ ମହୁଲ ଗଛ । ମହୁଲ ଗଛରେ ଫୁଲ ସରିଲା ପରେ କିଛି ଦିନରେ ମହୁଲ ଗଛରେ ମହୁଲ ଫଳ (ଟୋଲ) ଆସିଥାଏ । ସେହି ଟୋଲକୁ ମହୁଲ ଗଛରୁ ବାଉଁଶ କାଠି ସାହାଯ୍ୟରେ ବା ଗଛରେ ଚଢି ତୋଳିଥାନ୍ତି । ଟୋକେଇ,କୁଲା,ବସ୍ତାରେ ଭର୍ତ୍ତି କରି ଘରକୁ ଆଣିଥାନ୍ତି । ଘରେ ପ୍ରତ୍ୟେକ ଟୋଲ ର ଚୋପାକୁ ଛଡେଇ ମଞ୍ଜି ବାହାର କରନ୍ତି । ଛଡା ହେଉଥିବା ଟୋଲ ଚୋପା( ଟୋଲ ଛାଲି) କୁ ତରକାରୀ କରି ଖାଇବାରେ ସୁସ୍ୱାଦ ଭରି ରହିଥାଏ । ଟୋଲ ଚୋପା( ଟୋଲ ଛାଲି) କୁ ଖାଇବାକୁ ମଧ୍ୟ ଅନେକ ଲୋକ ପସନ୍ଦ କରିଥାନ୍ତି । ସଂଗ୍ରହ କରି ଆଣିଥିବା ଟୋଲର ମଞ୍ଜିକୁ ଖରାରେ ଶୁଖାଇ । ଶୁଖିଲା ପରେ ମଞ୍ଜିକୁ ତେଲ ମିଲ କିମ୍ବା ତେଲ ଘନା ସାହାଯ୍ୟରେ ମଞ୍ଜିରୁ ତେଲ ବାହାର କରିଥାନ୍ତି । ଟୋଲ ତେଲ ବାହାରି ଯେଉଁ ଛେପା ରହି ଯାଇଥାଏ ତାହାକୁ ଟୋଲ ଖରି (ଟୋଲ ପେରିଆ) କୁହାଯାଏ । ଗାଈ ବଳଦଙ୍କୁ ଟୋଲ ଖରି (ଟୋଲ ପେରିଆ) ଖାଇବାକୁ ଦେଲେ ରୋଗ ରୁ ମୁକ୍ତ ହେବା ସହ ସୁସ୍ଥ ରୁହନ୍ତି । ଆହୁରି ମଧ୍ୟ ବହୁତ ଉପକାରିତା ରହିଛି, ମଣିଷ ଙ୍କୁ ଯଦି କୌଣସି କାରଣ ବଶତଃ ଘା,କୁଣ୍ଡିଆ ହୋଇଥାଏ ଲଗେଇବା ଦ୍ୱାରା ଛାଡ଼ି ଯାଏ ବୋଲି ବିଶ୍ୱାସ ଅଛି । ମହୁଲ ଫୁଲର ବେଶ୍ ଚାହିଦା ରହିଥିବା ବେଳେ ମହୁଲ ଫଳ ର ବିକ୍ରି ବ୍ୟବସ୍ଥା ନ ଥିବାରୁ ସଂଗ୍ରହକାରୀମାନେ ଆଗ୍ରହ ପ୍ରକାଶ କରୁନାହାନ୍ତି । ଯାହା କି ଆଗଭଳି ଆଉ ଟୋଲ ସଂଗ୍ରହକାରୀ ଦେଖିବାକୁ ମିଳୁନାହିଁ । ତେଣୁ ସରକାର ଏହି ଲଘୁଜାତ ଦ୍ରବ୍ୟ କୁ ବଜାର ବ୍ୟବସ୍ଥା କରି କିଣିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ଟ୍ରାନ୍ସଜେଣ୍ଡର ମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ,(ମହାଭାରତ) :ଅନୁଗୋଳରେ ବସବାସ କରୁଥିବା ପ୍ରତ୍ୟେକ କିନ୍ନର ମାନେ ସମାଜ ର ମୂଖ୍ୟ ସ୍ରୋତରେ କିଭଳି ଭାବରେ ସାମିଲିହେବେ ସେଥିପାଇଁ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସଖା ଆଜି ଟ୍ରାଜେଣ୍ଡର ମାନଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଗୋଳ ସହର ଟାଉନ୍ ହଲଠାରେ ଅନୁଷ୍ଠିତ ହୋଇଯାଇଛି । କିନ୍ନର ମାନଙ୍କ କଳାକୁ ସମ୍ମାନ ଦେଇ କଳା ମାଧ୍ୟମରେ କିଭଳି ଗୁଜୁରାଣ ମେଣ୍ଟାଇବେ ଏବଂ ଏସ ଏଚ ଜି ଗ୍ରୁପ ଗଠନ କରି ବିଭିନ୍ନ ପ୍ରକାର ତଥା ସିଲେଇ ମେସିନ,ଛେଳି ଫାର୍ମ , କୁକୁଡ଼ା ଫାର୍ମ, ମାଛ ଚାଷ କରି ସମ୍ମାନରସହ ବଞ୍ଚିପାରିବେ ସେହି ବିଷୟରେ ଆଲୋଚନା ହୋଇଥିଲା । କିନ୍ନର ମାନଙ୍କ ମଧ୍ୟରେ ନୃତ୍ୟ, ଝୋଟି ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା ।ଏଥିରେ କୃତୀ ପ୍ରତିଯୋଗିମାନଙ୍କୁ ଅତିଥିମାନଙ୍କ ଗହଣରେ ମାନପତ୍ର ଦିଆଯାଇଥିଲା । ପ୍ରତ୍ୟେକ କିନ୍ନର ମାନେ ଟ୍ରାଜେଣ୍ଡର କାର୍ଡ଼, ଆଧାର କାର୍ଡ଼, ରାସନ କାର୍ଡ଼ ଓ ପେନସନ ଇତ୍ୟାଦି ଆବେଦନ କରିବେ ଓ ପାଇବେ ସେ ବିଷୟରେ ମିରା ପରିଡା ବୁଝାଇଥିଲେ । ଏଥିରେ ମୂଖ୍ୟ ଅତିଥି ଭାବରେ ଜିଲ୍ଲା ସାମାଜିକ ଭିନ୍ନକ୍ଷମ ଶଶକ୍ତି କରଣର ଅଧିକାରୀ ନାରାୟଣ ମହାପାତ୍ର,ସଖାର ଫାଉଣ୍ଡର ମୀରା ପରିଡା, ନେହା ମହାପାତ୍ର, ଦ୍ୱିବେସ ରଥ , ବିଶିଷ୍ଟ ସମାଜ ସେବି କିନ୍ନର ଚିନ୍ମୟୀ ଦାସ, ଭାନୁ ପ୍ରିୟା ସାମଲ, ପ୍ରିୟା କିନ୍ନର ଙ୍କ ସହ ପ୍ରାୟ ଏକ ଶହରୁ ଉର୍ଦ୍ଧ କିନ୍ନର ଯୋଗଦେଇଥିଲେ ।

## ଖଣି ପରିବେଶ ଓ ଖଣିଜ ସଂରକ୍ଷଣ ସପ୍ତାହ ପୁରସ୍କାର ବିତରଣ ଉତ୍ସବ




ଯୋଡା,(ମହାଭାରତ): କେନ୍ଦୁଝର ଜିଲ୍ଲା ଯୋଡ଼ା ଟାଟା ଷ୍ଟିଲର ଥିବା ଲୌହ ଓ ମାଙ୍ଗାନିଜ ଖଣି ଗୁଡିକୁ ଭୁବନେଶ୍ୱର ଠାରେ ଇଣ୍ଡିଆନ୍ ବିୟୁରୋ ଅଫ୍ ମାଇନ୍ସ (ଆଇବିଏମ) ତତ୍ତ୍ୱାବଧାନରେ ରବିବାର ଆୟୋଜିତ ୨୬ ତମ ଖଣି ପରିବେଶ ଓ ଖଣିଜ ସଂରକ୍ଷଣ (ଏମଇଏମସି) ସପ୍ତାହ ୨୦୨୪-୨୫ ପୁରସ୍କାର ବିତରଣ ଉତ୍ସବରେ ୧୫ ଟି ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି ଅବସରରେ ଟାଟା ଷ୍ଟିଲର ଯୋଡ଼ା ପୂର୍ବ ଲୌହ ଖଣିକୁ ବିଭାଗ-ଇ ଅନ୍ତର୍ଗତ ଖଣିଜ ପ୍ରକ୍ରିୟାକରଣ ପାଇଁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି । ଏହାବ୍ୟତୀତ ଏହି ଖଣିକୁ ବିଭାଗ-ଇ ଅନ୍ତର୍ଗତ ସାମଗ୍ରିକ ପ୍ରଦର୍ଶନ ପାଇଁ ଦ୍ୱିତୀୟ ପୁରସ୍କାରରେ ସମ୍ମାନିତ କରାଯାଇଛି । ଏହି ବିଭାଗରେ ଖଣ୍ଡବନ୍ଧ ଲୌହ ଓ ମାଙ୍ଗାନିଜ ଖଣି କୁ ପରିବେଶ ପର୍ଯ୍ୟବେକ୍ଷଣ ପାଇଁ ଦ୍ୱିତୀୟ ପୁରସ୍କାର ତଥା କଓଟାମାଟି ଲୌହ ଖଣି କୁ ଖଣିଜ ସଂରକ୍ଷଣ ପାଇଁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି ଓ ବିଭିନ୍ନ ଖଣିର ଅଧିକାରୀମାନେ, ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ଆଇବିଏମ୍ ଚିଫ୍ କଣ୍ଟ୍ରୋଲର ଜେନେରାଲ ପିୟୁଷ ନାରାୟଣ ଶର୍ମଓ ଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ । ସେହିପରି, ବିଭାଗ-ଇ ଅନ୍ତର୍ଗତ, ନୀଳାଚଳ ଇସ୍ପାତ ନିଗମ ଲିମିଟେଡ ର ନୀଳାଚଳ ଖଣିକୁ ପରିବେଶ ପର୍ଯ୍ୟବେକ୍ଷଣ ପାଇଁ ଦ୍ୱିତୀୟ ପୁରସ୍କାର ପ୍ରଦାନ କରାଯାଇଛି ଓ ଅନୁରୂପ ଭାବେ, ବିଭାଗ-ଉ ଅନ୍ତର୍ଗତ ସୁକିନ୍ଦା କ୍ରୋମାଇଟ ଖଣି, ପୁନଃଉଦ୍ଧାର ଏବଂ ସ୍ଥାପନ ପାଇଁ ତୃତୀୟ ପୁରସ୍କାର ଗ୍ରହଣ କରିଛି ଓ ସେହି ବିଭାଗ ରେ ପଶ୍ଚିମ ଯୋଡା ଖଣି ସ୍ଥାୟୀ ଉନ୍ନତିକରଣ ପାଇଁ ପ୍ରଥମ ପୁରସ୍କାର ଏବଂ ବର୍ଜ୍ୟବସ୍ତୁ ପରିଚାଳନା ଓ ସର୍ବାଙ୍ଗୀନ ପ୍ରଦର୍ଶନ ରେ ଦ୍ୱିତୀୟ ପୁରସ୍କାର ପାଇଛି ଓ ସାରୁଆବିଲ ଖଣିକୁ ବିଭିନ୍ନ ବିଭାଗରେ ଉଲ୍ଲେଖନୀୟ ଖଣି ସୁରକ୍ଷା କାର୍ଯ୍ୟ ପାଇଁ ପୁରସ୍କୃତ କରାଯାଇଛି ଓ ସେହିପରି ଭାବରେ ବିଭାଗ-ଉ ରେ ଗୁରୁଡା ତିରିଙ୍ଗପାହାଡ଼, ବାମେବାରି, କମର୍ଦା ଖଣି ସବୁକୁ ଖଣି କାର୍ଯ୍ୟରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଛି ଓ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇବିଏମ୍ ଚିଫ୍ କଣ୍ଟ୍ରୋଲର ଅଫ୍ ମାଇନ୍ସ ପଙ୍କଜ କୂଳଶ୍ରେଷ୍ଠ, ଆଇବିଏମ୍ କଣ୍ଟ୍ରୋଲର ଅଫ୍ ମାଇନ୍ସ ପୁଖରାଜ ନେନିଭଓଲ, ଫେକର ସିଇଓ ପଙ୍କଜ ଶର୍ମା, ଏଫ୍ ଏ ଏମ୍ ଡି ଏକଜିକ୍ୟୁଟିଭ ଇନଚାର୍ଜ ପଙ୍କଜ ସତୀଜଓ, ଟାଟା ଷ୍ଟିଲ ଯୋଡ଼ା ଚିଫ ରାଜେଶ କୁମାର, ନୂଆମୁଣ୍ଡି ଖଣି ଚିଫ ଡି ବିଜୟନ୍ଦ୍ର, ପ୍ଲାନିଂ ଚିଫ ଅବନିଶ କୁମାର, ଏଫ୍ ଏ ଏମ୍ ଡି ଚିଫ ଶମ୍ଭୁ ନାଥ ଝା, ନୀଳାଚଳ ଇସ୍ପାତ ଖଣି ଚିଫ ରାହୁଲ କିଶୋର, ଖଣ୍ଡବନ୍ଧ ଖଣି ଚିଫ ଜି ଭି ସତ୍ୟ ନାରାୟଣ, ସମସ୍ତ ଖଣିର ଅପରେସନ୍ସ ବିଭାଗ ହେଡ଼, କର୍ମଚାରୀ ସଂଘର କର୍ମକର୍ତ୍ତା ଏବଂ ରାଜ୍ୟର ବିଭିନ୍ନ ଖଣିର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ଟାଟା ଷ୍ଟିଲ ସମଗ୍ର ବିଶ୍ୱରେ ଏହାର କାର୍ଯ୍ୟକ୍ଷେତ୍ରରେ ଦୀର୍ଘସ୍ଥାୟୀ ଖନନ ପାଇଁ ପ୍ରତିବଦ୍ଧ ରହିଛି । ଏହାସହିତ କମ୍ପାନୀ ଉଚ୍ଚମାନର ଅନ୍ତର୍ଜାତୀୟ ମାନକ ବଜାୟ ରଖିବା ସହିତ ଆଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ରମ୍ୟାଟେରିଆଲର ଗୁଣବତ୍ତା ଓ ସଂରକ୍ଷଣକୁ ସୁନିଶ୍ଚିତ କରୁଛି ।

## ପରିବେଶକୁ ପ୍ରଦୂଷଣ ମୁକ୍ତ କରିବା ପାଇଁ ନିଆରା ପ୍ରୟାସ କଲେ ସାମ୍ବାଦିକ



ଅନୁଗୋଳ,(ମହାଭାରତ): ଗୋଟିଏ ପରେ ଗୋଟିଏ ଖଣି ଛେଣ୍ଡିପଦା ଅଂଚଳରେ ଖୋଲି ଚାଲିଥିବା ବେଳେ ପ୍ରଦୂଷଣ ସମସ୍ୟା ଉତ୍କଟ ହେବାରେ ଲାଗିଲାଣି । ଏବେ ଠାରୁ ପରିସ୍ଥିତି ବିଗିଡି ସାରିଥିବା ବେଳେ ଆଗକୁ କଣ ହେବ ସେହି ଚିନ୍ତାରେ ଅଞ୍ଚଳବାସୀ । ଏହାକୁ ଆଖି ଆଗରେ ରଖି ଅନୁଗୁଳ ଜିଲ୍ଲାର ବରିଷ୍ଠ ସାମ୍ବାଦିକ ଏକ ପଦକ୍ଷେପ ନେଇଛନ୍ତି । ନିଜ ଜନ୍ମ ଦିନରେ ଯୁବ ଗୋଷ୍ଠିଙ୍କୁ ନେଇ ଲଗାଇଛନ୍ତି ଏକ ହଜାର ଗଛ ।ପେଶାରେ ସାମ୍ବାଦିକ , କିନ୍ତୁ ନିଶା ପରିବେଶକୁ ସୁରକ୍ଷା । ଏ ନେଇ ସମାଜକୁ ବାର୍ତ୍ତା ଦେବାପାଇଁ ଅଭିନବ ଉପାୟରେ ପାଳନ କରିଛନ୍ତି ଜନ୍ମଦିନ କ୍ଷ ଆମେ କହୁଛୁ ଆମ ଅନୁଗୋଳ ଜିଲ୍ଲା ପ୍ରତିନିଧି ସମରେଶ ନାଥଙ୍କ କଥା । ସେ ନିଜ ଜନ୍ମଦିନରେ ଛେଣ୍ଡିପଦା ବ୍ଲକ ଟାଙ୍ଗିରି ଗାଁର ଏକ ପରିତ୍ୟକ୍ତ ପଡ଼ିଆ ରେ ୧୦୦ଟି ଔଷଧୀୟ ଓ ଫଳବୃକ୍ଷ ଆଦି ଗ୍ରାମବାସୀ ଓ ଯୁବଗୋଷ୍ଠୀଙ୍କ ସହ ମିଳିତ ଭାବେ ଲଗାଇଛନ୍ତି । ଗ୍ରାମବାସୀଙ୍କୁ ମଧ୍ୟ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଛନ୍ତି । ସେ ନିଜ ଜନ୍ମଦିନଟିକୁ ଉଦାହରଣ ଦେଇ କହିଛନ୍ତି, ସମସ୍ତେ ନିଜ ନିଜ ଜନ୍ମଦିନରେ ଗୋଟିଏ ଗୋଟିଏ ଗଛ ଲଗାନ୍ତୁ । ବାପା ଓ ମାଆଙ୍କ ଜନ୍ମଦିନରେ ମଧ୍ୟ ଗୋଟିଏ ଗଛ ଲଗାଇ ପରିବେଶକୁ ସୁସ୍ଥ ଓ ସୁନ୍ଦର କରି ତୋଳନ୍ତୁ । ଏବେଠାରୁ ଯେଉଁଭଳି ଭାବେ ପରିବେଶ ପ୍ରଦୂଷଣ ହେଲାଣି ଗଛ ଲଗାଇବା ହିଁ ପ୍ରତିକାରର ଏକ ମାତ୍ର ଉପାୟ ବୋଲି ସେ କହିଛନ୍ତି ।ସାରା ଭାରତ ବର୍ଷରେ ଅନୁଗୁଳ ଜିଲ୍ଲା ପ୍ରଦୂଷଣ ସହର ଭାବେ ବେଶ ନାଁ କଲାଣି । ଏବେ ବି ଆହୁରି ଖଣି ଖାଦାନ ବଢ଼ିବାରେ ଲାଗିଛି । ଯେଉଁଥିପାଇଁ ଗଛ ଲଗାଇବା ନିହାତି ଆବଶ୍ୟକ । ଏଥିପାଇଁ ସାମ୍ବାଦିକ ସମରେଶ ନିଜ ସହ ନିଜ ଗାଁର ଯୁବ ଗୋଷ୍ଠିଙ୍କୁ ସାମିଲ କରି ପ୍ରୋତ୍ସାହିତ କରିଥିଲେ । ଯୁବଗୋଷ୍ଠି ମଧ୍ୟ ତାଙ୍କର ଏଭଳି ଗଛ ପ୍ରେମରେ ପ୍ରେରଣା ପାଇଁ ନିଜ ନିଜ ଜନ୍ମଦିନରେ ଗଛ ଲଗାଇବାକୁ ସଂକଳ୍ପ କରିଛନ୍ତି । ଆଜି ସେ ପ୍ରାୟ ୧ ହଜାର ଗଛ ଲଗାଇ ଥିବା ବେଳେ ଆଗକୁ ଏହି ପ୍ରୟାସ ଜାରି ରହିବ ବୋଲି ଯୁବ ଗୋଷ୍ଠୀ କହିଛନ୍ତି ।

## ତେନ୍ତଲା ଗ୍ରାମରେ ସାପ କାମୁଡ଼ାରେ କିଶୋରୀ ମୃତ

ରାଇରଙ୍ଗପୁର, (ମହାଭାରତ): ମୟୂରଭଞ୍ଜ ଜିଲ୍ଲା ହଳଦା ଥାନା ଅନ୍ତର୍ଗତ ତେନ୍ତଲା ଗ୍ରାମରେ ସାପ କାମୁଡାରେ ଜଣେ ୧୨ ବର୍ଷୀୟା ନାବାଳିକାର ମୃତ୍ୟୁ ହୋଇଥିବା ଏକ ଅଭାବନୀୟ ଦୁଃଖଦ ଘଟଣା ଘଟି ଯାଇଛି । ସୂଚନାଯୋଗ୍ୟ ତେନ୍ତଲା ଗ୍ରାମର ଗରିବ ପରିବାରର ମୁରବି ଶ୍ୟାମ ମାରାଣ୍ଡି ନିଜର ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ ଭୁବନେଶ୍ୱରକୁ କାମ କରିବା ପାଇଁ ଯାଇଛନ୍ତି ।ଘରେ ତା' ର ସ୍ତ୍ରୀ ଏବଂ ୧୨ ବର୍ଷୀୟା କନ୍ୟା ସିନଗୋ ମାରାଣ୍ଡି ଅଛନ୍ତି । ସେମାନେ ରବିବାର ରାତିରେ ଖାଇ ପିଇ ଚଟାଣିରେ ଶୋଇଥିଲେ । ହଠାତ୍ ସିନଗୋ କ'ଣ କାମୁଡ଼ିଲା ବୋଲି ତା'ର ମା' କୁ କହିଥିଲା । କିନ୍ତୁ ତା କଥାକୁ ହାଲୁକା ଭାବେ ନେଇ ଶୋଇ ଯାଇଥିଲା ।ସକାଳୁ ଉଠି ଦେଖନ୍ତି ସିନଗୋର ଦେହ ଥଣ୍ଡା ପଡ଼ି ଯାଇଛି । ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲ କୁ ଅଣା ଯାଇଥିଲା । ଡାକ୍ତର ମୃତ ଘୋଷଣା କରିଥିଲେ । ପୋଲିସ ଏକ ଅପମୃତ୍ୟୁ ମାମଲା କେଶ କରି ମୃତକକୁ ଶବ ବ୍ୟବଚ୍ଛେଦ କରାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି । ସପ୍ତାହକ ମଧ୍ୟରେ ଦୁଇ ଦୁଇଟି ସାପ କାମୁଡାରେ ଅମୂଲ୍ୟ ଜୀବନ ଚାଲି ଗଲାଣି ସାମାନ୍ୟ ଅବହେଳା କାରଣରୁ ଯାହାକି ଚିନ୍ତାର ବିଷୟ.।

## ବଞ୍ଚିବାର ରାହା ଖୋଜୁଛି ମା' ଛେଉଣ୍ଡ ନାବାଳକ ଜଗଦିଶ



ଲାଞ୍ଜିଗଡ, (ମହାଭାରତ): ଆଠ ମାସ ତଳେ ସ୍ୱାମୀ ସନ୍ତୋଷ ନାଏକ କୁ ହରାଇ ଥିବା ସ୍ତ୍ରୀ ଫୁଲମତି ନାଏକ ଦୁଃଖରେ ଭାଙ୍ଗି ପଡ଼ିଥିବା ବେଳେ ଆଠ ବର୍ଷର ବଡ ପୁଅ ଜଗଦିଶ ନାଏକ ଓ ସାତ ମାସର ସାନ ପୁଅ ସବୀର ନାଏକ ଏହି ଦୁଇ ପୁଅଙ୍କୁ ନେଇଁ କୁଲି ମଞ୍ଜୁରୀ କରି ଶିଶୁ ମାନଙ୍କୁ ପ୍ରତିପୋଷଣ କରି ଆସୁଥିଲେ । କିନ୍ତୁ ଆଜି ଘରେ ସତେ ଯେମିତି ସକାଳୁ ଯମରାଜ ଛକି ରହିଥିଲା ପରି ମାଁ ପୁଅଙ୍କୁ ଯମ ଦଉଡ଼ିରେ ବାନ୍ଧି ନେଇଛି କ୍ଷହେଲେ ୮ବର୍ଷର ଶିଶୁ ଜଗଦିଶ ନାଏକ ବାପା, ମାଁ ଛେଉଣ୍ଡ ହୋଇ ବଞ୍ଚିବାର ରାହା ଖୋଜୁଛି କ୍ଷ ବାପାଙ୍କ ମୃତ୍ୟୁର ୮ ମାସ ନ ପୂରୁଣୁ ଏବେ ମାଁ ଓ ସାନ ଭାଇଙ୍କୁ ହରାଇଛନ୍ତି । ବାପାଙ୍କୁ ହରାଇଲା ପରେ ପରିବାର କହିଲେ ମାଁ ଓ ୭ମାସର ସାନ ଭାଇ ସବୀର ନାଏକ ଥିଲେ କ୍ଷ କିନ୍ତୁ ଆଜି ଅସାବଧାନତା ଯୋଗୁଁ ମାଁ ପୁଅ ବିଦ୍ୟୁତ ସମ୍ପର୍ଶ୍ୱରେ ଆସି ମୃତ୍ୟୁ ବରଣ କରିଛନ୍ତି । ଦ୍ୱେ ଆଗରୁ ବାପାକୁ ହରାଇଥିବା ବେଳେ ଆଜି ମାଁ ଓ ଭାଇଙ୍କୁ ହରାଇ ୮ବର୍ଷୀୟ ଜଗଦିଶ ନାଏକ ବେସାହାରା ହୋଇ ପଡିଛନ୍ତି । ପରିବାର କହିଲେ ବାପା, ମାଁ ଓ ସାନ ଭାଇ ଥିଲେ ହେଲେ ସମ୍ପୂର୍ଣ୍ଣ ଭାବେ ଆଜି ପରିବାର ହରାଇଲା ପରେ ନିଜର ବୋଲି କେଇଁ ନାହାନ୍ତି । ଏହି ଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ ବ୍ଲକ ବିଜେପୁର ଥାନା ଅନ୍ତର୍ଗତ ପୋଇଗୁଡ଼ା ଗାଁରେ । ସୂଚନା ମତେ ପୋଇଗୁଡା ଗାଁର ଫୁଲମତି ନାଏକ (୨୯)ସାନ ପୁଅ ସବୀର ନାଏକ (୭ମାସ) ଶିଶୁଙ୍କୁ କାଖେଇ ନିଜ ଘର କାମ କରୁ ଥିବା ସମୟରେ ଅଜାଣତରେ ଘରେ ଛିଣ୍ଡି ରହିଥିବା ବିଦ୍ୟୁତ ତାର ସମ୍ପର୍ଶ୍ୱରେ ଆସି ଘଟଣା ସ୍ଥଳରେ ମାଁ ପୁଅଙ୍କ ମୃତ୍ୟୁ ଘଟିଛି । ଖବର ପାଇ ବିଶ୍ୱନାଥ ପୁର ବିଦ୍ୟୁତ ବିଭାଗ ଯନ୍ତ୍ରୀ ସନ୍ଦୀପ ଠାକୁର ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ବେଳେ ଏନେଇ ମୃତକଙ୍କ ସମ୍ପର୍କୀୟ ଲୋକେ ବିଜେପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ବିଜେପୁର ଥାନା ଏଏସ୍ ଆଇ ଶ୍ୟାମ କୁଲସିକା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି କେସ ନମ୍ବର ୟୁଡି ୭/୨୫ ଏକ ଅପ ମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଛେଦ ପାଇଁ ଲାଞ୍ଜିଗଡ ଡାକ୍ତର ଖାନାକୁ ହସ୍ତାନ୍ତର କରି ଥିବା ବେଳେ ଲାଞ୍ଜିଗଡ ତହସିଲଦାର ବନମାଳୀ ମେହେରଙ୍କ ଉପସ୍ଥିରେ ଶବ ବ୍ୟବଛେଦ ପରେ ମୃତ ଶରୀର କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ହସ୍ତାନ୍ତର ପରେ ଶୋକାକୁଳ ପରିବେଶରେ ଗାଁ ମଶାଣିରେ ମାଁ ପୁଅଙ୍କ ଅନ୍ତିମ ସଂସ୍କାର କରାଯାଇଛି । ଏହି ଦୁଃଖ ଖବର ପାଇ ଲାଞ୍ଜିଗଡ ଜୋନ-୨ ଜିଲ୍ଲାପରିଷଦ ପରୀକ୍ଷିତ ନାଏକ, ବିଜେପୁର ସରପଞ୍ଚ ପ୍ରତିନିଧି ଟିକା ମାଝୀ, ଆମର ନାଏକ, ଇନ୍ଦ୍ର ମାଝୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଗଭୀର ଶୋକବ୍ୟକ୍ତ କରିବା ସହିତ ଶୋକସନ୍ତପ ବାପା, ମାଁ ଛେଉଣ୍ଡ ଜଗଦୀଶ କୁ ସମବେଦନା ଜଣାଇଛନ୍ତି । ଦ୍ୱେ ଘଟଣାକୁ ଗମ୍ଭୀରତାର ସହିତ ଗ୍ରହଣ କରି ବାପା ମାଁ ଛେଉଣ୍ଡ ଜଗଦିଶ ନାଏକଙ୍କୁ ପ୍ରଶାସନ ପକ୍ଷରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମ ବାସି ଅନୁରୋଧ କରିଛନ୍ତି ।

## ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୃଷ୍ଟିଦୋଷ ସପ୍ତାହ ପାଳିତ

ବାଲିଅନ୍ତା ( ମହାଭାରତ ): ବାଲକାଟୀ ଗୋଷ୍ଠୀସ୍ୱାସ୍ଥ୍ୟକେନ୍ଦ୍ର ରେ ମାଇଓପିଆ ଦୃଷ୍ଟିଦୋଷ ସପ୍ତାହ ପାଳିତ ହୋଇଥିଲା ଡ଼ . ତନ୍ମୟ ତ୍ରିପାଠୀ ଙ୍କ ଉପସ୍ଥିତରେ। ଗୌତମ ଦାସ, ଚକ୍ଷୁ ଅଧିକାରୀ, ଓ ସ୍ୱାସ୍ଥ୍ୟକର୍ମୀ ମାନେ. ୬ ବର୍ଷ ରୁ ୧୨ ବର୍ଷ ବୟସ ର ୨୧ ଜଣ ପିଲା ମାନଙ୍କର ଚକ୍ଷୁ ପରୀକ୍ଷଣ କରିଥିଲେ । ବାଲକାଟୀ ସି ଏଚ ସି ର ଚକ୍ଷୁ ପରୀକ୍ଷଣ କକ୍ଷରେ ପରୀକ୍ଷା କରାଯାଇଥିଲା ସାମିପ ଦୃଷ୍ଟିଦୋଷ ଥିବା ଚିହ୍ନଟ ପିଲାମାନଙ୍କୁ ଉଚିତ ପାୱାର ର ଚଷମା ଦିଆଯିବା ସହ ପରେ ସେମାନଙ୍କ ଅଭିଭାଭକ ମାନଙ୍କୁ ଏହି ରୋଗ ବିଷୟରେ ଡ଼ ତ୍ରିପାଠୀ ବିସ୍ତୃତ ଭାବରେ ସଚେତନ କରେଇଥିଲେ । ଦୃଷ୍ଟିଦୋଷ ସାଧାରଣତଃ ୬ ବର୍ଷ ରୁ ୧୨ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କୁ ହୋଇଥାଏ ତାଙ୍କୁ ପାଖ ବସ୍ତୁ ଭଲ ଭାବରେ ଦେଖାଯାଏ ।କିନ୍ତୁ ଦୂର ବସ୍ତୁ ଝାପ୍ସା ଦେଖା ଯାଇଥାଏ । ଅନ୍ୟ ଲକ୍ଷ୍ୟଣ ହେଉଛି ମୁଣ୍ଡବ୍ୟଥା ବା ଦୂରରେ ଥିବା କଳାପଟା ରେ ଲେଖା ନ ଦେଖାଯିବ, ଆଖି ରୁ ବାରମ୍ବାର ଲୁହ ଗଡ଼ିବା ଇତ୍ୟାଦି ଯଦି ପିତାମାତାଙ୍କ ସାମିପ ଦୃଷ୍ଟିଦୋଷ ଥାଏ ତାହେଲେ ପିଲାମାନଙ୍କର ଏଇ ଦୋଷ ଟି ହେବାର ଆଶଙ୍କା ଅଧିକ ଥାଏ ବୋଲି ଡାକ୍ତର ତନ୍ମୟ ତ୍ରିପାଠୀ କହିଛନ୍ତି ।

## ମାତିଛନ୍ତି କାଠ ମାଫିଆ, କୁମ୍ଭକର୍ଣ୍ଣ ନିଦ୍ରାରେ ବନ ବିଭାଗ



ନିଆଳି;( ମହାଭାରତ ) ଦିନକୁ ଦିନ ନିଆଳି ଅଞ୍ଚଳରେ ବଢ଼ିବାରେ ଲାଗିଛି କାଠ ଚୋରା ଚାଲାଣ। ଜଗତସିଂପୁର ଅଞ୍ଚଳରୁ ଟ୍ରାକ୍ଟରରେ ଶହ ଶହ ଟ୍ରିପ୍ କାଠ ଶିଖର ଘାଟ ବ୍ରିଜ ଦେଇ ପୁରୀ ଓ କଟକ ଜିଲ୍ଲାକୁ ହେଉଛି ଚାଲାଣ। ପୁରୀ ଜିଲ୍ଲାର ଗୋପ, ଚାରିଛକ, କାକଟପୁର, ନିମାପଡ଼ା ଏବଂ କଟକ ଜିଲ୍ଲାର ନିଆଳି ଅ□ଳରେ ଥିବା ଚୋରା କରତ କଳକୁ ପଠାଯାଉଛି। କାଠ ମାଫିଆ ସକ୍ରିୟ ହେଉଥିବ ବେଳେ ଆଖି ବୁଜି ଦେଇଛି ବନ ବିଭାଗ। ମାଫିଆ ମାନେ ଗ୍ରାମା□ଳ କାଠ ବେପାରୀଙ୍କୁ ହାତକରି ମୋଟା ଅଙ୍କର ଅର୍ଥ ଦେଇ ବିଭିନ୍ନ ସ୍ଥାନରୁ ଲକ୍ଷାଧିକ ଟଙ୍କାର ଦୁର୍ମୂଲ୍ୟ କାଠ ଯଥା ଶାଗୁଆନ, ଆମ୍ବ, ତେନ୍ତୁଳି, ଚାଖୁଣ୍ଡା, ପଣସ ଭଳି ମୋଟା କାଠ ଗଣ୍ଡିକୁ ସ୍ଥାନୀୟ ପ୍ରଶାସନ, ପୋଲିସ ଓ ବନ ବିଭାଗ ଆଖିରେ ଆଙ୍ଗୁଳି ଗେଞ୍ଜି ସ୍ୱଷ୍ଟ ଦିବାଲୋକରେ ଚାଲାଣ ହେଉଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବାର ଦେଖାଦେଇଛି। ପ୍ରଚଣ୍ଡ ରୌଦ୍ରତାପରେ ବନ୍ୟଜନ୍ତୁ, ମନୁଷ୍ୟ ୪୦ଓ ତାପମାତ୍ରାରେ କଲବଲ ହେଉଥିବା ବେଳେ ଆଗାମୀ ଦିନରେ ଉକ୍ତ ଅଞ୍ଚଳ ବୃକ୍ଷ ଶୂନ୍ୟ ହେଇଯିବ ବୋଲି ସାଧାରଣରେ ଜନଅସନ୍ତୋଷ ଦେଖାଦେଇଛି। ସେହିପରି ପ୍ରତ୍ୟେକ ଦିନ ଶହ ଶହ ଗଛ କଟାଯିବା ଫଳରେ ଜଙ୍ଗଲ କ୍ଷୟ ହେବା ସହ ଜୀବଜନ୍ତୁ ଲୋପ ପାଇବାକୁ ବସିଲାଣି ବୋଲି ପରିବେଶବିତ ମତ ପ୍ରକାଶ କରିଛନ୍ତି। ତେବେ ଆଗାମୀ ଦିନରେ କାଠ ଚୋରାଚାଲାଣ ରୋକାଯିବା ସହିତ କାଠ ମାଫିଆଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନ ନିଆଗଲେ ଆନ୍ଦୋଳନ କରାଯିବ ବୋଲି ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ଜୋର ଧରିଲାଣି ।

## ସ୍ୱାମୀଙ୍କ ଦୀର୍ଘାୟୁ ମନାସି ବ୍ରତ ପାଳୁଛନ୍ତି ସଧବା ନାରୀ



ଅନୁଗୁଳ(ମହାଭାରତ):ଆଜି ପବିତ୍ର ସାବିତ୍ରୀ ବ୍ରତୟ ଏହାକୁ ଜ୍ୟେଷ୍ଠ ମାସ ଅମାବାସ୍ୟାରେ ପାଳନ କରାଯାଏ। ସଧବା ନାରୀମାନେ ଅଖଣ୍ଡ ସୌଭାଗ୍ୟ ଓ ସ୍ୱାମୀଙ୍କ ଦୀର୍ଘ ଜୀବନ କାମନା କରି ଏହି ବ୍ରତ ପାଳନ କରିଥାନ୍ତି । ଏହି ଦିନ ମହିଳାମାନେ ଉପବାସ ରଖନ୍ତି ।ସାବିତ୍ରୀ ବ୍ରତରେ ଦେବୀ ସାବିତ୍ରୀ, ଯମଦେବତା ଓ ସତ୍ୟବାନଙ୍କୁ ପୂଜା କରାଯାଏ । ପୁରାଣ କାହାଣୀ ଅନୁସାରେ, ଯମରାଜା ଆସି ସତ୍ୟବାନଙ୍କ ପ୍ରାଣ ନେବା ସମୟରେ ସାବିତ୍ରୀ ନିଜ ବୁଦ୍ଧି ଓ ସତୀ ବଳରେ ଯମରାଜଙ୍କ ଠାରୁ ନିଜ ସ୍ୱାମୀଙ୍କ ପ୍ରାଣ ଫେରି ପାଇଥିଲେ। ଏହି ପୂଜାରେ ବର ଗଛ ପୂଜାର ବିଶେଷ ମହତ୍ୱ ରହିଛି। ଓଡ଼ିଆ ଘରର ପରମ୍ପରା ଅନୁସାରେ, ବ୍ରତ ପାଇଁ ସମସ୍ତ ଜିନିଷ ମହିଳାଙ୍କ ବାପଘରୁ ଆସିଥାଏ। ଯାହା ସାବିତ୍ରୀ ଭାର ନାମରେ ଜଣାଶୁଣାୟଏହି ପୂଜାର ଆରାଧ୍ୟ ଦେବୀ ହେଉଛନ୍ତି ମା' ସାବିତ୍ରୀ । ସ୍ୱାମୀଙ୍କର ନିରାମୟ ଜୀବନ ତଥା ମଙ୍ଗଳ କାମନା କରି ସଧବା ନାରୀମାନେ ସାବିତ୍ରୀ ବ୍ରତ ପାଳନ କରିବାର ପ୍ରଥା ରହିଛି । ଅନ୍ତ ଜଳ ସ୍ପର୍ଶ ନ କରି ସଧବା ନାରୀମାନେ ଏହି ବ୍ରତ ପାଳନ କରି ସ୍ୱାମୀଙ୍କୁ ପୂଜା କରିବାର ପରମ୍ପରା ରହିଛି । ଚଉଁରା ମୂଳ, ଠାକୁର ଘର ଏବଂ ବରଗଛରେ ସଧବା ନାରୀମାନେ ଏହି ପୂଜା କରିଥାନ୍ତି। ନୂଆ ଶାଢ଼ି ସହିତ ଶଙ୍ଖା, ସିନ୍ଦୂର ଏବଂ ଅଳତାକୁ ପୂଜା କରନ୍ତି। ଏଥିରେ ନଡ଼ିଆ, ଖଜୁରି, ତାଳ, ଆମ୍ବ, ପଣସ, ଲିଚୁ ଆଦି ଭୋଗ ଲାଗି କରନ୍ତ। ସ୍ୱାମୀଙ୍କ ଦୀର୍ଘ ଆୟୁଷ ପାଇଁ ଏହି ବ୍ରତରେ ସାବିତ୍ରୀ ଉପାଖ୍ୟାନ ପାଠ କରାଯାଏ। ସଧବା ନାରୀମାନେ ଏହି ବ୍ରତକୁ ନିଷ୍ଠାର ସହ ପାଳନ କରନ୍ତି। ପୂଜା ଶେଷ ପରେ ଫଳାହାର କରନ୍ତିୟବରଗଛର ବିଭିନ୍ନ ଶାଖାରେ ଭିନ୍ନ ଭିନ୍ନ ଦେବତା ବାସ କରୁଥିବା ବିଶ୍ୱାସ ରହିଛି। ସାବିତ୍ରୀ ଅମାବାସ୍ୟାରେ ବରଗଛକୁ ପୂଜା କରିବା ବିଧି ଅଛି। ପୌରାଣିକ କାହାଣୀ ଅନୁସାରେ, ସାବିତ୍ରୀ ପତିବ୍ରତା ଧର୍ମ ପାଳନ କରି ନିଜ ସ୍ୱାମୀ ସତ୍ୟବାନଙ୍କ ଜୀବନ ଫେରାଇ ଆଣିଥିଲେ। ଯୁବାବସ୍ଥାରେ ସତ୍ୟବାନଙ୍କ ମୃତ୍ୟୁ ହୋଇଥିଲା ।ସେଇଠାରୁ ସାବିତ୍ରୀ ମୃତ୍ୟୁ ଦେବତା ଯମରାଜଙ୍କୁ ନିଜ ସ୍ୱାମୀଙ୍କ ଜୀବନ ମାଗିଥିଲେ। ସେ ଭକ୍ତି ଓ ନିଷ୍ଠାର ସହ ଯମରାଜଙ୍କୁ ପ୍ରସନ୍ନ କରି ସତ୍ୟବାନଙ୍କୁ ମୃତ୍ୟୁ କବଳରୁ ଫେରାଇ ଆଣିବାରେ ସଫଳ ହୋଇଥିଲେ। ସାବିତ୍ରୀ ବରଗଛ ତଳେ ହିଁ ନିଜ ସ୍ୱାମୀଙ୍କ ଜୀବନ ଫେରି ପାଇଥିଲେ। ଏହି କାରଣ ଯୋଗୁଁ ଏହିଦିନ ବରଗଛ ପୂଜାର ପରମ୍ପରା ଥିବା କୁହାଯାଏ।

### ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନରେ ଜାଲିଆତି

# ପୁରୁଣା ହସ୍ତାନ୍ତର ନ କରି ମିଳୁଛି ନୂଆ ପ୍ରମାଣପତ୍ର

ନୟାଗଡ଼, ( ମହାଭାରତ ) : ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନରେ ବ୍ୟାପକ ଜାଲିଆତି କରାଯାଉଥିବା ନେଇ ଅଭିଯୋଗ ହେଉଛି। ରାଜ୍ୟ ସରକାର ନୂଆ ନିୟମ ମୁତାବକ, ୮୦% ପ୍ରତିଶତ ରୁ ଉର୍ଦ୍ଧ୍ୱ ଥିବା ଦିବ୍ୟାଙ୍ଗ ମାନଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯାଉଛି। ଫଳରେ ଏହାର ଫାଇଦା ନେବା ପାଇଁ ଏବେ କିଛି ହିତାଧିକାରୀ ବିଭାଗୀୟ ଅଧିକାରୀ ମାନଙ୍କୁ ହାତ କରି ଏହି ସାର୍ଟିଫିକେଟ୍ ହାତଉଛନ୍ତି। ପୂର୍ବ ସାର୍ଟିଫିକେଟରେ ଯେଉଁମାନେ ୪୦% ଦିବ୍ୟାଙ୍ଗ ରହିଛନ୍ତି, ପରବର୍ତ୍ତୀ ଅବସ୍ଥାରେ ସେମାନେ ବର୍ଦ୍ଧିତ ଆକାରରେ ପ୍ରମାଣପତ୍ର ହାତଉଥିବା ଜଣାପଡ଼ିଛି। ସରକାରୀ ନିୟମ ମୁତାବକ, ବର୍ଦ୍ଧିତ ଅର୍ଥାତ ନୂତନ ଦିବ୍ୟାଙ୍ଗ ସାର୍ଟିଫିକେଟ୍ ପାଇଁ ଆବେଦନ କରିବାକୁ ହେଲେ ପୂର୍ବରୁ ପାଇଥିବା ପ୍ରମାଣପତ୍ରଟିକୁ ହସ୍ତାନ୍ତର କରିବାକୁ




ହୁଏ। ମାତ୍ର ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ଏକାଧିକ ହିତାଧିକାରୀ ପୁରୁଣାକୁ ହସ୍ତାନ୍ତର ନ କରି ନୂତନ ସାର୍ଟିଫିକେଟ୍ ହାତଉଛନ୍ତି। ଫତେଗଡ ବାଉଁଶବାଟି ଅଞ୍ଚଳର ଅବିନାଶ ନାୟକ ଥାଲାସେମିଆ ରୋଗରେ ପୀଡ଼ିତ ଦର୍ଶାଇ ୨୦୧୮ ଅଗଷ୍ଟ ୨୭ରେ ଜିଲ୍ଲା ମୁଖ୍ୟ ହସ୍ପିଟାଲରୁ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିଲେ। ଏହାର ନଂ (ଓଡ଼ି୬୨୧୬୨୦୦୭୦୧୦୮୫୯୬) ରେ ସେ ୬୦% ଦିବ୍ୟାଙ୍ଗ ଦର୍ଶାଯାଇଛି। ପୁଣି ସେ ୨୦୧୮ ଜୁଲାଇ ୧୩ରେ ଜିଲ୍ଲା ମୁଖ୍ୟ ହସ୍ପିଟାଲରୁ ବଧିର ପ୍ରମାଣପତ୍ର ହାତେଇଛନ୍ତି ।ଏହି ସାର୍ଟିଫିକେଟର ନମ୍ବର ରହିଛି (ଓଡ଼ି୬୧୦୦୪୨୦୦୭୦୧୦୨୧୩୩)। ସେହିପରି ବଡଗୋରଡ଼ା। କେଶରପୁର ଗାଁର ଆଦିକନ୍ଦ କର ୨୦୧୭ ନଭେମ୍ବର ୨୩ରେ ସ୍ୱଳ୍ପ ଦୃଷ୍ଟିହୀନ ବୋଲି ୪୦% ପ୍ରତିଶତ ଭିନ୍ନକ୍ଷମ ବୋଲି ପ୍ରମାଣପତ୍ର ପାଇଥିବା ବେଳେ ୨୦୨୪ ଅପ୍ରେଲ ୨୪ରେ ପୁଣି ବଧିର ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ପ୍ରମାଣପତ୍ର ପାଇଛନ୍ତି ଯାହାର ପ୍ରମାଣପତ୍ର ନଂ (ଓଡ଼ି୧୬୨୦୪୧୯୮୫୦୩୪୨୭୪) ଏମିତି ତାଲିକା ବେଶ୍ ଲମ୍ବା ରହିଛି। ଅନଲାଇନରେ ଏହି ହିତାଧିକାରୀ ମାନଙ୍କର ଦୁଇଟି ସାର୍ଟିଫିକେଟ୍ ଥିବା ସ୍ପଷ୍ଟ ଭାବେ ଜଣାପଡୁଛି । ନିୟମ ମୁତାବକ, ପୁରୁଣା ସାର୍ଟିଫିକେଟ୍ ହସ୍ତାନ୍ତର କରିବା ପରେ ହିଁ ସେମାନଙ୍କୁ ନୂତନ ପ୍ରମାଣପତ୍ର ପ୍ରଦାନ କରାଯିବ। ଯଦି ଜଣକ ପାଖରେ ପୂର୍ବରୁ ବଧିର ଓ ପରେ ପକ୍ଷାଘାତର ସାର୍ଟିଫିକେଟ୍ ରୁହେ ତେବେ ସରକାରୀ ଯୋଜନାରେ ଦୁଇଟି ବିଭାଗରୁ ସେ ସହାୟତା ପାଇପାରିବ। ଏଣୁ ଏହି ଜାଲିଆତି ପଛରେ କାହାର ହାତ ରହିଛି, ଏହା ତଦନ୍ତ କରାଯିବା ପାଇଁ ଦାବି ହୋଇଛି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ କୁମାର ଦାସ କୁହନ୍ତି ଯେ, ପୂର୍ବରୁ ୪୦% ପ୍ରତିଶତ ଦିବ୍ୟାଙ୍ଗ ଥିବା ଲୋକଟି ପରବର୍ତ୍ତୀ ଅବସ୍ଥାରେ ନୂତନ ସାର୍ଟିଫିକେଟ୍ ପାଇଁ ଆବେଦନ କରିପାରିବ। ଉକ୍ତ ବ୍ୟକ୍ତିଙ୍କୁ ଭଲ ଭାବେ ପରୀକ୍ଷା କରିବା ପରେ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି। ମାତ୍ର ପୂର୍ବରୁ ପାଇଥିବା ସାର୍ଟିଫିକେଟକୁ ସେ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରିବେ। ଏ ନେଇ ୨୦୨୪ରେ ସରକାର ଏକ ନୂଆ ନିୟମ କରିଛନ୍ତି। ଯଦି ଏମିତି କିଛି ହିତାଧିକାରୀ ଦୁଇ ଦୁଇଟି ସାର୍ଟିଫିକେଟ୍ ହାତେଇଛନ୍ତି, ସେ ନେଇ ନିଶ୍ଚିତ ଭାବେ ପଦକ୍ଷେପ ନିଆଯିବ।

## ସାବିତ୍ରୀ ବ୍ରତ ପାଇଁ ଚଳଚଞ୍ଚଳ ବିଭିନ୍ନ ଶୈବପୀଠ



ନୟାଗଡ଼, ( ମହାଭାରତ ) : ଆଜି ପବିତ୍ର ସାବିତ୍ରୀ ବ୍ରତ ରେ ଚଳଚଞ୍ଚଳ ନୟାଗଡ଼ର ବିଭିନ୍ନ ଶୈବପୀଠ। ସ୍ୱାମୀ ଙ୍କ ଦୀର୍ଘ ଆୟୁଷ ପାଇଁ ବିବାହିତ ମହିଳା କରିଥାନ୍ତି ଏହି ବ୍ରତ। ବିଧି ଅନୁସାରେ ସାବିତ୍ରୀ ବ୍ରତ ପୂର୍ବରୁ ଝିଅ ବାପ ଘରୁ ଆସିଥିବା ନୂଆ ଲୁଗା ସହ ଶଙ୍ଖା, ସିନ୍ଦୁର, ଅଳତା ଏବଂ ସାବିତ୍ରୀ ବ୍ରତ ଓ ବିଭିନ୍ନ ପ୍ରକାରର ଫଳ ଆମ୍ବ, ପଣସ, ସପୁରୀ ପଣସ, ଖଜୁରୀ, ତାଳ, ଲିଚୁ କୋଳି ସହ ନଡ଼ିଆ, କଦଳୀ, ସେଓ, କମଳା, ଅଙ୍ଗୁର ପରି ବିଭିନ୍ନ ଫଳ କୁ ନେଇ ଆଜି ମହିଳା ମାନେ ମହାକାଳ ଶିବ ଶଙ୍କର ଓ ମା ପାର୍ବତୀଙ୍କ ଙ୍କ ପାଖରେ କରିଥିନ୍ତି ପୂଜାର୍ଚ୍ଚନା। ମାତା ପାର୍ବତୀ ଙ୍କ ପାଖରେ ସାଙ୍ଗରେ ଆଣିଥିବା ନୂଆ ଲୁଗା ସହ ଶଙ୍ଖା, ସିନ୍ଦୁର, ଅଳତା କୁ ପୂଜା କରି ସ୍ୱାମୀ ଙ୍କ ଦୀର୍ଘାୟୁ ପାଇଁ କରିଥାନ୍ତି ପ୍ରାର୍ଥନାୟ ମନ୍ଦିର ରୁ ପୂଜାର୍ଚ୍ଚନା ସାରିବା ପରେ ଘରକୁ ଆସି ସ୍ୱାମୀ ଙ୍କ ଗୋଡ଼ ଧୋଇ ସେହି ପାଣି କୁ ସେବନ କରିବା ଶହ ଫୁଲ ଚନ୍ଦନ ଦେଇ ସ୍ୱାମୀ ବନ୍ଦାପନା କରିଥାନ୍ତି। ଏବଂ ମନ୍ଦିରରୁ ପୂଜା କରି ଆଣିଥିବା ପ୍ରସାଦ କୁ ସ୍ୱାମୀ ନିଜର ସ୍ତ୍ରୀ କୁ ଖୁଆବା ସହ ସ୍ତ୍ରୀ ସ୍ୱାମୀ ଠାରୁ ଆର୍ଶୀବାଦ ନେଇଥାଏ। ଏବଂ ଶିବ ପାର୍ବତୀ ଙ୍କ ଠାରୁ ସ୍ୱାମୀ ର ଦୀର୍ଘ ଆୟୁଷ କାମନା କରିଥାଏୟ ପୌରାଣିକ କଥା ଅନୁଯାୟୀ ମାତା ସତୀ ସାବିତ୍ରୀ ତାଙ୍କ ସ୍ୱାମୀ ସତ୍ୟବାନଙ୍କ ଆୟୁଷ ଯେଉଁ ଭଳି ଭାବରେ ଜମ ରାଜ ଙ୍କ ଠାରୁ ଫେରାଇ ଆଣି ଥିଲେ ନିଜର ଶକ୍ତିବ ବଳରେ ତାହାକୁ ପ୍ରଥା କରି ଏହି ଜ୍ୟେଷ୍ଠ ମାସ ଅମାବାସ୍ୟା ତିଥିରେ ଏହି ସାବିତ୍ରୀ ବ୍ରତ କୁ ପ୍ରତ୍ୟେକ ବିବାହିତ ମହିଳା ମାନେ ନିଜର ସ୍ୱାମୀ ଙ୍କ ଦୀର୍ଘାୟୁ ପାଇଁ ବ୍ରତ ଧାରଣ କରିଥାନ୍ତି ବୋଲି ପୌରାଣିକ ବିଶ୍ୱାସ ରହିଅଛି।

## ଟ୍ରଷ୍ଟ ପରିଚାଳନାରେ ଅନିୟମିତତା ଯୋଗୁଁ ଦେବୋତ୍ତର ବିଭାଗକୁ ଗଲା ଶ୍ରୀରାମ ମନ୍ଦିର

ଭାପୁର, ( ମହାଭାରତ ) : ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ଗାଁ ଅଧୀନ ଫତେଗଡ଼ ଓ ପାର୍ବତୀପୁର ମୌଜା ରେ ଥିବା ଶ୍ରୀରାମ ମନ୍ଦିର ଏବେ ସରକାରଙ୍କ ଦେବୋତ୍ତର ବିଭାଗ ଅଧୀନକୁ ଆସିଛି। ୨୦୨୪ ଜାନୁଆରୀ ୨୨ରେ ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରାଣପ୍ରତିଷ୍ଠା ସମୟରେ ଫତେଗଡ଼ ର ଗିରି ଗୋବର୍ଦ୍ଧନ ପାହାଡ଼ ଉପରେ ୧୦୦ ଏକର ଜମିରେ ଏହି ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ହୋଇଥିଲା। ଏହି ମନ୍ଦିରରେ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତାଙ୍କ



ସହ ରାମ ଭକ୍ତ ପ୍ରଭୁ ହନୁମାନ ଙ୍କ ବିଗ୍ରହ ଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ସେବେଠାରୁ ଏହି ଭବ୍ୟ ମନ୍ଦିର ସ୍ଥାନୀୟ ଶ୍ରୀ ରାମ ମନ୍ଦିର ଚାରେଟିବୁଲ୍ ଟ୍ରଷ୍ଟ କମିଟି ଦ୍ୱାରା ପରିଚାଳନା କରାଯାଉଥିଲା। ବିଗତ ବର୍ଷ ଅଗଷ୍ଟ ମାସରେ ନୟାଗଡ଼ ଜିଲ୍ଲାପାଳ ଙ୍କ ଜରିଆରେ ଦେବୋତ୍ତର ବିଭାଗ କୁ ଅଭିଯୋଗ ହୋଇଥିଲା କି ଫତେଗଡ଼ ଶ୍ରୀରାମ ମନ୍ଦିର ରେ ବ୍ୟାପକ ଦୁର୍ନିତୀ ହେଉଛି ବୋଲି। ଏହାପରେ ଦେବଦତ୍ତ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଥିଲା। ତେବେ ମନ୍ଦିର ର ଟ୍ରଷ୍ଟ ପରିଚାଳନାରେ ଅନିୟମିତତା ହେଉଥିବା ଦେବୋତ୍ତର କମିସନ ଲଲାଟେନ୍ଦୁ ଜେନାଙ୍କ ନଜରକୁ ଆସିଥିଲା। କମିସନଙ୍କ ନିର୍ଦ୍ଦେଶ କ୍ରମେ ଦେବୋତ୍ତର ନିରୀକ୍ଷକ ଏହାର ପରିଚାଳନା ସମ୍ବନ୍ଧରେ ତଦନ୍ତ କରିଥିଲେ। ତଦନ୍ତ ସମୟରେ ମନ୍ଦିର ପରିଚାଳନାରେ ଥିବା ବ୍ୟକ୍ତିମାନେ ଅନୁଷ୍ଠାନର ଆୟବ୍ୟୟର ତଥ୍ୟ ପ୍ରଦାନ କରିପାରିନଥିଲେ। ଦେବୋତ୍ତର ନିରୀକ୍ଷକଙ୍କ ବିବରଣୀ ଏବଂ ଅନ୍ୟ ତଥ୍ୟାବଳୀ ବିଚାରକୁ ନେଇ ଓଡ଼ିଶା ହିନ୍ଦୁ ଦେବୋ□ର ଆଇନ ଅନୁଯାୟୀ ମନ୍ଦିରକୁ ଦେବୋତ୍ତର ବିଭାଗ ଦ୍ୱାରା ସୁଚୀଭୁକ୍ତ କରାଯାଇଛି। ଏହାର ପରିଚାଳନା ପାଇଁ ଏକ ଦେବୋତ୍ତର ବିଭାଗ ପକ୍ଷରୁ ନ୍ୟାସ ମଣ୍ଡଳୀ ଗଠନ ନିମନ୍ତେ ସହକାରୀ ଦେବୋତ୍ତର ଆୟୁକ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ରାଜ୍ୟ ସ୍ତରୀୟ ହକି ଅମ୍ପାୟାର୍ସ ଲେଵୁଲ-୧ ପରୀକ୍ଷାରେ ପାରାଦୀପ ର ୭ ଜଣ ଛାତ୍ରଛାତ୍ରୀ ଙ୍କ ସଫଳତା

ପାରାଦୀପ (ମହାଭାରତ): ରାଜ୍ୟ ସରକାର ଓ ଓଡ଼ିଶା ନାଭାଲ ଟାଟା ହକି ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ହକି ଅମ୍ପାୟାରସ ଲେଭେଲ-୧କୋର୍ସ ପରୀକ୍ଷାରେ ଜଗତସିଂହପୁର ଜିଲ୍ଲା ଅନ୍ତର୍ଗତ ପାରାଦ୍ୱୀପର ୭ଜଣ ଛାତ୍ରଛାତ୍ରୀ ସଫଳତା ହାସଲ କରିଛନ୍ତି ।ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ପରିସରରେ ୨୪ ମଇ ଠାରୁ ୨୬ ମଇ ପର୍ଯ୍ୟନ୍ତ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ତଥା ଓଡିଶା ନାଭାଲ ଟାଟା ହକି ମିଳିତ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍ତରୀୟ ହକି ଲେଭେଲ -୧ ଅମ୍ପାୟରିଂ ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀ ହେଲେ ଶ୍ରୀ ଆୟୁଷ କୁମାର , ସତ୍ୟ ସୁବ୍ରତ ଜେନା, ବିନୟ କୁମାର ଖିଲାର, ସମ୍ବିତ ବିଶ୍ୱଭୂଷଣ, କୁମାରୀ ଚିନ୍ମୟୀ ପ୍ରଧାନ, କୁମାରୀ ସୁହାନି



ରାଉତ, କୁମାରୀ ସଂଚିତା ସ୍ୱାଇଁ । ଏହି ୭ ଜଣ ହକି ଖେଳାଳି ପିପିଏଲ, ପାରାଦ୍ୱୀପର ଟାଟା ହକି ଗ୍ରାସ ରୁଟ କେନ୍ଦ୍ରର ଖେଳାଳି ତଥା ପିପିଏଲ ଡିଏଭି ପବ୍ଲିକ ସ୍କୁଲ ର ଛାତ୍ରଛାତ୍ରୀ ଅଟନ୍ତିୟ ଏମାନଙ୍କ ସଫଳତା ପାଇଁ ଜିଲ୍ଲାର କ୍ରୀଡ଼ା ଅଧିକାରିଣୀ ଶ୍ରୀମତୀ ବିଶ୍ୱବିଜୟିନୀ ପଟ୍ଟନାୟକ, ଡିଏଭି ପିପିଏଲ ପାରାଦ୍ୱୀପ ର ଅଧକ୍ଷ ସଂଜୀବ କୁମାର ସାହୁ ତଥା ଡିଏଭି ପିପିଏଲ ର କ୍ରୀଡ଼ା ଶିକ୍ଷକ ତଥା ସେ□ର୍ ସଂଯୋଜକ ଶାଶ୍ୱତ କୁମାର ଭାରତୀୟ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

# ବର୍ଷ ବର୍ଷ ଧରି ନାଳ ପାଣି ଭରଷାରେ କୋଇଡା ଖଣି ଅଞ୍ଚଳ

## ଖଣି ଆବର୍ଜନା ପାଇଁ କୁରାଢ଼ୀ ନାଳ ଆଜି ସମ୍ପୂର୍ଣ୍ଣ ଲାଲ

କୋଇଡା(ମହାଭାରତ) : ଖଣିର ରାଜଧାନୀ କୁହାଯାଉଥିବା ସୁନ୍ଦରଗଡ ଜିଲ୍ଲା କୋଇଡା ଖଣି ଅଞ୍ଚଳରେ ଏବେ ମଧ୍ୟ ଘୋର ପାଣି ସମସ୍ୟା ଲାଗିରହିଛି ।ସେ କୁରାଢ଼ୀ ନାଳ ହେଉ କିମ୍ବା କାରୋ ନଦୀ ବା ସୁନା ନାଳ ସମସ୍ତ ପ୍ରାକୃତିକ ଝରଣା ଏବେ ପ୍ରଦୂଷଣରେ କବଳିତ ହୋଇ ସାରିଲାଣି । କୋଇଡା ବ୍ଲକର ଟେନସା ଓ ଲହୁଣୀପଡ଼ା ବ୍ଲକ ଭୁତୁଡ଼ା ପଞ୍ଚାୟତ ସାରକୁଣ୍ଡା ଠାରୁ ଚୋରଧରା - ବିମଲାଗଡ଼ ହୋଇ ଦରଜିଙ୍ଗ ଠାରେ ବ୍ରାହ୍ମଣୀରେ ମିଶିଥିବା କୁରାଢ଼ୀ ନାଳ ଯାହାର ଉତ୍ପତ୍ତି ସ୍ଥଳ ହେଉଚି କେମିଶଳା । ଏହି ନାଳର ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରନ୍ତି ହଜାର ହଜାର ଜନସାଧାରଣ।



ଅଧିକାଂଶ ଅଞ୍ଚଳରେ ଆଦିବାସୀ ହିଁ ବସବାସ କରୁଥିବା ଦେଖିବାକୁ ମିଳିଥାଏ ତେବେ ବିଭିନ୍ନ ସମୟରେ ଏହି ନାଳ ପାଣି ସମ୍ପୂର୍ଣ୍ଣ ନାଲି ହେଉଥିବାରୁ ଏହା ପିଇବା ଉପଯୋଗୀ ହେଉନାହିଁ ଯାହା ଫଳରେ ଜନ ସାଧାରଣ ଅନ୍ୟ କୌଣସି ଉପାୟ ନ ପାଇ ଉକ୍ତ ପାଣି କୁ ପିଇବା ପାଇଁ ବାଧ ହେଉଛନ୍ତି । କୁରାଢ଼ୀ ନାଳ ପାଣିକୁ ବିଗତ ଚାରି ଦଶନ୍ଧିରୁ ଉର୍ଦ୍ଧ ସମୟ ଧରି ସେଲ ପରିଚାଳିତ ବରସୁଆଁ ଏବଂ ଟେନସା ସହରକୁ ମଧ୍ୟ ସେଲ ଦ୍ୱାରା ଘର ଘର ପହଞ୍ଚା ଯାଇ ଥାଏ । ଉକ୍ତ ନାଳ ପାଣି ଦୂଷିତ ଗୋଳିଆ ହେବା ଦ୍ୱାରା ବିଭିନ୍ନ ସମୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଲୋକେ ସମାନ ଗୋଳିଆ ପାଣିକୁ ଭରସା କରି ଜୀବନକୁ ବାଜି ଲଗାଉଛନ୍ତି। ବିଗତ ଦିନ ମାନଙ୍କରେ ଖଣି ଅଞ୍ଚଳରେ ଏହି ଗୋଳିଆ ପାଣି ପାଇଁ ଡାଇରିଆ ବ୍ୟାପିଥିଲା । ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଯାଞ୍ଚ କଲା ପରେ ସ୍ପଷ୍ଟ ହୋଇଥିଲା ଏହା ଉକ୍ତ କୁରାଢ଼ୀ ନଦୀ ଜଳ ଦୂଷିତ ପାଣି ପାଇଁ ହୋଇଥିଲା , ଆଜି ମଧ୍ୟ କୁରାଢୀ ନାଳ ସମ୍ପୁର୍ଣ୍ଣ ଲାଲ୍ ମୟ ହୋଇ ଦୂଷିତ ଦେଖାଦେଇଛି । ବିଗତ ଦିନ ମାନଙ୍କରେ ଯାହା ଘଟି ଯାଇଛି ଯେପରି ତାର ପୁନରାବୃତ୍ତି ନ ହୁଏ ସଥିପ୍ରତି ଜିଲ୍ଲା ପ୍ରଶାସନ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀ ଖଣି କିମ୍ବା ରେଳ ସାଇଡିଂ ବା କୌଣସି ବେଲ୍ଟ ଲାଇନ ପାଇଁ ଏହି ସ୍ଥିତି ଉପୁଜୁଛି। ନିହାତି ଏହା ଉପରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ ଯାହା ଏହି ଖଣି ଅଞ୍ଚଳ ବାସିନ୍ଧା ଦୀର୍ଘ ଦିନ ଧରି ଦାବୀ କରି ଆସୁଛନ୍ତ।

## ରେଭ୍ ପାର୍ଟିରେ ଚଢାଉ, ୩୧ ଜଣ ଗିରଫ

ବେଙ୍ଗାଲୁର : ବେଙ୍ଗାଲୁରର ଏକ ଫାର୍ମହାଉସରେ ଆୟୋଜିତ ହୋଇଥିବା ରେଭ୍ ପାର୍ଟିରେ ପୋଲିସର ଚଢାଉ । ଏପରି ଘଟଣା ବେଙ୍ଗାଲୁରର ଦେବନହଲ୍ଲୀ ନିକଟସ୍ଥ ଏକ ଫାର୍ମହାଉସରେ ଦେଖିବାକୁ ମିଳିଛି । ସେହି ଫାର୍ମହାଉସର ଜଣେ କର୍ମଚାରୀ ମାଜା ଶରୀଫଙ୍କର ୨୬ ତମ ଜନ୍ମଦିନ ପାଳନ ପାଇଁ ଏହା ଆୟୋଜନ କରାଯାଇଥିଲା । ଏହି ପାର୍ଟିରେ ଥିବା ୩୧ ଜଣଙ୍କ ନାଁରେ ପୋଲିସ ମାମଲା ରୁଜୁ କରିଛି । ସୂଚନାନୁଯାୟୀ, ମାମାଲା ରୁଜୁ ହୋଇଥିବା ୩୧ଜଣ ଲୋକଙ୍କ ବୟସ ୨୪ ରୁ ୩୦ ବର୍ଷ ମଧ୍ୟରେ ରହିଛି । ସେହି ୩୧ ଜଣଙ୍କ ମଧ୍ୟରୁ ୪ଜଣଙ୍କ ପାଖରୁ ୩ଗ୍ରାମ କୋକେନ୍, ୫ଗ୍ରାମ ହାଇଡ୍ରୋ-ଗଞ୍ଜେଇ, ୬୦ଗ୍ରାମ ହଶୀଶ ସେମାନଙ୍କ ନିକଟରୁ ଜବତ କରିଛି ପୋଲିସ । ଶନିବାର ରାତିରେ ସେମାନେ ପାର୍ଟି ଆରମ୍ଭ କରିଥିଲେ । ଭୋର ପ୍ରାୟ ୪.୩୦ ଟାରେ ପୋଲିସ ଏହି ସମ୍ପର୍କରେ ସୂଚନା ପାଇଥିଲା । ପୋଲିସ ଫାର୍ମହାଉସରେ ଭୋର ୫ଟାରେ ପହଞ୍ଚି ସେମାନଙ୍କୁ ଗିରଫ କରିଥିଲା । ଏହା ସହିତ ପୋଲିସ ସେମାନଙ୍କଠାରୁ ଜବତ କରିଥିବା ଜିନିଷକୁ ପରୀକ୍ଷା ପାଇଁ ଲାବ୍ରୋଟୋରୀକୁ ପଠାଇଛି । ଏଥିରେ କେଉଁମାନେ ସାମିଲ ଅଛନ୍ତି ? କେଉଁଠୁ ଆସିଛି ଏହି ସବୁ ସମ୍ପର୍କରେ ପୋଲିସ ତଦନ୍ତ ଆରମ୍ଭ କରିଛି । ଏପଟେ ପୋଲିସ ଅଧିକାରୀ ବିଜେ ସଜିଥ କହିଛନ୍ତି ଯେ, ଏହି ପାର୍ଟିରେ ଉଭୟ ଗ୍ରାହକ ଏବଂ ଦୋକାନୀ ଉପସ୍ଥିତ ଥିଲେ । ସେହି ୩୧ ଜଣ ଭିନ୍ନ ଭିନ୍ନ ଓଞ୍ଚକମ୍ପାନୀରେ କାମ କରୁଥିବାର ସୂଚନା ଦେଇଛନ୍ତି । ସେମାନଙ୍କ ପାଖରୁ କୋକେନ୍, ହଶୀଶ ଏବଂ ହାଇଡ୍ରୋ ଜବତ କରାଯାଇଥିବା ସ୍ପଷ୍ଟ କରିଛନ୍ତି ସଜିଥ ।

## ପ୍ରବଳ ବର୍ଷାରେ ବେହାଲ୍ ମୁମ୍ବାଇ

ମୁମ୍ବାଇ: ମୁମ୍ବାଇରେ ପ୍ରବଳ ବର୍ଷା ଓ ଝଡ଼ ତୋଫାନ ଲାଗି ରହିଛି । ପ୍ରବଳ ବର୍ଷା ଯୋଗୁଁ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ପ୍ରବଳ ବର୍ଷା ଓ ଝଡ ତୋଫାନ କାରଣରୁ ଭିଜିବିଲିଟ କମ୍ ଦେଖିବାକୁ ମିଳିଛି । ତେଣୁ ବର୍ଷାର ପ୍ରଭାବ ଯାତାୟତ ଉପରେ ପଡିଛି । ବିମାନ ପରିଚାଳନା ପ୍ରଭାବିତ ହେବା ସହିତ ଏୟାର ଇଣ୍ଡିଆକମ୍ପାନୀ ଯାତ୍ରୀଙ୍କ ପାଇଁ ଆଡଭାଇଜରୀ ଜାରି କରିଛି ।

ମୁମ୍ବାଇ ଏବଂ ଏହାର ଆଖାପାଖ ଅଞ୍ଚଳରେ ହୋଇଥିବା ବର୍ଷା ଯୋଗୁଁ ଏୟାର ଇଣ୍ଡିଆ ଆଡଭାଇଜରୀ ଜାରି କରି କହିଛି, 'ମୁମ୍ବାଇରେ ବର୍ଷା ଓ ଝଡ ତୋଫାନ କାରଣରୁ ବିମାନ ପରିଚାଳନା ପ୍ରଭାବିତ ହୋଇଛି । ଯାତ୍ରାକୁ ସୁଗମ କରିବା ପାଇଁ ଆମେ ଯାତ୍ରୀଙ୍କୁ ଏୟାରପୋର୍ଟ ଆସିବା ପୂର୍ବରୁ ଉଡ଼ାଣ ସ୍ଥିତି ଯାଞ୍ଚ କରିବାକୁ ପରାମର୍ଶ । ଯାତ୍ରୀ ପ୍ରଥମେ ବିମାନ ଷ୍ଟାଟସ ଚେକ୍ କରିବା ପରେ ଏୟାରପୋର୍ଟ ପାଇଁ ଆସିବାକୁ ଅପିଲ୍ । ରାଜଧାନୀ ଦିଲ୍ଲୀ ବ୍ୟତୀତ ମୁମ୍ବାଇରେ ଗତକାଲି ଅଧରାତିରୁ ବର୍ଷା ଲାଗି ରହିଛି । ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁଁ ଯାତାୟତ ବାଧାପ୍ରାପ୍ତ ହୋଇଛି । ବିଭିନ୍ନ ସ୍ଥାନରେ ପାଣି ଜମିଥିବରୁ ଟ୍ରାଫିକ ଜାମ୍ ସମସ୍ୟା ଦେଖାଦେଇଛି । ଫଳରେ ମେଟ୍ରୋ, ବିମାନ ଉଡ଼ାଣ ପ୍ରଭାବିତ ହୋଇଛି । ମେଟ୍ରୋ ଉପରେ ନିର୍ଭର କରିଥିବା ଲୋକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି । ପାଣିପାଗ ବିଭାଗ ମୁମ୍ବାଇର ଏବଂ ସ୍ଥାନୀୟ ଅଞ୍ଚଳରେ ୟେଲୋ ଓ୍ୱାର୍ଣ୍ଣିଂ ଆଲର୍ଟ ଜାରି କରିଛି ।

## ମୁମ୍ବାଇରେ ପ୍ରବଳବର୍ଷା, ୩୧୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ ନିର୍ଦ୍ଦେଶ

ମୁମ୍ବାଇ : ମୌସୁମୀ କେରଳ ଛୁଇଁବା ପରେ ଭାରତର ବିଭିନ୍ନ ରାଜ୍ୟରେ ବର୍ଷା ଆରମ୍ଭ ହୋଇଯାଇଛି । ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ବିଭିନ୍ନ ସ୍ଥାନରେ ବର୍ଷା ହେଉଛି । ରାଜଧାନୀ ଦିଲ୍ଲୀ ବ୍ୟତୀତ ମୁମ୍ବାଇରେ ଗତକାଲି ଅଧରାତିରୁ ବର୍ଷା ଲାଗି ରହିଛି । ଫଳରେ ମେଟ୍ରୋ, ବିମାନ ଉଡ଼ାଣ ପ୍ରଭାବିତ ହୋଇଛି । ମେଟ୍ରୋ ଉପରେ ନିର୍ଭର କରିଥିବା ଲୋକମାନେ ନାହିଁ ନଥିବା ହଇରାଣ ହେଉଛନ୍ତି । ପାଣିପାଗ ବିଭାଗ ମୁମ୍ବାଇର ଏବଂ ସ୍ଥାନୀୟ ଅଞ୍ଚଳରେ ୟେଲୋ ଓ୍ୱାର୍ଣ୍ଣିଂ ଆଲର୍ଟ ଜାରି କରିଛି । ମୁମ୍ବାଇ ଠାଣେ ଏବଂ ପାଲଘର ଭଳି ସମୁଦ୍ରକୂଳିଆ ଜିଲ୍ଲାରେ ଚେତାବନୀ ଜାରି ହୋଇଛି । ବର୍ଷା ଓ ପବନ କିମ୍ବା ବଜ୍ରପାତ ଆଶଙ୍କା ରହିଛି । ଏଥିପାଇଁ ସ୍ଥାନୀୟ ପ୍ରଶାସନ ନାଗରିକଙ୍କୁ ଅପିଲ୍ କରିଛି । ୩୧୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ ନିର୍ଦ୍ଦେଶ ଦେଇଛନ୍ତି ସରକାର । ରବିବାର ରାତିରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ସଂପୂର୍ଣ୍ଣ ଭାବେ ପ୍ରଭାବିତ ହୋଇଛି । ରବିବାର ରାତିରେ ମଧ୍ୟ ପ୍ରବଳ ବର୍ଷା ହୋଇଛି । ପ୍ରବଳ ବର୍ଷା ଯୋଗୁଁବିଭିନ୍ନ ସ୍ଥାନରେ ପାଣି ଭରିରହିଛି । ଅନେକ ସ୍ଥାନରେ ବର୍ଷା ଯୋଗୁଁ ଭୀଷଣ ଜାମ୍ ଲାଗି ରହିଛି । ଆଜି ମଧ୍ୟ ପ୍ରବଳ ବର୍ଷା ଅନୁମାନ କରିଛି ପାଣିପାଗ ବିଭାଗ । ନରିମନ ପଏଣ୍ଟ, ଫାୟର ଷ୍ଟେସନ, ଗ୍ରାଣ୍ଟ ରୋଡ, ସି ଓ୍ୱାର୍ଡ ଅଫିସ, କୋଲାବା ଫାୟର ଷ୍ଟେସନ, ମାଣ୍ଡଭି ଫାୟର ଷ୍ଟେସନ, ଭାୟକଲା, ବ୍ରିଟାନିଆ ଷ୍ଟର୍ମ ଓ୍ୱାଷ୍ଟର ଷ୍ଟେସନରେ ରେକର୍ଡ ବର୍ଷା ହୋଇଛି । ପାଣିପାଗ ବିଭାଗ ପକ୍ଷରୁ ଉତ୍ତର ପୂର୍ବ ରାଜ୍ୟ ଆସାମ, ମେଘାଳୟ, ମଣିପୁର ସମେତ ଅନ୍ୟ ରାଜ୍ୟରେ ୨୫ ରୁ ୩୧ ମଇ ମଧ୍ୟରେ ପ୍ରବଳବର୍ଷା ସମ୍ଭାବନା ରହିଛି ।

## ଗାଜା ଉପରେ ପୁଣି ଆକ୍ରମଣ, ୧୪ ମୃତ

ନୂଆଦିଲ୍ଲୀ : ଇସ୍ରାଏଲ ସେନା ରବିବାର ଅର୍ଥାତ୍ ଗତକାଲି ଗାଜା ଉପରେ ଆଉ ଏକ ବଡ଼ ବିମାନ ଆକ୍ରମଣ କରିଛି । ଏହି ଆକ୍ରମଣରେ ୨ ଶିଶୁଙ୍କ ସମେତ ୧୪ ଜଣଙ୍କର ମୃତ୍ୟୁ ହୋଇଛି । ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ କହିଛନ୍ତି ଯେ ସାରା ରାତି ଗାଜା ଷ୍ଟ୍ରିପରେ ଇସ୍ରାଏଲ ଆକ୍ରମଣ ଜାରି ରହିଥିଲା । ତମ୍ବୁ ଭିତରେ ଥିବା ଜଣେ ମା ଏବଂ ତାଙ୍କର ଦୁଇ ପିଲାଙ୍କ ସମେତ ଅତି କମରେ ୧୪ ଜଣ ପାଲେଷ୍ଟାଇନୀଙ୍କ ମୃତ୍ୟୁ ହୋଇଥିଲା । ହମାସ ଅଭିଯୋଗ କରିବା ପରେ ଇସ୍ରାଏଲ ଯୁଦ୍ଧ ବିରାମ ଉଲ୍ଲଂଘନ କରୁଛି ବୋଲି ଇସ୍ରାଏଲ ଅଭିଯୋଗ କରିଥିଲା । ସେବେଠାରୁ ଗାଜା ଉପରେ ନିରନ୍ତର ଆକ୍ରମଣ ଜାରି ରହିଛି । ଇସ୍ରାଏଲ ୭ ଅକ୍ଟୋବର, ୨୦୨୩ ସୁଦ୍ଧା ଆକ୍ରମଣରୁ ବନ୍ଧକ ରଖାଯାଇଥିବା ଏହାର ୫୮ ଜଣଙ୍କୁ ଫେରାଇ ଆଣିବାକୁ ପ୍ରତିଶ୍ରୁତି ଦେଇଛି । ଗତ ସପ୍ତାହରେ, ଇସ୍ରାଏଲ ଗାଜାକୁ ଖାଦ୍ୟ, ରାସନ ଏବଂ ଅନ୍ୟାନ୍ୟ ଚିକିତ୍ସା ସହାୟତା ଯୋଗାଣକୁ ମଧ୍ୟ ବନ୍ଦ କରିଦେଇଥିଲା । ଇସ୍ରାଏଲ କହିଛି ଯେ ଏହା ଗାଜା ଉପରେ ପୂର୍ଣ୍ଣ ନିୟନ୍ତ୍ରଣ ଫେରି ପାଇବା ଏବଂ ଏହାର ୨ ମିଲିୟନ୍ ପାଲେଷ୍ଟାଇନୀ ଜନସଂଖ୍ୟାର ଅଧିକାଂଶଙ୍କ ସ୍ୱେଚ୍ଛାକୃତ ପ୍ରବାସକୁ ସହଜ କରିବାକୁ ଯୋଜନା କରୁଛି । ଆପଣଙ୍କୁ କହିରଖୁଛୁ ଯେ ଏହା ଏକ ଯୋଜନା ଯାହାକୁ ପାଲେଷ୍ଟାଇନୀ ଏବଂ ଅଧିକାଂଶ ଅନ୍ତର୍ଜାତୀୟ ସମ୍ପ୍ରଦାୟ ପ୍ରତ୍ୟାଖ୍ୟାନ କରିଛନ୍ତି । ଏଥି ସହ ବିଶେଷଜ୍ଞମାନେ ମଧ୍ୟ କହିଛନ୍ତି ଯେ ଏହା ଅନ୍ତର୍ଜାତୀୟ ଆଇନର ଉଲ୍ଲଂଘନ । ଏକ ହସ୍ପିଟାଲ ଅନୁଯାୟୀ, ଗାଜାର କେନ୍ଦ୍ରୀୟ ସହର ଦେଇର ଅଲ-ବାଲାହରେ ବିସ୍ଥାପିତ ଲୋକଙ୍କ ପାଇଁ ଏକ ତମ୍ବୁ ଉପରେ ଆକ୍ରମଣ ହୋଇଥିଲା । ଯେଉଁଥିରେ ମା', ତାଙ୍କ ଦୁଇ ପିଲା ଏବଂ ଅନ୍ୟ ଜଣେ ସମ୍ପର୍କୀୟଙ୍କର ମୃତ୍ୟୁ ହୋଇଥିଲା । ଗାଜା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁଯାୟୀ, ଉତ୍ତର ଗାଜାର ଜାବାଲିଆ ଅଞ୍ଚଳରେ ହୋଇଥିବା ଆକ୍ରମଣରେ ଦୁଇଜଣ ମହିଳା ଏବଂ ଜଣେ ଶିଶୁ ସମେତ ଅତି କମରେ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଛି । ସ୍ଥାନୀୟ ହସ୍ପିଟାଲ ଅନୁଯାୟୀ, ଅନ୍ୟ ଆକ୍ରମଣରେ ଆଉ ପାଞ୍ଚ ଜଣ ଲୋକଙ୍କର ମୃତ୍ୟୁ ହୋଇଛି । ଇସ୍ରାଏଲ କହିଛି ଯେ ଏହା ସାଧାରଣ ନାଗରିକଙ୍କୁ କ୍ଷତି ପହଞ୍ଚାଇବାରୁ ରକ୍ଷା କରିବାକୁ ଚେଷ୍ଟା କରେ ଏବଂ ସେମାନଙ୍କ ମୃତ୍ୟୁ ପାଇଁ ହମାସକୁ ଦାୟୀ କରେ । କାରଣ ଏହା ଜନବହୁଳ ଅଞ୍ଚଳରେ କାର୍ଯ୍ୟ କରେ ।

# ଯିଏ ମା'-ଭଉଣୀଙ୍କ ସିନ୍ଦୂର ପୋଛିବ, ତାହାର ବିନାଶ ନିଶ୍ଚିତ



ଗାନ୍ଧୀନଗର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଗୁଜରାଟର ଦାହୋଦରେ ଅନେକ ପ୍ରକଳ୍ପର ଉଦଘାଟନ କରିଛନ୍ତି। ଏହି ଅବସରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରି ସେ କହିଛନ୍ତି, ଆଜି ଦେଶ ହତାଶାରୁ ବାହାରି ଆସିଛି ଏବଂ ଆତ୍ମବିଶ୍ୱାସର ଆଲୋକରେ ତ୍ରିରଙ୍ଗା ଉତୋଳନ କରୁଛି। ଏହା ସହିତ, ସେ ଆତଙ୍କବାଦୀମାନଙ୍କୁ ଚେତାବନୀ ଦେଇ କହିଛନ୍ତି,ଯିଏ ଆମର ମା' ଏବଂ ଭଉଣୀଙ୍କ ସିନ୍ଦୂର ପୋଛିବାକୁ ଚେଷ୍ଟା କରିବ, ସେ ନିଶ୍ଚିତ ଭାବରେ ବିନାଶ ହେବ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଜମ୍ମୁ ଓ କଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ କ'ଣ କଲେ ତାହା ଚିନ୍ତା କରନ୍ତୁ। ଭାରତ କ'ଣ ଚୁପ ରହିପାରିବ ? କ'ଣ ମୋଦି କ'ଣ ଚୁପ ରହିପାରିବେ ? ଯଦି କେହି ଆମ ଭଉଣୀମାନଙ୍କର ସିନ୍ଦୂର ପୋଛିବାକୁ ଚେଷ୍ଟା କରନ୍ତି, ତେବେ ତାଙ୍କର ନିଜର ପୋଛି ନେବା ନିଶ୍ଚିତ। ତେଣୁ, ଅପରେଶନ ସିନ୍ଦୁର କେବଳ ଏକ ସାମରିକ କାର୍ଯ୍ୟାନୁଷ୍ଠାନ ନୁହେଁ। ଏହା ଆମର ଭାରତୀୟ ମୂଲ୍ୟବୋଧ ଏବଂ ଆମର ଭାବନାର ପ୍ରକାଶ। ଆତଙ୍କବାଦୀମାନେ ୧୪୦ କୋଟି ଭାରତୀୟଙ୍କୁ ଚ୍ୟାଲେଞ୍ଜ କରିଥିଲେ। ଆମେ ଜବାବ ଦେଇ ରହିଲୁ। ସେ ଆହୁରି କହିଛନ୍ତି, ଯେଉଁମାନେ ଆତଙ୍କବାଦ ବିସ୍ତାର କରୁଥିଲେ ସେମାନେ ସ୍ୱପ୍ନରେ ମଧ୍ୟ କଳ୍ପନା କରି ନ ଥିଲେ ଯେ ମୋଦିଙ୍କ ସହିତ ଲଢ଼ିବା ଏତେ କଷ୍ଟକର ହୋଇପାରେ। ସେମାନେ ୨୨ ତାରିଖରେ ଯେଉଁ ଖେଳ ଖେଳିଥିଲେ ତାହାକୁ ଆମେ ବିଫଳ କରିଦେଲୁ। ଆମର ସେନା ପାକିସ୍ତାନୀ ସେନାକୁ ପରାସ୍ତ କଲା। ଆମେ ଦେଶର ସେନାର ସାହସକୁ ସଲାମ କରୁଛୁ। ସେହି ଦେଶର ଏକମାତ୍ର କାମ ହେଉଛି ଭାରତ ପ୍ରତି ଶତ୍ରୁତା। ସେ କହିଛନ୍ତି, ଦେଶର ପ୍ରଗତି ପାଇଁ ଯାହା ଆବଶ୍ୟକ, ଆମେ ତାହାକୁ ଭାରତରେ ହିଁ ତିଆରି କରିବା ଉଚିତ, ଏହା ସମୟର ଆବଶ୍ୟକତା। ଆଜି ଆମେ ଖେଳଣାଠାରୁ ଆରମ୍ଭ କରି ସାମରିକ ଅସ୍ତ୍ରଶସ୍ତ୍ର ପର୍ଯ୍ୟନ୍ତ ସବୁକିଛି ବିଶ୍ୱର ବିଭିନ୍ନ ଦେଶକୁ ରପ୍ତାନି କରୁଛୁ। ଆଜି ଭାରତ ରେଳ, ମେଟ୍ରୋ ଏବଂ ଏଥିପାଇଁ ଆବଶ୍ୟକ ପ୍ରଯୁକ୍ତିବିଦ୍ୟା ତିଆରି କରେ ଏବଂ ବିଶ୍ୱକୁ ମଧ୍ୟ ରପ୍ତାନି କରେ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଆଜି ମେ ୨୬ ତାରିଖ। ୨୦୧୪ ମସିହାର ଏହି ଦିନରେ ମୁଁ ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେଇଥିଲି। ଆପଣମାନେ ସମସ୍ତେ ଗୁଜରାଟବାସୀ ମୋତେ ପ୍ରଚୁର ଆଶୀର୍ବାଦ ଦେଇଛନ୍ତି।

## ଜ୍ୟୋତିଙ୍କୁ ୬ଜଣ ବନ୍ଧୁକଧାରୀ ତାଙ୍କୁ ଦେଉଥିଲେ ସିକ୍ୟୁରିଟି



ନୂଆଦିଲ୍ଲୀ : ଆଜି ସରୁଛି ଗୁପ୍ତଚର ବୃତ୍ତିରେ ଗିରଫ ଜ୍ୟୋତି ମାଲହୋତ୍ରାଙ୍କ ଦ୍ୱିତୀୟ ପର୍ଯ୍ୟାୟ ରିମାଣ୍ଡ ଅବଧି । ତେବେ ଏହା ମଧ୍ୟରେ ସାମନାକୁ ଆସୁଛି ଜ୍ୟୋତିଙ୍କୁ ନେଇ ବଡ଼ ଖୁଲାସା । ପାକିସ୍ତାନ ଗସ୍ତବେଳେ ଜ୍ୟୋତିଙ୍କୁ ମିଳୁଥିଲା ହାଇ ସିକ୍ୟୁରିଟି । ଏକେ ୪୭ ଧରିଥିବା ୬ଜଣ ବନ୍ଧୁକଧାରୀ ତାଙ୍କୁ ସିକ୍ୟୁରିଟି ଦେଉଥିଲେ। ଏଭଳି ଚାଞ୍ଚଲ୍ୟକର ଖୁଲାସା କରିଛନ୍ତି ସ୍କଟଲାଣ୍ଡର ଜଣେ ୟୁଟ୍ୟୁବର। ସ୍କଟଲାଣ୍ଡର ୟୁଟ୍ୟୁବର କାଲମ ମିଲ ମାର୍ଚ୍ଚ ମାସରେ ପାକିସ୍ତାନ ଗସ୍ତ କରିଥିଲେ। ଲାହୋରର ଅନାରକଲି ବଜାରରେ ବୁଲି ଭିଡିଓ ସୁଟ କରିଥିଲେ। ସେଠାରେ ବହୁ ବନ୍ଧୁକଧାରୀ ଜାକେଟ ପିନ୍ଧିଥିବା ବେଳେ ସେଥିରେ ନୋ ଫିୟର ଲେଖାଥିଲା । ଭିଡିଓରେ ଜ୍ୟୋତି ମାଲହୋତ୍ରାଙ୍କୁ ଦେଖିବା ପରେ କାଲମ ମିଲ ତାଙ୍କ ନିକଟକୁ ଯାଇ ନିଜର ପରିଚୟ ଦେଇଥିଲେ। ଜ୍ୟୋତି ତାଙ୍କୁ ପ୍ରଥମ ପାକିସ୍ତାନ ଗସ୍ତ ବୋଲି ପଚାରିଥିଲେ। ଉତ୍ତରରେ ଏହା ତାଙ୍କର ପଞ୍ଚମ ପାକିସ୍ତାନ ଗସ୍ତ ବୋଲି କହିଥିଲେ କାଲମ ମିଲ। ପାକିସ୍ତାନର ଆତିଥେୟତା ନେଇ ସ୍କଟଲାଣ୍ଡ ୟୁଟ୍ୟୁବରଙ୍କ ପ୍ରଶ୍ନରେ ଚମତ୍କାର ବୋଲି କହିଥିଲେ ଜ୍ୟୋତି। ତେବେ ଏହି ସମୟରେ ଜ୍ୟୋତିଙ୍କ ଚାରିପାଖରେ ୬ଜଣ ବନ୍ଧୁକ ଧାରୀ ତାଙ୍କୁ ସୁରକ୍ଷା ପ୍ରଦାନ କରୁଥିବା ଦେଖିଥିଲେ କାଲମ । ଏହା ତାଙ୍କୁ ଚକିତ କରିଥିଲା ବୋଲି କହିଛନ୍ତି ସ୍କଟଲାଣ୍ଡ ୟୁଟ୍ୟୁବର। ଜଣେ ୟୁଟ୍ୟୁବରଙ୍କୁ ବନ୍ଧୁକଧାରୀଙ୍କ ସୁରକ୍ଷା କଣ ପାଇଁ ବୋଲି ପ୍ରଶ୍ନ କରିଛନ୍ତି। ସେମାନେ ସାଧା ପୋଷାକରେ ସୁରକ୍ଷାକର୍ମୀ ହୋଇଥାଇପାରନ୍ତି ବୋଲି ସେ କହିଛନ୍ତି। ସେପଟେ ଜ୍ୟୋତିଙ୍କ ସମର୍ଥନରେ ବାହାରିଛନ୍ତି ପାକିସ୍ତାନର ଜଣେ ସମ୍ବାଦିକା । ଜ୍ୟୋତିଙ୍କୁ ନୀରିହ ବୋଲି କହିଛନ୍ତି ହୀରା ବତୁଲ ।

## ମହିଳାଙ୍କୁ ଗଣବଳାତ୍କାର ପରେ ବୀଭତ୍ସ ହତ୍ୟା

ଭୋପାଳ : ଦିଲ୍ଲୀର ବୀଭତ୍ସ ନିର୍ଭୟା ମାମଲାର ପୁନରାବୃତ୍ତି ମଧ୍ୟପ୍ରଦେଶର ଖଣ୍ଡଓ୍ୱା ଜିଲାରେ ଦେଖିବାକୁ ମିଳିଛି। ରୋଶନି ଚୌକି ଅଞ୍ଚଳରେ ଜଣେ ୪୫ ବର୍ଷୀୟା ଆଦିବାସୀ ମହିଳାଙ୍କୁ ଗଣବଳାତ୍କାର ପରେ ବଳାତ୍କାରୀମାନେ ତାଙ୍କ ଯୌନାଙ୍ଗରେ ଲୁହାରଡ୍ ? ପୂରାଇ ଗର୍ଭାଶୟକୁ ବାହାର କରିଦେଇଥିଲେ। ଶୁକ୍ରବାର ବିଳମ୍ବିତ ରାତିରେ ଏହି ଗଣବଳାତ୍କାର ଘଟିଥିବାବେଳେ ଶନିବାର ଦ୍ୱିପ୍ରହରରେ ଅତ୍ୟଧିକ ରକ୍ତସ୍ରାବ ଯୋଗୁ ମହିଳାଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ପୋଲିସ ୨ ଅଭିଯୁକ୍ତ ହରି ପଲ୍ ?ଭି ଏବଂ ସୁନୀଲ ଧୁର୍ବେଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଅଭିଯୁକ୍ତମାନେ ମହିଳାଙ୍କ ପଡ଼ୋଶୀ ବୋଲି ଜଣାପଡ଼ିଛି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଖଣ୍ଡଓ୍ୱା ଜିଲା ହସ୍ପିଟାଲକୁ ପଠାଯାଇଛି। ରିପୋର୍ଟ ଆସିବା ପରେ ଅଧିକ ତଥ୍ୟ ଜଣାପଡ଼ିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ଏହି ବର୍ବର ଅତ୍ୟାଚାର ଆଦିମ ଯୁଗର ଜଙ୍ଗଲ ରାଜ୍ ?କୁ ଟପିଯାଇଥିବା ରାଜ୍ୟ କଂଗ୍ରେସ ସଭାପତି ଜିତୁ ପଟଓ୍ୱାରୀ କହିଛନ୍ତି। ଆଇନ ପ୍ରତି ଲୋକଙ୍କ ମନରେ ଭୟ ତୁଟିଗଲେ ଏଭଳି ଚରମ ଦୁଃସାହସ ଦେଖାଇଥାନ୍ତି। ମହିଳାଙ୍କ ପ୍ରତି ଅତ୍ୟାଚାର ଏଭଳି ସ୍ତରରେ ପହଞ୍ଚିଲେ ମଧ୍ୟ ସରକାର ନୀରବଦ୍ରଷ୍ଟା ସାଜିଛନ୍ତି ବୋଲି ପଟଓ୍ୱାରୀ ଏକ୍ସ'ରେ ଲେଖିଛନ୍ତି। ସୂଚନାନୁଯାୟୀ, ମହିଳାଙ୍କର ୨୦ ଏବଂ ୨୨ ବର୍ଷ ବୟସର ୨ ପୁଅ ଅଛନ୍ତି। ଗାଁର ଏକ ବିବାହ ଉତ୍ସବରେ ଯୋଗଦେବା ଲାଗି ମହିଳା ଜଣଙ୍କ ଶୁକ୍ରବାର ସନ୍ଧ୍ୟାରେ ପଡ଼ୋଶୀ ହରିଙ୍କ ସହ ଘରୁ ବାହାରିଯାଇଥିଲେ। ବାହାଘର ଉତ୍ସବ ପରେ ବିଳମ୍ବିତ ରାତିରେ ହରି ମହିଳାଙ୍କୁ ନେଇ ନିଜ ଘରକୁ ଯାଇଥିଲେ। ସେଠାରେ ସୁନୀଲ ପହଞ୍ଚିବା ପରେ ତିନିହେଁ ମଦ ପିଇଥିଲେ। ପରେ ଅଭିଯୁକ୍ତ ଦ୍ୱୟ ମହିଳାଙ୍କୁ ବଳାତ୍କାର କରିବା ସହ ନିର୍ଯାତନା ଦେଇ ତାଙ୍କ ଗୁପ୍ତାଙ୍ଗକୁ ନଷ୍ଟ କରିଦେଇଥିଲେ। ଶନିବାର ସକାଳେ ୨ ପୁଅ ମହିଳାଙ୍କୁ ପଡ଼ୋଶୀଙ୍କ ଘର ନିକଟରେ ସଂଜ୍ଞାହୀନ ଅବସ୍ଥାରେ ପଡ଼ିଥିବା ଦେଖି ନିଜ ଘରକୁ ଆଣିଥିଲେ। ତେବେ ସେମାନେ କିମ୍ବା ଗ୍ରାମବାସୀ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇ ନ ଥିଲେ। ଅପରାହ୍ନ ୨ଟା ସୁଦ୍ଧା ମହିଳାଙ୍କ ମୃତ୍ୟୁ ଘଟିବାରୁ ପୋଲିସକୁ ଖବର କରାଯାଇଥିଲା। ସକାଳେ ଖବର ପାଇଥିଲେ ଡାକ୍ତରୀ ଚିକିତ୍ସାକ୍ରମେ ମହିଳାଙ୍କ ଜୀବନ ବଞ୍ଚାଯାଇପାରିଥାନ୍ତା ବୋଲି ପୋଲିସ କହିଛି।

# ପାକିସ୍ତାନର ବଡ଼ ଆକ୍ରମଣ ସମ୍ପର୍କରେ ଚେତାବନୀ ଦେଇଥିଲା ଆମେରିକା

ନୂଆଦିଲ୍ଲୀ : ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ସୋମବାର ସଂସଦୀୟ ପରାମର୍ଶଦାତା କମିଟିର ସଦସ୍ୟମାନଙ୍କୁ ପାକିସ୍ତାନ ସହ ସମ୍ପ୍ରତି ଉତ୍ତେଜନା ସମୟରେ ସରକାରଙ୍କ କୂଟନୀତିକ ଓ ସାମରିକ ଅବସ୍ଥା ବିଷୟରେ ସୂଚନା ଦେଇଛନ୍ତି। ସୂତ୍ର ଅନୁଯାୟୀ, ଜୟଶଙ୍କର କମିଟିକୁ କହିଛନ୍ତି ଯେ ଉତ୍ତେଜନା ନେଇ ଚିନ୍ତିତ ବିଦେଶୀ ସରକାରମାନଙ୍କୁ ନୂଆଦିଲ୍ଲୀର ସ୍ଥିର ବାର୍ତ୍ତା ଥିଲା: "ସେମାନେ ଗୁଳି ଚଳାନ୍ତୁ, ଆମେ ଗୁଳି ଚଳାଇବୁ। ସେମାନେ ବନ୍ଦ କରନ୍ତୁ, ଆମେ ବନ୍ଦ କରିବୁ।" ଚଳିତ ମାସ ଆରମ୍ଭରେ ବଢୁଥିବା ଆନ୍ତର୍ଜାତୀୟ ଚିନ୍ତା ମଧ୍ୟରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଗୋଇନ୍ଦା ସୂଚନା ଦେଇ କହିଥିଲେ ଯେ ପାକିସ୍ତାନ ଭାରତରେ ଏକ ବଡ଼ ଆକ୍ରମଣ କରିପାରେ। "ଆମେ ଦୃଢ଼ତାର ସହ ଉତ୍ତର ଦେଇଥିଲୁ। ଯଦି ପାକିସ୍ତାନ ଏକ ବଡ଼ ଆକ୍ରମଣ କରିବାକୁ ଚେଷ୍ଟା କରେ, ତାହେଲେ ସେ ସମାନ ଶକ୍ତିଶାଳୀ ପ୍ରତିଆକ୍ରମଣର ସାମ୍ନା କରିବାକୁ ପ୍ରସ୍ତୁତ ରହିବା ଉଚିତ," ଜୟଶଙ୍କର ସଂସଦୀୟ ପ୍ୟାନେଲକୁ କହିଥିବା ସୂତ୍ର ଜଣାଇଛି। ଯୁଦ୍ଧବିରତି ଘୋଷଣା ସମ୍ପର୍କରେ ଜୟଶଙ୍କର ସ୍ପଷ୍ଟ କରିଛନ୍ତି ଯେ ଏହା ଉଭୟ ପକ୍ଷ ମଧ୍ୟରେ ସାମରିକ ସ୍ତରରେ ଆଲୋଚନାର ପ୍ରତ୍ୟକ୍ଷ ଫଳାଫଳ ଥିଲା, କୌଣସି ବିଦେଶୀ ମଧ୍ୟସ୍ଥତା ନୁହେ। "ଯୁଦ୍ଧବିରତି ପାକିସ୍ତାନୀ ଡାଇରେକ୍ଟର ଜେନେରାଲ ଅଫ୍ ? ମିଲିଟାରୀ ଅପରେସନ୍ସ (ଡିଜିଏମଓ) ସ୍ତରରେ ଆଲୋଚନାର ଫଳାଫଳ ଥିଲା," ସେ କହିଛନ୍ତି, ଏବଂ ଯୋଡ଼ିଛନ୍ତି ଯେ ପାକିସ୍ତାନୀ ଡିଜିଏମଓ ଭାରତୀୟ ସଶସ୍ତ୍ର ବାହିନୀ ସହ ଯୋଗାଯୋଗ ଆରମ୍ଭ କରିଥିଲେ। ଜୟଶଙ୍କରଙ୍କ ଏହି ମନ୍ତବ୍ୟ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ଖଣ୍ଡନ କରିଛି, ଯିଏ କହିଥିଲେ ଯେ ଉତ୍ତେଜନା ହ୍ରାସ ଆମେରିକା ଦ୍ୱାରା ମଧ୍ୟସ୍ଥତା କରାଯାଇଥିଲା। ଆଜିର ବ୍ରିଫିଂରେ ଜୟଶଙ୍କର ମଧ୍ୟ ଉତ୍ତେଜନା ସମୟରେ ଉଭା ହୋଇଥିବା ଭୂ-ରାଜନୈତିକ ଗଠନକୁ ସମ୍ବୋଧିତ କରିଛନ୍ତି। "କେବଳ ତୁର୍କୀ ଓ ଆଜେରବୈଜାନ ପାକିସ୍ତାନ ସହ ଖୋଲାଖୋଲି ଠିଆ ହୋଇଥିଲେ," ସେ କମିଟିକୁ କହିଛନ୍ତି, ଏବଂ ଯୋଡ଼ିଛନ୍ତି ଯେ "ଅନେକ ଦେଶ ହୟ ଖୋଲାଖୋଲି ଭାରତକୁ ସମର୍ଥନ କରିଥିଲେ ଅଥବା ଅତି କମରେ ସୀମାପାର ଆତଙ୍କବାଦ ପ୍ରସଙ୍ଗରେ ଆମକୁ ସମର୍ଥନ କରିଥିଲେ।" ଚାଇନାର ଅବସ୍ଥାନ ସମ୍ପର୍କରେ ସୂତ୍ର ଉଦ୍ଧୃତ କରି ଜୟଶଙ୍କର କହିଛନ୍ତି ଯେ ଯଦିଓ ବେଜିଂ ପାରମ୍ପରିକ ଭାବେ ଇସଲାମାବାଦ ସହ ନିବିଡ଼ ସମ୍ପର୍କ ରଖିଆସୁଛି, ଏଥର ଏହା ପାକିସ୍ତାନକୁ ସ୍ପଷ୍ଟ ସମର୍ଥନ ଦେଇନଥିଲା। ଚଳିତ ମାସ ଆରମ୍ଭରେ ସରକାରୀ ସୂତ୍ର ପ୍ରକାଶ କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମେରିକାର ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ଏକ ଫୋନ୍ ? କଲ୍ ?ରେ ଦୃଢ଼ ବାର୍ତ୍ତା ଦେଇଥିଲେ। "ଯଦି ସେମାନେ ଆକ୍ରମଣ କରନ୍ତି, ଆମେ ଅଧିକ ଜୋରରେ ଆକ୍ରମଣ କରିବୁ," ପ୍ରଧାନମନ୍ତ୍ରୀ ମୋଦି ଭାନ୍ସଙ୍କୁ କହିଥିବା ଜଣାପଡିଛି। ଭାରତ ମଧ୍ୟ ସ୍ପଷ୍ଟ କରିଥିଲା ଯେ ପାକିସ୍ତାନ ସହ ଯେକୌଣସି ଆଲୋଚନା କେବଳ ପାକିସ୍ତାନ-ଅଧିକୃତ କାଶ୍ମୀର (ପିଓକେ)ର ଫେରସ୍ତ, ଆତଙ୍କବାଦୀ ଭିତ୍ତିଭୂମି ନିଷ୍କାସନ, ଓ ଆତଙ୍କବାଦୀଙ୍କୁ ହସ୍ତାନ୍ତର ସମ୍ପର୍କରେ ସୀମିତ ରହିବ।

# ଦେଶରେ ବଢୁଛି କୋଭିଡ-୧୯ ମାମଲା, ହଜାର ଟପିଲା ଆକ୍ରାନ୍ତଙ୍କ ସଂଖ୍ୟା



ନୂଆଦିଲ୍ଲୀ :ପୁଣି ଦେଶରେ କରୋନା ମାମଲାରେ ବଢିବାରେ ଲାଗିଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ରିପୋର୍ଟ ମୁତାବକ, କରୋନା ସଂକ୍ରମିତ ମାମଲା ୧୦୦୯ରେ ପହଞ୍ଚିଛି । ଗତ ସପ୍ତାହରେ ଦେଶରେ ୭୫୦ଟି ନୂତନ ସଂକ୍ରମଣ ଚିହ୍ନଟ ହୋଇଛି, ଯେଉଁଥିରେ କେରଳରେ ୪୦୦ ଏବଂ ଦିଲ୍ଲୀରେ ୧୦୦ରୁ ଅଧିକ ମାମଲା ରିପୋର୍ଟ ହୋଇଛି । କେରଳ, ତାମିଲନାଡୁ, ଦିଲ୍ଲୀ, ତେଲଙ୍ଗାନା, ମହାରାଷ୍ଟ୍ରରେ ମାମଲା ବଢିବାରେ ଲାଗିଛି । ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସଦ୍ୟତମ ରିପୋର୍ଟ ଅନୁଯାୟୀ, କେରଳରେ ସଂକ୍ରମଣ ସଂଖ୍ୟା ସର୍ବାଧିକ ରହିଛି, ଯେଉଁଠାରେ ୪୦୦ ନୂତନ ମାମଲା ସହିତ ରାଜ୍ୟରେ ସକ୍ରିୟ ମାମଲାର ସଂଖ୍ୟା ୨୭୩କୁ ପହଞ୍ଚିଛି । ଦିଲ୍ଲୀରେ ୧୦୦ରୁ ଅଧିକ ମାମଲା ରିପୋର୍ଟ ହୋଇଥିବା ବେଳେ ସକ୍ରିୟ ମାମଲାର ସଂଖ୍ୟା ୨୩ ରହିଛି । ଏହା ବ୍ୟତୀତ ମହାରାଷ୍ଟ୍ର (୫୬), ତାମିଲନାଡୁ (୬୬) ଏବଂ କର୍ଣ୍ଣାଟକ (୩୬), ପଶ୍ଚିମବଙ୍ଗ (୧୨),ରାଜସ୍ଥାନ (୧୩), ପଡୁଚେରୀ(୯), ଆନ୍ଧ୍ରପ୍ରଦେଶ (୪), ମଧ୍ୟପ୍ରଦେଶ(୨) ସହିତ ଅନ୍ୟ ରାଜ୍ୟରେ ମଧ୍ୟ ନୂତନ ମାମଲା ବୃଦ୍ଧି ଦେଖାଦେଇଛି । ଏହି ସଂକ୍ରମଣରେ ଜେଏନ.୧ ଓମିକ୍ରନର ଏକ ଉପ-ଭାରିଆଣ୍ଟ ମୁଖ୍ୟ ଭୂମିକା ଗ୍ରହଣ କରୁଥିବା ବୋଲି ବିଶେଷଜ୍ଞମାନେ କହିଛନ୍ତି । ତେବେ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ) ଏହି ଭାରିଆଣ୍ଟକୁ ଏପର୍ଯ୍ୟନ୍ତ 'ଚିନ୍ତାଜନକ ଭାରିଆଣ୍ଟ ଭାବେ ବୋଲି କୁହାଯାଇନାହିଁ । ଏହାର ଲକ୍ଷଣ ସାଧାରଣତଃ ହାଲୁକା ରହିଛି, ଯେପରିକି ଜ୍ୱର, ନାକ ବହିବା, ଗଳା ଯନ୍ତ୍ରଣା, ମୁଣ୍ଡବିନ୍ଧା, ଥକ୍କା ଏବଂ ଅବସାଦ। ଅଧିକାଂଶ ସଂକ୍ରମିତ ବ୍ୟକ୍ତି ଚାରି ଦିନ ମଧ୍ୟରେ ସୁସ୍ଥ ହୋଇଉଠୁଛନ୍ତି। ଦିଲ୍ଲୀ ସରକାର ଏହି ବୃଦ୍ଧିକୁ ଦୃଷ୍ଟିରେ ରଖି ହସ୍ପିଟାଲଗୁଡ଼ିକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଲୋକମାନଙ୍କୁ ଜ୍ୱର ବା ଶ୍ୱାସକଷ୍ଟ ଭଳି ଲକ୍ଷଣ ଥିଲେ ମାସ୍କ ପିନ୍ଧିବାକୁ ଏବଂ ଜନଗହଳି ସ୍ଥାନକୁ ନଯିବାକୁ ପରାମର୍ଶ ଦେଇଛନ୍ତି ସ୍ୱାସ୍ଥ୍ୟ ମନ୍ତ୍ରୀ ସୌରଭ ଭାରଦ୍ୱାଜ ।

# ପାଣିରେ ପଡିଲା ଡିସିର ୧୦ କୋଟି ଟଙ୍କା



ନୂଆଦିଲ୍ଲୀ, ୨୬।୫(ଏଜେନ୍ସି): ଅକ୍ଷର ପଟେଲଙ୍କ ଅଧିନାୟକତ୍ୱରେ, ଦିଲ୍ଲୀ କ୍ୟାପିଟାଲ୍ସ ସିଜିନ ୧୮ରେ ଏକ ଭଲ ଆରମ୍ଭ କରିଥିଲା। ଦଳ ପ୍ରଥମ ଚାରୋଟି ମ୍ୟାଚ୍ ଲଗାତାର ଜିତିଥିଲା, ଯାହା ପରେ ଲାଗୁଥିଲା ଯେ ଦିଲ୍ଲୀ ପ୍ଲେଅଫରେ ସ୍ଥାନ ପାଇବାରେ ପ୍ରଥମ ଦଳ ହୋଇପାରିବ। କିନ୍ତୁ ଏହା ପରେ ଦଳ ପଏଣ୍ଟ ଟେବୁଲରେ ଉପରରୁ ତଳକୁ ଖସି ଚାଲିଥିଲା, ତାପରେ ଆଇପିଏଲ ସ୍ଥଗିତ ହେବା ପରେ, ମିଚେଲ ଷ୍ଟାର୍କଙ୍କ ସ୍ୱଦେଶ ଫେରିବା ଦିଲ୍ଲୀ ପାଇଁ ଏକ ବଡ଼ ଝଟକା ସାଜିଥିଲା ତେବେ ଶନିବାର ଦିଲ୍ଲୀ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ସିଜିନର ଶେଷ ମ୍ୟାଚ୍ ୬ ୱିକେଟରେ ଜିତିଛି।

ଦିଲ୍ଲୀ କ୍ୟାପିଟାଲ୍ସ ଆଇପିଏଲ ୨୦୨୫ ପାଇଁ ଦ୍ରୁତ ବୋଲର ଟି ନଟରାଜନଙ୍କୁ ୧୦ କୋଟି ୭୫ ଲକ୍ଷ ଟଙ୍କାରେ କିଣିଥିଲା, ଦଳ ନିଶ୍ଚିତ ଭାବରେ ଏତେ ବିପୁଳ ପରିମାଣରେ ଖର୍ଚ୍ଚ କରିଥିଲା। କାରଣ ସେମାନେ ନଟରାଜନଙ୍କୁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ବୋଲର ବୋଲି ଆଶା କରୁଥିଲେ। ଜଣେ ବୋଲର ଟି-୨୦ରେ ସର୍ବାଧିକ ୪ ଓଭର ବୋଲିଂ କରିପାରିବେ। କିନ୍ତୁ ଦିଲ୍ଲୀ ଯେଉଁ ବୋଲରଙ୍କୁ ଏତେ ବିପୁଳ ପରିମାଣରେ କିଣିଥିଲା। ସେ ସମଗ୍ର ସିଜିନରେ ୪ ଓଭର ମଧ୍ୟ ବୋଲିଂ କରି ନଥିଲେ।

ଦିଲ୍ଲୀ କ୍ୟାପିଟାଲ୍ସ ଟି-୨୦ ନଟରାଜନଙ୍କ ସହିତ ମିଚେଲ ଷ୍ଟାର୍କଙ୍କୁ ମଧ୍ୟ କିଣିଥିଲା, ପ୍ରଶଂସକମାନେ ଭାବିଥିଲେ ଯେ ସେମାନେ ଦୁହେଁ ଦଳର ମୁଖ୍ୟ ଦ୍ରୁତ ବୋଲର ହେବେ ଷ୍ଟାର୍କ ମଧ୍ୟ ଚମତ୍କାର ବୋଲିଂ କରିଥିଲେ, କିନ୍ତୁ ଆଇପିଏଲ ସ୍ଥଗିତ ରହିବା ଯୋଗୁଁ ତାଙ୍କୁ ଘରକୁ ଫେରିବାକୁ ପଡିଲା ଏବଂ ସେ ଆଉ ଫେରି ନଥିଲେ ନଟରାଜନଙ୍କ ବିଷୟରେ କହିବାକୁ ଗଲେ, ସେ ସମଗ୍ର ସିଜିନରେ କେବଳ ୩ ଓଭର ବୋଲିଂ କରିଥିଲେ ସେ କେବଳ ୨ଟି ମ୍ୟାଚ୍ ଖେଳିଥିଲେ ଏବଂ ୩ ଓଭର ବୋଲିଂ କରିଥିଲେ।

୧୮ ମଇରେ ଖେଳାଯାଇଥିବା ମ୍ୟାଚ୍‌ରେ ଟି ନଟରାଜନ୍ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ୩ ଓଭର ବୋଲିଂ କରିଥିଲେ, ଯେଉଁଥିରେ ସେ ୧୬ ରୁ ଅଧିକ ଇକୋନୋମିରେ ୪୯ ରନ୍ ଦେଇଥିଲେ। ସେ ବହୁତ ମହଙ୍ଗା ପ୍ରମାଣିତ ହୋଇଥିଲେ, ଦିଲ୍ଲୀ କ୍ୟାପିଟାଲ୍ସ ଏହି ମ୍ୟାଚ୍‌କୁ ୧୦ ୱିକେଟ୍‌ରେ ହାରିଥିଲା। ସାଇ ସୁଦର୍ଶନ ଅପରାଜିତ ୧୦୮ ରନ ଏବଂ ଶୁଭମନ ଗିଲ ଅପରାଜିତ ୯୩ ରନ କରିଥିଲେ।

ଉଲ୍ଲେଖ ଥାଉ କି ଦିଲ୍ଲୀ କ୍ୟାପିଟାଲ୍ସ ୧୪ଟି ମ୍ୟାଚ୍ ରୁ ୭ଟିରେ ଜିତିଛି ଏବଂ ୬ଟି ମ୍ୟାଚ୍ ହାରିଛି, ଗୋଟିଏ ମ୍ୟାଚ୍ ଫଳାଫଳ ଆସିପାରି ନ ଥିଲା। ୧୫ ପଏଣ୍ଟ ସହିତ, ଦିଲ୍ଲୀ ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନରେ ତା'ର ଯାତ୍ରା ଶେଷ କରିଛି। ଶନିବାର ଖେଳାଯାଇଥିବା ଶେଷ ମ୍ୟାଚ୍‌ରେ, ସମୀର ରିଜଭି ଦିଲ୍ଲୀ ପାଇଁ ଏକ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ। ସେ ୨୫ ବଲ୍‌ରେ ଅପରାଜିତ ୫୮ ରନ୍ କରିଥିଲେ। ଦିଲ୍ଲୀ ୧୯.୩ ଓଭରରେ ୨୦୭ ରନର ଟାର୍ଗେଟ ହାସଲ କରି ୬ ୱିକେଟରେ ଜିତିଥିଲା।

## ଫେରିଲେ ହେଜଲଉଡ୍

ମୁମ୍ବାଇ, ୨୬।୫: ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପ୍ଲେଅଫରେ ନିଜର ସ୍ଥାନ ନିଶ୍ଚିତ କରିଛି ଦଳକୁ ଲିଗ୍ ପର୍ଯ୍ୟାୟରେ ଲକ୍ଷ୍ନୌ ବିପକ୍ଷରେ ଶେଷ ମ୍ୟାଚ୍ ଖେଳିବାକୁ ପଡିବ, ଯାହା ଶୀର୍ଷ ୨ ରେ ପହଞ୍ଚିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଏହା ପୂର୍ବରୁ, ଦଳ ପାଇଁ ଭଲ ଖବର ଆସିଛି ଘାତକ ଅଷ୍ଟ୍ରେଲିୟ ବୋଲର ଜୋଶ ହେଜଲଉଡ୍ ଭାରତ ଫେରିଛନ୍ତି, ସେ ଦଳରେ ଯୋଗ ଦେଇଛନ୍ତି।



ମେ ୮ ତାରିଖରେ ଆଇପିଏଲ ସ୍ଥଗିତ ହେବା ପରେ ଜୋଶ ହେଜଲଉଡ୍ ଘରକୁ ଚାଲିଯାଇଥିଲେ, ଟୁର୍ଣ୍ଣାମେଣ୍ଟ ପୁଣି ଆରମ୍ଭ ହେବା ପରେ ହେଜଲଉଡ୍ ଭାରତ ଫେରି ନଥିଲେ ତାଙ୍କର ଖେଳିବା ନେଇ ସନ୍ଦେହ ଥିଲା କାରଣ ସେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପର ଚୂଡ଼ାନ୍ତ ଦଳରେ ମଧ୍ୟ ଅଛନ୍ତି, ଯାହା ଜୁନ୍ ୧୧ରୁ ଅଷ୍ଟ୍ରେଲିଆ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ କିନ୍ତୁ କ୍ରିକେଟ୍ ଅଷ୍ଟ୍ରେଲିଆ ସ୍ପଷ୍ଟ କରିଥିଲା ଯେ ଭାରତ ଫେରିବାକୁ ଚାହୁଁଥିବା ଖେଳାଳିଙ୍କ ନିଷ୍ପତ୍ତିକୁ ବୋର୍ଡ ସମ୍ମାନ ଦେବ ଏବଂ ସେମାନଙ୍କୁ ସମର୍ଥନ କରିବ।ଅଷ୍ଟ୍ରେଲିୟ ଦ୍ରୁତ ବୋଲର ଆରସିବିକୁ ପ୍ଲେଅଫରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି, ଯାହା ଆପଣ ଏହି କଥାରୁ ଅନୁମାନ କରିପାରିବେ ଯେ ସେ ଏବେ ବି ଟୁର୍ଣ୍ଣାମେଣ୍ଟରେ ସର୍ବାଧିକ କେଟ୍ ନେଇଥିବା ଖେଳାଳିଙ୍କ ତାଲିକାରେ ଶ୍ରେଷ୍ଠ ୫ ବୋଲରଙ୍କ ମଧ୍ୟରେ ସେ ଅଛନ୍ତି ସେ ୧୦ଟି ମ୍ୟାଚ୍‌ରୁ ୧୮ଟି ୱିକେଟ୍ ନେଇଛନ୍ତି, ସେ ପର୍ପଲ କ୍ୟାପ୍ ହୋଲ୍ଡର ପ୍ରସିଦ୍ଧ କୃଷ୍ଣଙ୍କଠାରୁ ୪ଟି ୱିକେଟ୍ ପଛରେ ଅଛନ୍ତି।

### ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)

**ପଏଣ୍ଟ ତାଲିକା**

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୧୪ | ୦୯ | ୦୩ | ୧୯ |
| ଗୁଜରାଟ ଟାଇଟନ୍ସ | ୧୪ | ୦୯ | ୦୫ | ୧୮ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୧୩ | ୦୮ | ୦୪ | ୧୭ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୪ | ୦୮ | ୦୬ | ୧୬ |
| ଦିଲ୍ଲୀ କ୍ୟାପିଟାଲ୍ | ୧୪ | ୦୭ | ୦୫ | ୧୫ |
| ସନରାଇଜର୍ସ ହାଇଦ୍ରାବାଦ | ୧୪ | ୦୬ | ୦୭ | ୧୩ |
| କୋଲକାତା ନାଇଟ୍ ରାଇଡର୍ସ | ୧୪ | ୦୫ | ୦୭ | ୧୨ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୧୩ | ୦୬ | ୦୭ | ୧୨ |
| ରାଜସ୍ଥାନ ରୟାଲ୍ସ | ୧୪ | ୦୪ | ୧୦ | ୦୮ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୦୪ | ୦୯ | ୦୮ |

# ସନ୍‌ରାଇଜର୍ସଙ୍କୁ ସାନ୍ତ୍ୱନା



ନୂଆଦିଲ୍ଲୀ, ୨୬।୫: ୱିକେଟ୍ ରକ୍ଷକ ବ୍ୟାଟର୍ ହେନରିକ୍ କ୍ଲାସେଁଙ୍କ ଧୂଆଁଧାର ଶତକ ବଳରେ ସନ୍‌ରାଇଜର୍ସ ହାଇଦ୍ରାବାଦ ଚଳିତ ଆଇପିଏଲ୍‌ର ୬୮ତମ ମ୍ୟାଚ୍‌ରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍)କୁ ୧୧୦ ରନ୍‌ର ବଡ଼ ବ୍ୟବଧାନରେ ପରାସ୍ତ କରିଛି। ଫଳରେ ଗତଥର ବିଜେତା କେକେଆର୍ ଚର୍ତୁଦଶ ମ୍ୟାଚ୍‌ରୁ ସପ୍ତମ ପରାଜୟ ବରଣ କରି ନୈରାଶ୍ୟଜନକ ଭାବେ ଅଭିଯାନ ଶେଷ କରିଛି ହାଇଦ୍ରାବାଦ ଷଷ୍ଠ ବିଜୟ ସହ ଷଷ୍ଠରେ ଅଭିଯାନ ଶେଷ କରିଛି କୋଲକାତା ସପ୍ତମରୁ ଅଷ୍ଟମରୁ ଖସିଛି ।

ମ୍ୟାଚ୍ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଆଧିପତ୍ୟ ବିସ୍ତାର କରିଥିବା ସନ୍‌ରାଇଜର୍ସ ୨୭୯ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟ ଦେଇଥିଲା କେକେଆର୍ ୮ ବଲ୍ ପୂର୍ବରୁ ମାତ୍ର ୧୬୮ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା । ୨୭୯ ରନ ଲକ୍ଷ୍ୟର ଜବାବରେ କୋଲକାତା ମାତ୍ର ୧୬୮ ରନ କରି ଅଲଆଉଟ ହୋଇଯାଇଥିଲା। କୋଲକାତା ପକ୍ଷରୁ ମନିଷ ପାଣ୍ଡେ ୩୭ ରନ କରିଥିବାବେଳେ ହର୍ଷିତ ରାଣା ୩୪ ରନ ଓ ସୁନୀଲ ନାରାୟଣ ୩୧ ରନ କରିଥିଲେ। ହାଇଦ୍ରାବାଦ ପକ୍ଷରୁ ଜୟଦେବ ଉନାଦକଟ, ହର୍ଷ ଦୁବେ ଓ ଇଶାନ ମାଲିଙ୍ଗା ୩ଟି ଲେଖାଏଁ ୱିକେଟ ନେଇଥିଲେ ।

ସନ୍‌ରାଇଜର୍ସ ବ୍ୟାଟର୍ ପୂର୍ବରୁ ପୂରା ନିର୍ଭୀକ ବ୍ୟାଟିଂ କରିଥିଲେ ଦୁଇ ଓପନର୍ ଟ୍ରାଭିସ୍ ହେଡ୍ ଓ ଅଭିଷେକ ଶର୍ମା ବିସ୍ଫୋରକ ବ୍ୟାଟିଂ କରି ଦଳୀୟ ସ୍କୋର୍‌କୁ ୭ ଓଭର ପୂର୍ବରୁ ୯୦ ରନ୍ ପାର କରାଇ ଦେଇଥିଲେ। ଉଭୟ ସୁନୀଲ ନାରାୟଣଙ୍କ ଶିକାର ହେବା ପରେ କିନ୍ତୁ କ୍ଲାସେଁ ଅଦିନିଆ। ରନ୍ ଝଡ଼ ସୃଷ୍ଟି କରିଥିଲେ। ଛକା, ଚୌକା ବର୍ଷା କରି ମାତ୍ର ୩୭ ବଲ୍‌ରୁ ଶତକ ପୂରଣ କରିଥିଲେ। ଯାହା ଥିଲା ଆଇପିଏଲ୍ ଇତିହାସର ତୃତୀୟ ଦ୍ରୁତତମ ।କେକେଆର୍ ବୋଲରମାନେ ଏହି ଦଳକୁ ଆଇପିଏଲ୍ ଇତିହାସର ତୃତୀୟ ସର୍ବୋଚ୍ଚ ଦଳଗତ ସ୍କୋର୍ କରିବାରୁ ରୋକି ପାରି ନଥିଲେ ।ପ୍ରଥମ ଦୁଇ ସର୍ବୋଚ୍ଚ ସ୍କୋର୍ ମଧ୍ୟ ସନ୍‌ରାଇସର୍ସ ହାଇଦ୍ରାବାଦ ନାଁରେ ହିଁ ରହିଛି। ସନ୍‌ରାଇଜର୍ସ ୨୦୦୪ରେ ଆରସିବି ବିପକ୍ଷରେ କରିଥିବା ୨୮୭/୩ ଏବଂ ଚଳିତବର୍ଷ ରାଜସ୍ଥାନ ରୟାଲସ ବିପକ୍ଷରେ କରିଥିବା ୨୮୬/୬ ଏହି ତାଲିକାର ପ୍ରଥମ ଦୁଇ ସ୍ଥାନରେ ରହିଛି ।ପୁଣି ଚତୁର୍ଥ ସର୍ବୋଚ୍ଚ ସ୍କୋର୍ (ବନାମ ମୁମ୍ବାଇ ଇଣ୍ଡିଆନ୍ସ ୨୭୭/୩) ବି ସନ୍‌ରାଇଜର୍ସ ଖାତାରେ ରହିଛି। ଏଣୁ ଆଇପିଏଲ୍ ଇତିହାସର ପ୍ରଥମ ଚାରି ସର୍ବୋଚ୍ଚ ସ୍କୋର୍ କରିବାର ବିରଳ ରେକର୍ଡ ମଧ୍ୟ ସନ୍‌ରାଇଜର୍ସ ରବିବାର କରିଛି। ସଂକ୍ଷିପ୍ତ ସ୍କୋର୍: ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୨୭୮/୩ (ହେନରିକ୍ କ୍ଲାସେଁ ୧୦୫*, ଟ୍ରାଭିସ୍ ହେଡ୍ ୭୬, ଅଭିଷେକ ଶର୍ମା ୩୨, ଇଶାନ କିଶନ ୨୯, ସୁନୀଲ ନାରାୟଣ ୨/୪୨) କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୧୬୮ (ମନୀଷ ପାଣ୍ଡେ ୩୭, ହର୍ଷିତ ରାଣା ୩୪, ଜୟଦେବ ଉନାଦକଟ ୩/୨୪, ଇଶାନ ମାଲିଙ୍ଗା ୩/୩୧, ହର୍ଷ ଦୁବେ ୩/୩୪)।

## ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଜିଟି ଟିମ୍ ପତାକା ବ୍ୟାନ୍ ?

ଚେନ୍ନାଇ ୨୬/୦୫: ରବିବାର, ଚେନ୍ନାଇ ସୁପର କିଙ୍ଗସ୍ ଚଳିତ ସିଜିନର ଶେଷ ମ୍ୟାଚ୍ ଖେଳିଥିଲା। ତେବେ ଏହି ମ୍ୟାଚ୍‌ରେ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ବଡ଼ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରି, ଏମଏସ ଧୋନି



ଏବଂ କମ୍ପାନୀ ୨୩୦ ରନ କରିଥିଲେ । ଯେଉଁଥିରେ ଡୋଲ୍ଡ ବ୍ରେଭିସ୍ ୨୩ ବଲରେ ୫୭ ରନ କରିଥିଲେ। ଜବାବରେ, ସମଗ୍ର ଗୁଜରାଟ ଦଳ ୧୪୭ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହି ମ୍ୟାଚ୍‌ରେ ଜଣେ ପ୍ରଶଂସକ ଗମ୍ଭୀର ଅଭିଯୋଗ ଆଣି କହିଥିଲେ ଯେ ଷ୍ଟାଡିୟମ ଭିତରକୁ ଗୁଜରାଟ ଟାଇଟନ୍ସ ପତାକା ନେବାକୁ ଅନୁମତି ଦିଆଯାଉନାହିଁ।

ପ୍ରଶଂସକମାନଙ୍କୁ ଏପରି ଲାଗିଲା ଯେପରି ସେମାନେ ଶେଷ ଥର ପାଇଁ ଏମଏସ ଧୋନିଙ୍କୁ ଖେଳାଳି ଭାବରେ ଭୂମିରେ ଦେଖୁଛନ୍ତି। ଯାହାହେଉ, ଧୋନି ଯେଉଁଠାରେ ଖେଳନ୍ତି, ତାଙ୍କ ପ୍ରଶଂସକମାନେ ସେଠାରେ ପହଞ୍ଚିଯାଆନ୍ତି । ନରେନ୍ଦ୍ର ମୋଦି ଷ୍ଟାଡିୟମ ଗୁଜରାଟର ଘରୋଇ ପଡ଼ିଆ, କିନ୍ତୁ ରବିବାର ଏହାକୁ ସମ୍ପୂର୍ଣ୍ଣ ହଳଦିଆ ରଙ୍ଗ କରାଯାଇଥିଲା। ଅଧିକାଂଶ ପ୍ରଶଂସକ ଜର୍ସି ପିନ୍ଧି ଆସିଥିଲେ, କିନ୍ତୁ ଏହି ସମୟ ମଧ୍ୟରେ ଏକ ଅଭିଯୋଗପୂର୍ଣ୍ଣ ଟ୍ୱିଟ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।

# ଆୟରଙ୍କୁ ନେଇ ପ୍ରଶ୍ନ ଉଠାଇଲେ ସେହୱାଗ





ନୂଆଦିଲ୍ଲୀ, ୨୬।୫: ଜୁନ୍ ୨୦ରୁ ଆରମ୍ଭ ହେଉଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଗୁରୁତ୍ୱପୂର୍ଣ୍ଣ ଭାରତ-ଇଂଲଣ୍ଡ ଶୃଙ୍ଖଳା ପାଇଁ ଟିମ୍ ଇଣ୍ଡିଆର ଦଳ ଘୋଷଣା କରାଯାଇଛି। କରୁଣ ନାୟାର ୮ ବର୍ଷ ପରେ ଫେରିବା ପରେ ଶୁଭମନ ଗିଲ ଦଳର ଅଧିନାୟକ ହୋଇଛନ୍ତି। ସାଇ ସୁଦର୍ଶନ ଏବଂ ଅନେକ ଯୁବ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଛି। ତଥାପି, ଶ୍ରେୟସ ଆୟରଙ୍କ ପ୍ରଦର୍ଶନ ଭଲ ହୋଇଥିଲେ ମଧ୍ୟ ତାଙ୍କୁ ସ୍ଥାନ ମିଳିନାହିଁ। ଅନେକ ପ୍ରଶଂସକ ଏଥିରେ କ୍ଷୁବ୍ଧ ଏବଂ ଅଜିତ ଅଗରକରଙ୍କ ନେତୃାଧୀନ ଚୟନ କମିଟି ଉପରେ ପ୍ରଶ୍ନ ଉଠାଇଛନ୍ତି। ବୀରେନ୍ଦ୍ର ସେହାଗ ମଧ୍ୟ ଏହା ଉପରେ ପ୍ରଶ୍ନ ଉଠାଇଥିଲେ।

ପୂର୍ବତନ ଭାରତୀୟ କ୍ରିକେଟର ବୀରେନ୍ଦ୍ର ସେହାଗ ଇଂଲଣ୍ଡ ଗସ୍ତରୁ ଶ୍ରେୟସ ଆୟରଙ୍କୁ ବାଦ ଦେବା ଉପରେ ବିସିସିଆଇକୁ ପ୍ରଶ୍ନ କରିଥିଲେ। ସେ କହିଛନ୍ତି ନିଶ୍ଚିତ ଭାବରେ, ତାଙ୍କୁ ତାଙ୍କ ଅଧିନାୟକତ୍ୱ ପାଇଁ ବହୁତ ଶ୍ରେୟ ମିଳେ ନାହିଁ। ଅନ୍ୟପଟେ ମନୋଜ (ତିୱାରୀ) ମଧ୍ୟ କହିଛନ୍ତି ଯେ ରିଷଭ ପନ୍ତଙ୍କୁ ଅଧିନାୟକତ୍ୱ ମିଳିଲା ନାହିଁ କାରଣ ତାଙ୍କର ଆଇପିଏଲ ସିଜିନ୍ ଭଲ ନଥିଲା। କିନ୍ତୁ ଆୟରଙ୍କର ଏକ ଭଲ ସିଜିନ୍ ଥିଲା । ସେ ଟେଷ୍ଟ କ୍ରିକେଟ୍ କାହିଁକି ଖେଳିପାରିବେ ନାହିଁ? ସେ ନିଶ୍ଚିତ ଭାବରେ ତିନୋଟି ଫର୍ମାଟ୍ ଖେଳିପାରିବେ।

ଶ୍ରେୟସ ଆୟର ଆଇପିଏଲ ସିଜିନ ୧୮ ରେ ସବୁଠାରୁ ଭଲ ଫର୍ମରେ ଥିବା ବ୍ୟାଟସମ୍ୟାନଙ୍କ ମଧ୍ୟରୁ ଜଣେ ସେ ଏହି ସିଜିନରେ ଖେଳାଯାଇଥିବା ୧୩ ଟି ମ୍ୟାଚରେ ୪୮୮ ରନ କରିଛନ୍ତି। ୨୦୧୪ ପରେ ଏହା ପ୍ରଥମ ଥର ଯେ ପଞ୍ଜାବ କିଙ୍ଗ୍ସ ପ୍ଲେଅଫରେ ପହଞ୍ଚିଛି, ଏହା ମଧ୍ୟ ତାଙ୍କ ଅଧିନାୟକତ୍ୱରେ ଘଟିଥିଲା। ସେହାଗ ଚାହୁଁଥିଲେ ଯେ ଇଂଲଣ୍ଡ ଗସ୍ତ ପାଇଁ ଆୟରଙ୍କୁ ଦଳରେ ଚୟନ କରାଯାଉ। ସେହାଗ କହିଛନ୍ତି, ଯେତେବେଳେ ଆପଣ ଭଲ ଫର୍ମରେ ଥାଆନ୍ତି, ସେମାନଙ୍କୁ ଗସ୍ତରେ ନେବା ଭଲ, କାରଣ ସେମାନଙ୍କ ଭଲ ପ୍ରଦର୍ଶନ କରିବାର ସମ୍ଭାବନା ଅଧିକ ଥାଏ। ମୁଁ ତାଙ୍କୁ ଟେଷ୍ଟ ଦଳରେ ସାମିଲ କରିବାକୁ ଚାହୁଁଛି ।ଯଦି ସେ ଟେଷ୍ଟ କ୍ରିକେଟରେ ମଧ୍ୟ ସମାନ ମନୋଭାବ ଗ୍ରହଣ କରନ୍ତି, ତେବେ ଏହା ଦଳକୁ ଲାଭ ଦେବ ।ଆୟର ୨୦୨୧ ମସିହାରେ ତାଙ୍କର ଟେଷ୍ଟ ଡେବ୍ୟୁ କରିଥିଲେ ଏବଂ ୨୦୨୪ ଫେବୃଆରୀରେ ଇଂଲଣ୍ଡ ବିପକ୍ଷରେ ତାଙ୍କର ଶେଷ ଟେଷ୍ଟ ଖେଳିଥିଲେ। ଏହି ସମୟ ମଧ୍ୟରେ, ସେ ମୋଟ ୧୪ଟି ଟେଷ୍ଟ ମ୍ୟାଚ୍ ଖେଳିଛନ୍ତି।ଯେଉଁଥିରେ ସେ ୩୬.୮୬ ହାରରେ ୮୧୧ ରନ କରିଛନ୍ତି। ସେ ଏହି ଫର୍ମାଟରେ ଗୋଟିଏ ଶତକ ଏବଂ ୫ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

## ଖେଲୋ ଇଣ୍ଡିଆ ବିଚ୍ ପେନ୍‌ଚାକ୍ ସିଲାଟ୍

# ଓଡ଼ିଶାକୁ ୮ ପଦକ



ଭୁବନେଶ୍ୱର, ୨୬।୫: କେନ୍ଦ୍ର ଶାସିତ ଅଞ୍ଚଳ ଡାମନ-ଡିୟୁରେ ଆୟୋଜିତ ପ୍ରଥମ ଖେଲୋ ଇଣ୍ଡିଆ ବେଳାଭୂମି କ୍ରୀଡ଼ାର ପେନ୍‌ଚାକ୍ ସିଲାଟ୍‌ରେ ଓଡ଼ିଶା ଖେଳାଳିମାନେ ଐତିହାସିକ ପ୍ରଦର୍ଶନ କରିଛନ୍ତି ପ୍ରଶିକ୍ଷକ ଶ୍ରୀଧର ସାହୁ ଓ ଆଶୁତୋଷ ନାୟକଙ୍କ ତତ୍ତ୍ୱାବଧାନରେ ଓଡ଼ିଶାର ୨୦ଜଣିଆ ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୩ ରେପ୍ୟ ଓ ୫ କାଂସ୍ୟ ସହ ୮ ପଦକ ଜିତିଛି। ସଫଳତମ ତାରକା ଭାବେ ସୋହିଲ ଗୁରୁଙ୍ଗ ସୋଲୋ ଓ ଟେଣ୍ଡି ଇଭେଣ୍ଟ୍‌ରେ ଏକାକୀ ଦୁଇଟି ରେପ୍ୟ ପଦକ ଜିତିଛନ୍ତି। ଅନ୍ୟ ରୌପ୍ୟ ପଦକଟି ଅନନ୍ଦିତ ପାତ୍ର ଟେଣ୍ଡି ଇଭେଣ୍ଟ୍‌ରେ ହାସଲ କରିଛନ୍ତି ପୁରୁଷ ଗାଣ୍ଡା, ପୁରୁଷ ଓ ମହିଳା ରେଗୁ ଏବଂ ଟେଣ୍ଡି ଇଭେଣ୍ଟ୍‌ର ବ୍ୟକ୍ତିଗତ ବର୍ଗରେ ରୁଦ୍ର ପ୍ରତାପ ଷଡ଼ଙ୍ଗୀ, ରିତୁ ଗିଲ୍ ଦୁଇଟି କାଂସ୍ୟ ପଦକ ହାସଲ କରି ରାଜ୍ୟ ପଇଁ ଗର୍ବ ଓ ଗେରବ ଆଣିଛନ୍ତି।

ଓଡ଼ିଶା ଖେଳାଳିମାନେ ଶନିବାର ରାଜ୍ୟକୁ ଫେରିବା ପରେ ବିଜୁ ପଟ୍ଟନାୟକ ବିମାନବନ୍ଦରରେ ସେମାନଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାରେ ପେନ୍‌ଚାକ୍ ସିଲାଟ୍ ଆସୋସିଏସନ୍ ଓଡ଼ିଶାର ସଂପାଦକ ପ୍ରେମ୍ ସିଂହ ଥାପା ରେଫରି ଦାୟିତ୍ୱ ତୁଲାଇ ସମ୍ବର୍ଦ୍ଧିତ ହୋଇଥିଲା। ଏହି ସଫଳତା ଲାଗି କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ ସ୍ୱାଇଁ ଓଏସ୍‌ଡି ଧୀରଜ ପଟ୍ଟନାୟକଙ୍କ ସମେତ ଯୁବ ସମାଜସେବୀ ତଥା ପେନଚାକ୍ ସିଲାଟ୍ ଆସୋସିଏସନ୍ ଖୋର୍ଦ୍ଧାର ସଂପାଦକ ଜିତେନ୍ଦ୍ର କୁମାର ରାଉତ, ପେନ୍‌ଚାକ୍ ସିଲାଟ ଆସୋସିଏସନ୍ ଓଡ଼ିଶାର ସଭାପତି ତାପସ କୁମାର ରାୟ ଚୌଧୁରୀ, ଉପସଭାପତି ମନୋରଞ୍ଜନ ଭଞ୍ଜ, ଅରବିନ୍ଦ ବାରିକ, ବ୍ୟକ୍ତିଗତ ଉପଦେଷ୍ଟା ସୁମନ ମୋଦି ପ୍ରମୁଖ ଖେଳାଳିମାନଙ୍କୁ ଶୁଭକାମନା ଜଣାଇଛନ୍ତି।

## ଜୋକୋଭିଚଙ୍କୁ ୧୦୦ତମ ଏଟିପି ଟାଇଟଲ

ନୂଆଦିଲ୍ଲୀ, ୨୬।୦୫: ୨୪ ଥର ଗ୍ରାଣ୍ଡସ୍ଲାମ୍ ଚାମ୍ପିଅନ୍ ତଥା ସର୍ବିୟାର ପ୍ରସିଦ୍ଧ ଖେଳାଳି ନୋଭାକ ଜୋକୋଭିକ କ୍ୟାରିୟରେ ୧୦୦ତମ ଏଟିପି ଟାଇଟଲ୍ ହାସଲ କରିଛନ୍ତି। ସ୍ୱିଜରଲାଣ୍ଡରେ ଆୟୋଜିତ ଜେନେଭା ଓପନରେ ଚାମ୍ପିଅନ ହେବା ସହ



ସେ ଏହି ସଫଳତା ଲାଭ କରିଛନ୍ତି। ପୁରୁଷ ବର୍ଗ ଫାଇନାଲ୍‌ରେ ଦ୍ୱିତୀୟ ସିଡ୍ ଜୋକୋଭିକ ୫-୭, ୭-୬ (୭-୨), ୭-୬ (୭-୨) ସେଟ୍‌ରେ ପୋଲାଣ୍ଡର ହ୍ୟୁବର୍ଟ ହର୍କାଜଙ୍କୁ ପରାସ୍ତ କରିଥିଲେ। ମ୍ୟାଚ୍ ଜିତିବା ପାଇଁ ତାଙ୍କୁ ୩ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗିଯାଇଥିଲା ଓପନ ଏରାରେ ତୃତୀୟ ଖେଳାଳି ଭାବେ ଜୋକୋଭିକ୍ ୧୦୦ ଏଟିପି ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି। ପୂର୍ବରୁ ଜିମି କନ୍ନର୍ସ (୧୦୯ଟି) ଓ ରୋଜର ଫେଡେରର (୧୦୩ଟି) ଏହି କାରନାମା କରିଥିଲେ ।

# ୫୦ କୋଟିର ମାଲିକ ଟେଷ୍ଟ କ୍ରିକେଟର ନୂଆ ଅଧିନାୟକ

ମୁମ୍ବାଇ, ୨୬।୫: ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟିଛି। ରୋହିତ ଶର୍ମା, ବିରାଟ କୋହଲି ଓ ଆର ଅଶ୍ୱିନଙ୍କ ଅବସର ପରେ କିଏ ଭାରତୀୟ ଟେଷ୍ଟ୍ ଦଳର ପରବର୍ତ୍ତୀ ଅଧିନାୟକ ହେବ ? ବହୁଦିନ ହେବ ଲାଗିରହିଥିବା ସେ ଅଙ୍କକଷାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଜାତୀୟ ବରିଷ୍ଠ ଚୟନ ସମିତି ୨୫ ବର୍ଷୀୟ ପଞ୍ଜାବୀ ତାରକା ଶୁବମନ ଗିଲ୍‌ଙ୍କ ମୁଣ୍ଡରେ ସୁନାକଳସ ଢ଼ାଳିଛି। ଇଂଲଣ୍ଡ ଗସ୍ତ ଲାଗି ଗିଲ୍‌ଙ୍କୁ ଅଧିନାୟକ ଦାୟିତ୍ୱ ମିଳିଛି ।ଫଳରେ ଭାରତୀୟ କ୍ରିକେଟ୍‌ରେ ଏକ ନୂଆ। ଯୁଗର ଶୁଭାରମ୍ଭ ହୋଇଛି। ଅଧିନାୟକ ନିଯୁକ୍ତ ହେବା ପରେ ତାଙ୍କ ଗୌରବମୟ ଯାତ୍ରାର ଶୁଭକାମନା କରି ବହୁ ପୂର୍ବତନ କ୍ରିକେଟର୍ ଶୁଭେଚ୍ଛାବାର୍ତ୍ତା ପଠାଇଛନ୍ତି ।ସେହିଭଳି ଗିଲ୍‌ଙ୍କ ନେତୃତ୍ୱରେ ଇଂଲଣ୍ଡରେ ଭାରତ ଭଲ କରିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଗିଲ୍‌ଙ୍କୁ ଏହି ଗୁରୁ ଦାୟିତ୍ୱ ମିଳିବା ପରେ ତାଙ୍କ ସମ୍ପତ୍ତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଶୁଭମନ ଗିଲ୍ ସେପ୍ଟେମ୍ବର ୮, ୧୯୯୯ରେ ଏକ କୃଷକ ପରିବାରରେ ଜନ୍ମଗ୍ରହଣ କରିଥିଲେ। ପଞ୍ଜାବରେ ତାଙ୍କ ପ୍ରାଥମିକ ଶିକ୍ଷା ଶେଷ ହୋଇଥିଲା କ୍ରିକେଟ ଖେଳିବା ପସନ୍ଦ ଥିବାରୁ ଗିଲ୍ ପାଠ ପଢ଼ାକୁ ଅଧାରୁ ଛାଡ଼ି କ୍ରିକେଟକୁ ନିଜ ପେସା କରିଥିଲେ। ଏହି ଯୁବ ଡାହାଣହାତୀ ବ୍ୟାଟ୍ସମ୍ୟାନ୍ ୨୦୧୮ରେ ଆଇପିଏଲ୍ ଖେଳିବା ଆରମ୍ଭ କରିଥିଲେ। ଯଦି ଆମେ ତାଙ୍କ କ୍ୟାରିୟରକୁ ଦେଖିବା, ତେବେ ଭଲ ପ୍ରଦର୍ଶନ ହେତୁ ତାଙ୍କର ରୋଜଗାର ବର୍ଷକୁ ବର୍ଷ ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ୨୦୨୫ ମସିହାରେ ଶୁଭମନ ଗିଲଙ୍କ ମୋଟ ସମ୍ପତ୍ତି ୫୦କୋଟିରେ ପହଞ୍ଚିଛି ।ତାଙ୍କର ମାସିକ ରୋଜଗାର ବିଷୟରେ କହିବାକୁ ଗଲେ ସେ ମାସକୁ ୬୬,୦୯,୨୮୦ ଟଙ୍କା ରୋଜଗାର କରନ୍ତି।

# ସିଏସ୍‌କେର ଅଧିନାୟକ ରହିବେ ଋତୁରାଜ

ନୂଆଦିଲ୍ଲୀ, ୨୬।୫(ମହାଭାରତ): ଆଇପିଏଲ୍ ୨୦୨୬ରେ ଋତୁରାଜ ଗାୟକ୍‌ୱାଡ଼ ଚେନ୍ନାଇର କ୍ୟାପ୍ଟେନ୍ ରହିବେ। ଦଳର ଆଇକନ କୁହାଯାଉଥିବା ମହେନ୍ଦ୍ର ସିଂହ ଧୋନୀ ଏହି ସୂଚନା ଦେଇଛନ୍ତି ।କହୁଣୀରେ ଆଘାତ ଯୋଗୁ ଚଳିତ ସିଜନର ସେକେଣ୍ଡ ହାଫ୍‌ରେ ଖେଳିପାରି ନଥିଲେ। ଗାୟକୱାଡ଼ା ତାଙ୍କ ବଦଳରେ ଧୋନୀ କ୍ୟାପ୍ଟେନ୍ ଦାୟିତ୍ୱ ସମ୍ଭାଳିଥିଲେ ।

ତେବେ ଚଳିତ ଆଇପିଏଲ ଚେନ୍ନାଇ ପାଇଁ ଭଲ ନଥିଲା ଦଳ ପଏଣ୍ଟ ଟେବୁଲ୍‌ରେ ତଳଆଡ଼େ ରହିଥିଲା ହେଲେ ଶେଷ ମ୍ୟାଚ୍‌ରେ ଟେବୁଲ୍‌ରେ ଶୀର୍ଷରେ ଥିବା ଗୁଜରାଟ ଟାଇଟନ୍ସକୁ ୮୩ ରନ୍‌ର ବଡ଼ ବ୍ୟବଧାନରେ ପରାସ୍ତ କରି ହ୍ୟାପି ଏଣ୍ଡିଂ କରିଥିଲା।।

ମ୍ୟାଚ୍ ଶେଷ ପରେ ସମସ୍ତେ ଧୋନୀଙ୍କ ଆଇପିଏଲ୍ ଫ୍ୟୁଚର ନେଇ ଉକ୍ରଣ୍ଠାରେ ଥିଲେ ହେଲେ ସାମ୍ବାଦିକ ସମ୍ମିଳନୀରେ ଧୋନୀ ଦଳର ଅନ୍ୟ ବିଷୟରେ ମତ ରଖିଥିଲେ ବି ନିଜ ଅବସର ନେଇ କୌଣସି ପ୍ରତିକ୍ରିୟା ଦେଇନଥିଲେ। ଏହାକୁ ଏଡ଼ାଯାଇଥିଲେ। ତେବେ ୨୦୨୬ ପାଇଁ ଋତୁରାଜ ଗାୟକ୍‌ୱାଡ଼ ହିଁ କ୍ୟାପ୍ଟେନ୍ ରହିବେ ବୋଲି ସେ ସ୍ପଷ୍ଟ କରି ଦେଇଥିଲେ। ଏନେଇ ଧୋନୀ କହିଥିଲେ। ଦଳରେ କିଛି ଅଭାବ ରହିଯାଇଛି ।ଯାହାକୁ ଆମେ ପୂରଣ କରିବାକୁ ଚାହୁଁଛୁ କିନ୍ତୁ ସବୁଠାରୁ ଗୁରୁତ୍ପୂର୍ଣ୍ଣ କଥା ହେଉଛି ଯେତେବେଳେ ଋତୁ ପରବର୍ତ୍ତୀ ସିଜନରେ ଫେରିବେ, ଅତି କମରେ ଆମେ ତାଙ୍କୁ ଏପରି ଏକ ଦଳ ଦେଇପାରିବୁ ଯେଉଁଠାରେ ତାଙ୍କୁ କେବଳ ପ୍ଲେଇଂ ଇଲେଭେନରେ ଫିଟ୍ ହୋଇପାରିବେ। ତାଙ୍କୁ ଆଉ ବେଶି କିଛି ଚିନ୍ତା କରିବାକୁ ପଡିବ ନାହିଁ ।ରବିବାର ଅହମ୍ମଦାବାଦରେ ଚେନ୍ନାଇ ଓ ଗୁଜରାଟ ମଧ୍ୟରେ ଖେଳାଯାଇଥିବା ୬୭ ତମ୍ ମ୍ୟାଚରେ ଚେନ୍ନାଇ ପ୍ରଥମ ବ୍ୟାଟିଂ କରି ୨୩୦ ରନ୍ କରିଥିଲା ଟାର୍ଗେଟ୍‌ର ପିଛା କରି ପଡ଼ିଆକୁ ଓହ୍ଲାଇ ଥିବା ଗୁଜରାଟ ମାତ୍ର ୧୪୭ରେ ଅଲ୍ ଆଉଟ୍ ହୋଇ ଯାଇଥିଲା ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ